

୧୨ ଡିସେମ୍ବରରେ
'କିସ୍ କିସ୍ କୋ ପ୍ୟାର୍ କରୁଁ ୨'
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-121 ◆TUESDAY ◆28 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୨୧ ◆ମଙ୍ଗଳବାର ◆୨୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଆଜି ରାତିରେ ବାତ୍ୟା ମାଡ଼

## ମାଲକାନଗିରି ଦେଇ ଓଡ଼ିଶାରେ ପଶିବ 'ମୋନ୍ଥା'


■ **ଭୁବନେଶ୍ୱର, ୨୭।୧୦ (ସମିସ):** ମଙ୍ଗଳବାର ରାତିରେ ଆନ୍ଧ୍ରପ୍ରଦେଶର ମଛଲିପାଟନମ୍ - କଳିଙ୍ଗପଟ୍ଟନମ୍ ମଧ୍ୟବର୍ତ୍ତୀ କାକିନାଡ଼ା ନିକଟରେ ଭୀଷଣ ବାତ୍ୟା (ସିଭିୟର ସାଇକ୍ଲୋନ୍) ରୂପରେ ଏହା ସ୍ଥଳଭାଗକୁ ପ୍ରବେଶ କରିବ ମୋନ୍ଥା। ଭୂଭାଗ ସ୍ପର୍ଶ ସମୟରେ ପବନର ବେଗ ଘଣ୍ଟାପ୍ରତି ବେଗ ୯୦-୧୦୦ କିଲୋମିଟର ଓ ଝଟକା ପବନ ୧୧୦ କିଲୋମିଟର ପର୍ଯ୍ୟନ୍ତ ରହିବ। କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବା ପରେ ବାତ୍ୟା ମାଲକାନଗିରି ଜିଲ୍ଲା ଦେଇ ଓଡ଼ିଶା ପ୍ରବେଶ କରିବ। ୨୮ ବିଳମ୍ବିତ ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ବାତ୍ୟା ଓଡ଼ିଶାରେ ପ୍ରବେଶ କରିବା ପରେ ଦୁର୍ବଳ ହୋଇ ଗଭୀର ଅବପାତ ଅବସ୍ଥାରେ ଗତିକରିବ।

କାକିନାଡ଼ାର ଦୂରତା ମାଲକାନଗିରିଠାରୁ ମାତ୍ର ୨୦୦ କିମି ହୋଇଥିବାରୁ ଏହି ଜିଲ୍ଲା ଉପରେ ବାତ୍ୟାର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ହେବ। ମାଲକାନଗିରି ସମେତ କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁରରେ ଓ କଳାହାଣ୍ଡି ବାତ୍ୟା ଯୋଗୁଁ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହି ୬ ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୬୦-୭୦ କିମି ମଧ୍ୟରେ ରହିବ ଓ ଝଟକା ପବନ ୮୦ କିମି ପର୍ଯ୍ୟନ୍ତ ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ପବନ ସାଙ୍ଗକୁ ଏହି ୬ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେଣୁ ୨୮ରେ ୬ ଜିଲ୍ଲା ଓ ୨୯ ତାରିଖରେ ୪ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ବର୍ତ୍ତମାନ ସମୁଦ୍ର ମଧ୍ୟରେ ବାତ୍ୟା ଘଣ୍ଟାପ୍ରତି ୧୭ କିମି ବେଗରେ ଗତି କରୁଥିବା ବେଳେ ଏବେ ଏହା ▶ପୃଷ୍ଠା-୯

### ୨୮-୨୯ରେ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା

### ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି

### ୩୨ଟି ଟ୍ରେନ୍ ବାତିଲ୍; ୨ଟିର ଗତିପଥ ପରିବର୍ତ୍ତନ




## ଆଜିଠାରୁ ୨ ଦିନ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି

ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା, ଖୋର୍ଦ୍ଧା ଓ ପୁରୀରେ ଛୁଟି

ଗଣଶିକ୍ଷା ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ

■ **ଭୁବନେଶ୍ୱର, ୨୭ ।୧୦ (ସମିସ):** ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨ଦିନ ଯାଏଁ ବିଦ୍ୟାଳୟ ଓ ଅଙ୍ଗନବାଡ଼ିଗୁଡ଼ିକୁ ସରକାର ଛୁଟି ଘୋଷଣା କରିଛନ୍ତି। ମାତ୍ରାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା ସମେତ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଙ୍ଗଳବାର ଓ ବୁଧବାର ବନ୍ଦ ରହିବ। ▶ପୃଷ୍ଠା-୯

## ମରାମତି କାର୍ଯ୍ୟ ବନ୍ଦ; କଳିଙ୍ଗା ଘାଟି ରାସ୍ତା ସିଲ୍



■ **ଜି.ଉଦୟଗିରି, ୨୭।୧୦(ସମିସ):** ଭୂ-ସ୍ଖଳନ ପରେ କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ହୋଇପାରି ନଥିବା ବେଳେ ଏବେ ପୁଣିଥରେ ବାତ୍ୟା ମୋନ୍ଥା ଯୋଗୁଁ ଭୟ ଦେଖାଦେଇଛି। ଅତ୍ୟଧିକ ବର୍ଷା ହେଲେ ପୁଣି ଭୂ-ସ୍ଖଳନ ହୋଇ ରାସ୍ତା ଧୋଇନେବା ଡର ରହିଛି। ଅପରପକ୍ଷେ, ବାତ୍ୟାକୁ ଦୃଷ୍ଟିରେ ରଖି ରାସ୍ତା ▶ପୃଷ୍ଠା-୯

# ଆଜିଠୁ ୧୨ ରାଜ୍ୟରେ ଏସ୍ଆଇଆର୍




### ଓଡ଼ିଶାରେ ଏବେ ନୁହେଁ, ଆସାମ ପାଇଁ ପୃଥକ ଏସ୍ଆଇଆର୍

■ **ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି):** ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ କରିବାକୁ ନିର୍ବାଚନ କମିସନ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍ଆଇଆର୍ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ, କେରଳ, ଉତ୍ତରପ୍ରଦେଶ, ଆଣ୍ଡାମାନ-ନିକୋବର, ଛତିଶଗଡ଼, ଗୁଜରାଟ, ଗୋଆ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ। ଏହି ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରାଯାଇନାହିଁ। ସେହିପରି ଆସାମରେ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିଲେ ମଧ୍ୟ ଏସ୍ଆଇଆର୍ ପ୍ରକ୍ରିୟାରେ ଏହାକୁ ସାମିଲ କରାଯାଇ ନାହିଁ। ଆସାମ ପାଇଁ ସ୍ୱତନ୍ତ୍ର ନାଗରିକତା ଆଇନ ଥିବାରୁ ସେଠାରେ ପୃଥକ ଭାବେ ଏସ୍ଆଇଆର୍ କରାଯିବ। ଆସନ୍ତା ବର୍ଷ ପଶ୍ଚିମବଙ୍ଗ, ତାମିଲନାଡୁ, ପୁଡୁଚେରି ଏବଂ କେରଳରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୦୨୭ରେ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ହେବ।

ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି, ଏସ୍ଆଇଆର୍ ହେବାକୁ ଥିବା ଉପରୋକ୍ତ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତାକାଲିଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀଙ୍କୁ ତାଲିମ ଦିଆଯିବ। ନଭେମ୍ବର ୪ରୁ ଅଧିକାରୀମାନେ ଘରକୁ ଘର ବୁଲି ଫର୍ମ ପୂରଣ ସହିତ ତଥ୍ୟ ସଂଗ୍ରହ କରିବେ। ଏହି ପ୍ରକ୍ରିୟା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୯ ତାରିଖରେ ଭୋଟର ଚିଠା ତାଲିକା ପ୍ରକାଶ କରାଯିବ। ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଜାନୁଆରୀ ୮ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ଫେବୃଆରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ ୫୧ କୋଟି ଭୋଟର ସାମିଲ ହେବେ। ଭୋଟର ତାଲିକାରେ ସ୍ଥାନ ପାଇବା ଲାଗି ୧୨ଟି ପ୍ରମାଣ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ପଡ଼ିବ। ଏଥିରେ ଆଧାରକାର୍ଡ ସାମିଲ ଥିଲେ ମଧ୍ୟ ଏହାକୁ କେବଳ ପରିଚୟପତ୍ର ରୂପେ ଗ୍ରହଣ କରାଯିବ। କୌଣସି ଯୋଗ୍ୟ ଭୋଟର ଯେମିତି ଏହି ପ୍ରକ୍ରିୟାରେ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରାଯିବ। ସେହିପରି ଯେଉଁମାନେ ମତଦାନ କରିବାକୁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ବାଦ୍ ଦିଆଯିବ। ▶ପୃଷ୍ଠା-୯

ଇଣ୍ଡିଆ ମେରିଟାଇମ୍ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ୫୦ ହଜାର କୋଟିର ଏମ୍ଓୟୁ

■ **ଭୁବନେଶ୍ୱର,୨୭।୧୦(ସମିସ):** ଓଡ଼ିଶା ଏକ ସୁଦୃଢ଼ ବନ୍ଦର-ଆଧାରିତ ଅର୍ଥବ୍ୟବସ୍ଥା ନିର୍ମାଣ ପାଇଁ ପ୍ରତିବଦ୍ଧ। ଆମର ଏହି ପ୍ରୟାସ ରାଜ୍ୟର ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଏବଂ ନିଯୁକ୍ତି ଇଞ୍ଜିନରେ ପରିଣତ କରିବ, ଯାହା ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍ ସପ୍ତାହ ୨୦୨୫ର ଉଦଘାଟନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବନ୍ଦର କ୍ଷମତା ୨୦୪୭ ସୁଦ୍ଧା ୫୦୦ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ରାଜ୍ୟରେ ବନ୍ଦର ଭିତ୍ତିକ



ଅର୍ଥନୀତିକୁ ବଳ ଦେବା ପାଇଁ ପ୍ରାୟ ୫୦ ହଜାର କୋଟିର ଏଓୟୁ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବନ୍ଦର ଏବଂ ▶ପୃଷ୍ଠା-୯

## ଉପନିର୍ବାଚନ ବେଳେ ଛୁଟିରେ ଗଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଆସନ୍ତା ୧୧ ତାରିଖରେ ନୂଆପଡ଼ାରେ ଉପ ନିର୍ବାଚନ ଅନୁଷ୍ଠିତ ହେବ। ସୁରକ୍ଷା ଦୃଷ୍ଟିରୁ ନୂଆପଡ଼ା ଏକ ସମ୍ବେଦନଶୀଳ ଜିଲ୍ଲା ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏତିକିବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଲ ସିଂ ଛୁଟିରେ ଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଆସନ୍ତା ନଭେମ୍ବର ୧୫ ତାରିଖ ଯାଏଁ ଛୁଟିରେ ରହିବେ ବୋଲି ସୂଚନା ମିଳିଛି। ଗୃହ ବିଭାଗ ପକ୍ଷରୁ ଡିଜିଙ୍କୁ ଏ ▶ପୃଷ୍ଠା-୯

**ଦାୟିତ୍ୱରେ ରହିବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ**

## ହରଡ଼ଘଣାରେ ସରକାରୀ ବାବୁ

## ସମ୍ପତ୍ତି ତାଲିକା ଦେଲେ ନାହିଁ; ମିଳିବନି ପଦୋନ୍ନତି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଏବେ ହରଡ଼ଘଣାରେ ପଡ଼ିଛନ୍ତି ସରକାରୀ ବାବୁ। ଯେଉଁ ଅଧିକାରୀ ୨୦୨୪ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ଚଳିତ ବର୍ଷ ସେମାନେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସେହିପରି ୨୦୨୫ ମସିହାର ସମ୍ପତ୍ତି ତାଲିକା ଆସନ୍ତା ଜାନୁଆରୀ ୧ରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାକୁ ହେବ। ଯେଉଁମାନେ ଏହି ତାଲିକା ଦାଖଲ କରିବାରେ ବ୍ୟର୍ଥ ହେବେ, ସେମାନଙ୍କୁ ଆଗାମୀ ବର୍ଷ ବି ପଦୋନ୍ନତି ମିଳିବ ନାହିଁ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

ବିଭାଗ ପକ୍ଷରୁ କୁହାଯାଇଛି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବହୁ ସରକାରୀ କର୍ମଚାରୀ ସେମାନଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ଦାଖଲ କରିନାହାନ୍ତି। ସମ୍ପତ୍ତି ତାଲିକା ଦାଖଲ କରିବାର ସମୟସୀମା ବୃଦ୍ଧି ପାଇଁ ଇତିମଧ୍ୟରେ ବହୁ ଅନୁରୋଧ ବିଭାଗ ପାଖରେ ହସ୍ତଗତ ହୋଇଥିଲା। ବିଭାଗୀୟସ୍ତରରେ ଏହି ଅନୁରୋଧକୁ ବିଚାର କରାଯିବା ପରେ ପ୍ରଶାସନିକ ଶୃଙ୍ଖଳାକୁ ▶ପୃଷ୍ଠା-୯

**ଆଉ ବଢ଼ିବ ନାହିଁ ସମ୍ପତ୍ତି ତାଲିକା ଦାଖଲ ଅବଧି**

ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି

# ଲୁଟିନେଲେ ୨୫ ଲକ୍ଷ; କୋଟିଏ ଟଙ୍କାର ଗହଣା


■ **ବଣାଇଁ, ୨୭।୧୦ (ସମିସ):** ବଣାଇଁ ମୁଖ୍ୟ ସହରରେ ପ୍ରଥମଥର ପାଇଁ ଜଣେ ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି



ହୋଇଛି। ବ୍ୟବସାୟୀଙ୍କ ଘରେ ପଶି ୪ଜଣ ମୁଖାଧାରୀ ବନ୍ଧୁକ ମୁନରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ୨୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବଣାଇଁ ଥାନାଠାରୁ ମାତ୍ର ପାଞ୍ଚଶହ ମିଟର ଦୂର ବଜାର ଦାଣ୍ଡ ନିକଟରେ ଥିବା ରଶ୍ମି ଇଲେକ୍ଟ୍ରିକାଲ ଦୋକାନ ମାଲିକଙ୍କ ଘରେ ଏହି ସଶସ୍ତ୍ର ଡକାୟତି ହୋଇଛି।

ସୂଚନାନୁଯାୟୀ, ଘରେ ଦୋକନ ମାଲିକାଣୀ ତୃପ୍ତିରେଖା ସାହୁ ଓ ତାଙ୍କ ଝିଅ ନିକିତା ସାହୁ, ଦୋକାନରେ କାମ କରୁଥିବା ସହାୟକ ଶୋଇଥିଲେ। ମଧ୍ୟରାତ୍ରିରେ ହଠାତ୍ ୫ଜଣ ଦୁର୍ବୃତ୍ତ ଘରେ ପଶି ତଳେ ଶୋଇଥିବା ସହାୟକକୁ ପ୍ରଥମେ ପ୍ରବଳ ମାଡ଼ ମାରିବା ସହ ବାନ୍ଧି ଦେଇଥିଲେ। ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକ ଦେଇ ବ୍ୟବସାୟୀଙ୍କ ପତ୍ନୀଙ୍କୁ କବାଟ ଖୋଲିବାକୁ କହିବାକୁ କହିଥିଲେ। ସମ୍ପୃକ୍ତ ▶ପୃଷ୍ଠା-୯

## ପୂର୍ବତନ ପୁଲିସ କର୍ମଚାରୀଙ୍କ ପୁଅକୁ ହତ୍ୟା



ବଚସାରୁ ମାରିଦେଲେ ସାଙ୍ଗ; ୩ ବନ୍ଧୁ ଗିରଫ

■ **ଦେଓଗାଁ, ୨୭ ।୧୦ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଅନ୍ତର୍ଲା ଗାଁ ନିକଟରେ ଜଣେ ଯୁବକଙ୍କୁ ତାଙ୍କ ତିନିବନ୍ଧୁ ମିଶି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ, ଅନ୍ତର୍ଲା ଗ୍ରାମର ପୂର୍ବତନ ପୁଲିସ କର୍ମଚାରୀ ମୀନକେତନ ଭୋଇଙ୍କ ▶ପୃଷ୍ଠା-୯




## ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କଲେ ସିଜେଆଇ ଗଭାଇ

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶ ତଥା ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିଷ ଭୂଷଣ ରାମକୃଷ୍ଣ ଗଭାଇ ସୋମବାର କେନ୍ଦ୍ର ସରକାରଙ୍କୁ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଛନ୍ତି । ଏଥିସହ ସିଜେଆଇ ନିଯୁକ୍ତି ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଆଇନ ମନ୍ତ୍ରଣାଳୟ ତରଫରୁ ନିର୍ଦ୍ଦେଶ ମିଳିବା ପରେ ପରମ୍ପରା ଅନୁଯାୟୀ ସିଜେଆଇ ହିଁ ନିଜର ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିଥାନ୍ତି । ଏବେ ଦାୟିତ୍ୱରେ ଥିବା ପ୍ରଧାନ ବିଚାରପତି ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବ । ତାଙ୍କପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ ଓ ୨୦୨୭ ଫେବୃଆରୀ ୯ରେ ଅବସର ନେବେ । ସେ ୧୪ ମାସ ପାଇଁ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ । ନିୟମ ଅନୁସାରେ ସୁପ୍ରିମକୋର୍ଟଙ୍କ ବିଚାରପତି ୬୫ ବର୍ଷ ବୟସରେ ହିଁ ଅବସର ଗ୍ରହଣ କରିଥାନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ହରିୟାଣାର ପ୍ରଥମ ବିଚାରପତି ଭାବେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ । ପୂର୍ବର ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନିଜର ସ୍ମରଣୀୟ ରାୟ ପ୍ରଦାନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ ।

## ବାଂଲାଦେଶ ନକ୍ସାରେ ଉତ୍ତରପୂର୍ବ ଭାରତ

ଢାକା, ୨୭ ।୧୦(ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ପାକିସ୍ତାନ ସେନାର ଅନ୍ୟତମ ଜେନେରାଲ ସାହିର ସମସାଦ ମିର୍ଜାଙ୍କୁ ଏକ ବିବାଦୀୟ ମାନଚିତ୍ର ଉପହାରରେ ପ୍ରଦାନ କରିଛନ୍ତି । ଏହି ମାନଚିତ୍ରରେ ଭାରତର ଉତ୍ତରପୂର୍ବ ରାଜ୍ୟଗୁଡିକୁ ବାଂଲାଦେଶ ନିଜର ଅଞ୍ଚଳ ବୋଲି ଦର୍ଶାଇଛି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଅବଶ୍ୟ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ । ଏହି ମାନଚିତ୍ରରେ ଆସାମ ସମେତ ଅନ୍ୟ ଉତ୍ତରପୂର୍ବର ରାଜ୍ୟଗୁଡିକୁ ବାଂଲାଦେଶରେ ସାମିଲ କରାଯାଇଥିବାର ଦେଖା ଯାଇଛି । ୟୁନୁସ ମିର୍ଜାଙ୍କୁ 'ଆର୍ଟ ଅଫ୍ ଟ୍ରୁମ୍ଫ' ନାମକ ଏକ ବହିକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ବହିର ପ୍ରଚ୍ଛଦରେ ବାଂଲାଦେଶର ବିବାଦୀୟ ମାନଚିତ୍ର ଦେଖିବାକୁ ମିଳିଛି । ବହିର କଭରରେ ଉତ୍ତରପୂର୍ବରୁ ୭ଟି ରାଜ୍ୟକୁ ବାଂଲାଦେଶର ଅଂଶ ବୋଲି ଦର୍ଶାଯାଇଛି । ଏହାକୁ କଟ୍ଟରପନ୍ଥୀ ଇସ୍‌ଲାମିକ୍ ସଂଗଠନଗୁଡିକ ଗ୍ରେଟର ବାଂଲାଦେଶ ବୋଲି କହୁଛନ୍ତି ।

## ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବାକୁ କରିଛ କ'ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇବାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହାକୁ ରୋକିବା ପାଇଁ କି ପଦକ୍ଷେପ ନେଇଛ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କୁ ପଚାରିଛନ୍ତି । ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଆତ୍ମହତ୍ୟା ଘଟଣାର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଥିବା ମାର୍ଗଦର୍ଶିକାକୁ କିପରି ଭାବେ ପାଳନ କରାଯାଇଛି ତାହାର ସୂଚନା ଦେବା ପାଇଁ ରାଜ୍ୟ ଏବଂ କେନ୍ଦ୍ରମାନଙ୍କୁ ୮ ସପ୍ତାହ ସମୟ ଦେଇଛନ୍ତି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ । ଜୁଲାଇ ୨୫ରେ ସୁପ୍ରିମକୋର୍ଟ ୨ ମାସ ଭିତରେ ଘରୋଇ କୋଚିଂ କେନ୍ଦ୍ରର ପଞ୍ଜିକରଣ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଅଭିଯୋଗର ସମାଧାନ ପାଇଁ ନିୟମ ବନାଇବାକୁ କହିଥିଲେ ।

## ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

ଅଯୋଧ୍ୟା, ୨୭ ।୧୦(ଏଜେନ୍ସି): ଅଯୋଧ୍ୟାରେ ଭଗବାନ ଶ୍ରୀରାମ ଜନ୍ମଭୂମୀ ମନ୍ଦିର କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି । ସବୁ ମୂର୍ତ୍ତି ସ୍ଥାପନ କରାଯାଇଛି ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସୋମବାର ଘୋଷଣା କରିଛି । ମନ୍ଦିରରେ ଧ୍ୱଜଦଣ୍ଡ ସହ କଳସ ସ୍ଥାପନ କରାଯାଇଛି । ମୁଖ୍ୟ ମନ୍ଦିର ସମେତ ଭଗବାନ ଶିବ, ଗଣେଶ, ହନୁମାନ, ସୂର୍ଯ୍ୟଦେବ, ଦେବୀ ଭଗବତୀ, ଦେବୀ ଅର୍ଣ୍ଣପୂର୍ଣ୍ଣା ଓ ଶେଷ ଅବତାର ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସବୁ ପ୍ରତିମାଗୁଡିକୁ ମଧ୍ୟ ସ୍ଥାପନ କରାଯାଇଛି ।

## ପୁଣି ହାତକଡ଼ି ପିନ୍ଧାଇ ୫୦ ଭାରତୀୟଙ୍କୁ ବିଦା କଲା ଆମେରିକା

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ଆମେରିକାରୁ ପୁଣିଥରେ ଅପଦସ୍ଥ କରାଇ ପ୍ରବାସୀ ଭାରତୀୟଙ୍କୁ ପ୍ରତ୍ୟର୍ପଣ । ଶନିବାର ବିଳମ୍ବିତ ରାତିରେ ପ୍ରବାସୀଙ୍କୁ ନେଇ ଏକ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ଅବତରଣ କରିଥିଲା । ଏମାନଙ୍କ ହାତରେ ହାତକଡ଼ି ପଡ଼ିଥିଲା । ପ୍ରତ୍ୟର୍ପଣ ହୋଇଥିବା ୫୦ଜଣ ଭାରତୀୟଙ୍କ ମଧ୍ୟରେ କେବଳ ୩୫ ଜଣ ହରିୟାଣାର ଥିଲେ । ବିମାନରେ ଦୀର୍ଘ ୨୫ ଘଣ୍ଟା ଧରି ସେମାନଙ୍କ ହାତରେ ହାତକଡ଼ି ଥିଲା । ଏହି ୩୫ଜଣଙ୍କ ମଧ୍ୟରୁ ହରିୟାଣା କର୍ଣ୍ଣାଲ୍‌ର ୧୬, କଇଥାଲର ୧୪ ଓ କୁରୁକ୍ଷେତ୍ରର ୫ ଜଣ ସାମିଲ ରହିଛନ୍ତି । ସମସ୍ତଙ୍କୁ ନିଜ ଜିଲ୍ଲାକୁ ଅଣାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । ଏମାନେ ସମସ୍ତେ ଡଙ୍କି ରୁଟ୍ ଅର୍ଥାତ ଅବୈଧ ଭାବେ ପ୍ରବେଶ କରି ଆମେରିକାରେ ରହୁଥିଲେ ବୋଲି କଇଥାଲ ଡିଏସ୍‌ପି ଲଳିତ କୁମାର କହିଛନ୍ତି । ଏମାନଙ୍କ ବୟସ ୨୫ରୁ ୪୦ ବର୍ଷ ବୋଲି କୁହାଯାଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏମାନେ ରୋଜଗାର ତଥା ଚାକିରି ପାଇଁ ଆମେରିକା ଯାଇଥିଲେ । କିନ୍ତୁ ଶେଷରେ ଏମାନଙ୍କୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ବେରୋଜଗାର ଥିବାରୁ ଭାରତୀୟ ଯୁବକମାନେ ଉପାର୍ଜନ କରିବା ଲକ୍ଷ୍ୟରେ ବିଦେଶ ଯାଉଛନ୍ତି । କିନ୍ତୁ ସେମାନଙ୍କୁ ବିଦେଶରେ ଏହି ଭଳି ସମସ୍ୟାର ସମ୍ମୁଖୀନ ହେବା ସହ ଅପଦସ୍ତ ତଥା ଅପମାନିତ ହେବାକୁ ପଡୁଛି । ପୂର୍ବରୁ ମଧ୍ୟ ଆମେରିକା



ପଞ୍ଜାବ, ହରିୟାଣା, ଗୁଜରାଟର ଅବୈଧ ପ୍ରବାସୀଙ୍କୁ ପର୍ଯ୍ୟାୟକ୍ରମେ ଭାରତକୁ ପ୍ରତ୍ୟର୍ପଣ କରିଥିଲା । ଏହାକୁ ନେଇ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନକୁ ନିନ୍ଦା କରାଯାଇଥିଲା । ଏ ନେଇ ବିବାଦ ମଧ୍ୟ ସୃଷ୍ଟି ହୋଇଥିଲା ।

## ବିଶ୍ୱରେ ପ୍ରଥମ: ରୁଷ କ୍ରୁଜ୍ କ୍ଷେପଣାସ୍ତ୍ରକୁ ରୋକିପାରିବନି କୌଣସି ଡିଫେନ୍ସ ସିଷ୍ଟମ

ମସ୍କୋ, ୨୭ ।୧୦(ଏଜେନ୍ସି): ବିଶ୍ୱରେ ପ୍ରଥମଥର ପାଇଁ ରୁଷିଆ ପରମାଣୁ ଶକ୍ତି ଚାଳିତ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ରର ନାମ ବୁରେଭେସ୍ତିନିକ୍-୯ଏମ୍୭୩୯ ରଖାଯାଇଛି । ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କ୍ଷମତା ଅସୀମ ବୋଲି କୁହାଯାଇଛି । ଏହାର ସବୁ ପରୀକ୍ଷା କରାଯାଇ ସାରିଛି ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ରବିବାର ଭିଡିଓ କନଫରେନ୍ସରେ କହିଛନ୍ତି । ଏଭଳି କ୍ଷେପଣାସ୍ତ୍ର ବିଶ୍ୱରେ କୌଣସି ଦେଶ ପାଖରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପ୍ରଥମ ଏଭଳି ଅସ୍ତ୍ର ତିଆରି କରିବା ଅସମ୍ଭବ ବୋଲି ବିଶେଷଜ୍ଞମାନେ କହୁଥିଲେ । କିନ୍ତୁ ଏବେ ଏହା ସତରେ ପରିଣତ ହୋଇଛି । ଅକ୍ଟୋବର ୨୧ରେ ଏହି କ୍ଷେପଣାସ୍ତ୍ରର



ସଫଳ ପରୀକ୍ଷଣ କରାଯାଇଥିଲା ବୋଲି ରୁଷ ସେନା ମୁଖ୍ୟ ଭେଲେରି ଗେରେସିମୋଭ କହିଛନ୍ତି । ପରୀକ୍ଷା ଅବସରରେ ଏହି କ୍ଷେପଣାସ୍ତ୍ର ଦୀର୍ଘ ୧୫ ଘଣ୍ଟାର ଉଡାଣ ଭରିଥିଲା । ଏହି ଅବସରରେ ମିସାଇଲ ୧୪ ହଜାର କିମି ଦୂର ଯାତ୍ରା କରିଥିଲା । ତେବେ ଏହା ତା'ର ସର୍ବାଧିକ ଲକ୍ଷ୍ୟଭେଦ କ୍ଷମତା ନୁହଁ । ଏହି କ୍ଷେପଣାସ୍ତ୍ର ୧୪ ହଜାର କିମିରୁ ଅଧିକ ଦୂର ଯାତ୍ରା କରିପାରିବ । ଅର୍ଥାତ ଏହା ଅସୀମିତ ଦୂର ପର୍ଯ୍ୟନ୍ତ ଯାଇ ଟାର୍ଗେଟକୁ ମାଡ଼ କରିପାରିବ । ଏହା ଘଣ୍ଟାକୁ ୧୩୦୦ କିମି ବେଗରେ ଗତି କରିବ । ବୁରେଭେସ୍ତେନିକ ମିସାଇଲକୁ କୌଣସି ଡିଫେନ୍ସ ସିଷ୍ଟମ ଅଟକାଇପାରିବ ନାହିଁ ବୋଲି ସେ କହିଛନ୍ତି । ଏହି ମିସାଇଲ ଦ୍ୱାରା ରୁଷିଆ ଆମେରିକା ସମେତ ବିଶ୍ୱର ଯେକୌଣସି ସ୍ଥାନକୁ ଲକ୍ଷ୍ୟ କରି ଆକ୍ରମଣ କରିପାରିବ । ଏହି ମିସାଇଲ୍‌ର ଏକ ସ୍ୱତନ୍ତ୍ରତା ରହିଛି । ସାଧାରଣ ବାଲାଷ୍ଟିକ୍ ମିସାଇଲ୍ ଅନ୍ତରିକ୍ଷରେ ପୂର୍ବରୁ ନିଶ୍ଚିତ କରାଯାଇଥିବା ପଥ ଦେଇ ଗତି କରିଥାଏ । କିନ୍ତୁ ଏହି ମିସାଇଲ୍ ଭୂମିଠାରୁ ୫୦- ୧୦୦ ମିଟର ଉଚ୍ଚରେ ଯାତ୍ରା କରିବ ଓ ଗତିପଥ ପରିବର୍ତ୍ତନ କରିପାରିବ । ତେଣୁ ଏହାକୁ ଟ୍ରେସ୍ କରି ନିଷ୍କ୍ରିୟ କରିବା ଏକ ପ୍ରକାର ଅସମ୍ଭବ ବୋଲି କୁହାଯାଇଛି ।

### ସୁପ୍ରିମକୋର୍ଟରେ ବୁଲାକୁକୁର ମାମଲା

## ସତ୍ୟପାଠ ଦେଉନାହାନ୍ତି ରାଜ୍ୟ

### ସୁପ୍ରିମକୋର୍ଟ କ୍ଷୁବ୍ଧ; ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ହାଜିରା ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ଅଗଷ୍ଟରେ ଦିଆଯାଇଥିବା ରାୟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଗୁଡିକୁ ଭର୍ତ୍ସନା କରିଛନ୍ତି । ବୁଲା କୁକୁରଙ୍କୁ ଧରି ବନ୍ଧ୍ୟାକରଣ କରି ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ନିର୍ଦ୍ଦେଶକୁ ପାଳନ କରାଯାଇ ନ ଥିବାରୁ ସାରା ଦେଶରେ କୁକୁର କାମୁଡା ମାମଲା ବୃଦ୍ଧି ପାଇବାରେ ଲାଗିଛି । ଏହା ଅତ୍ୟନ୍ତ ବିରକ୍ତି କର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିଥିବା ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡ଼ି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଜବାବ ତଲବ କରିଛନ୍ତି । ପଶୁଙ୍କ ଜନ୍ମ ନିୟନ୍ତ୍ରଣ (ଏବିସି)କୁ ନେଇ କି ପଦକ୍ଷେପ ନିଆଯାଇଛି ତାହା ଉପରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ।

ନିଜ ଆଡୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ, ସଞ୍ଜୀବ ମେହେଟ୍ଟା ଏବଂ ଏନ. ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଗତ କିଛି ଦିନ ହେଲା ଦେଶରେ ଘଟିଥିବା କୁକୁର କାମୁଡା ଘଟଣାର ଉଦାହରଣ ଦେଇଥିଲେ । ମହାରାଷ୍ଟ୍ର, କେରଳ, ତେଲଙ୍ଗାନାରେ ଘଟଣା ବିଷୟରେ ଉଲ୍ଲେଖ କରି ରାଜ୍ୟ ସରକାରଗୁଡିକ ନିୟମ ପାଳନ କରୁ ନ ଥିବାରୁ କଠୋର ଭାଷାରେ ସମାଲୋଚନା କରିଥିଲେ । ଖଣ୍ଡପୀଠ କହିଥିଲେ ଯେ କୁକୁର କାମୁଡା ଜନିତ ଘଟଣା ବିଦେଶରେ ଦେଶର ଛବିକୁ ଖରାପ କରୁଛି । କୋର୍ଟଙ୍କ ନିର୍ଦ୍ଦେଶକୁ ଦୁଇ ମାସ ବିତି ଯାଇଥିଲେ ବି ଏହା ଉପରେ କୌଣସି ପ୍ରତିକ୍ରିୟା ଦିଆଯାଉ ନାହିଁ । ଏହାର କାରଣ ଦର୍ଶାଇବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଥିଲେ । ଖବର କାଗଜ ପଢୁଛନ୍ତି କି ନାହିଁ ବୋଲି ପଚାରି ଥିଲେ । ଏହା ପରେ ଆସନ୍ତା ସୋମବାର ୧୦ଟା୩୦ରେ ବ୍ୟକ୍ତିଗତ ଭାବେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି ନିର୍ଦ୍ଦେଶ ନ ମାନିବେ ତେବେ ଜୋରିମାନା



ସହିତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି ।

ଖଣ୍ଡପୀଠ କହିଥିଲେ ଯେ ଦିଲ୍ଲୀ ପୌରପାଳିକା, ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡି ଆଉ କୌଣସି ରାଜ୍ୟ ସତ୍ୟପାଠ ଦାଖଲ କରିନାହାନ୍ତି । ଦିଲ୍ଲୀ ସରକାର ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ବିଫଳ ହୋଇଛନ୍ତି । ଅନେକ ରାଜ୍ୟ ନିୟମ ପାଳନ କରିନାହାନ୍ତି । ଏପରିକି କୋର୍ଟରେ ରାଜ୍ୟମାନଙ୍କ ପ୍ରତିନିଧି ମଧ୍ୟ ଉପସ୍ଥିତ ନ ଥିଲେ ।

## ବିନା ଚାକିରିରେ ୩୮ ଲକ୍ଷ ଦରମା ପାଇଛନ୍ତି ପତ୍ନୀ

ଜୟପୁର, ୨୭।୧୦ (ଏଜେନ୍ସି): ରାଜସ୍ଥାନରୁ ଏକ ଚାଞ୍ଚଲ୍ୟକର ମାମଲା ସାମନାକୁ ଆସିଛି । ଆଜିର ଦୁନିଆରେ କାମ ନ କଲେ କେହି ଟଙ୍କାଟିଏ ଦେବାକୁ କୁଣ୍ଠା ହେଉଥିବାବେଳେ ଜଣେ ମହିଳା ବିନା ଚାକିରିରରେ ୩୭.୫୪ ଲକ୍ଷ ଟଙ୍କା ଦରମା



ପାଇଛନ୍ତି । ଦିନଟେ ଅଫିସ ନ ଯାଇ ଏହି ମହିଳା ଗୋଟିଏ ନୁହେଁ, ଦୁଇ ଦୁଇଟି କମ୍ପାନୀରୁ ଦରମା ପାଇଛନ୍ତି । ମାସେ କି ଦୁଇ ମାସେ ନୁହେଁ, ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କ ଆକାଉଣ୍ଟକୁ ପ୍ରତି ମାସରେ ଦରମା ଆସିଛି । ଏହା କେବଳ ମହିଳାଙ୍କ ସରକାରୀ ଚାକିରିଆ ସ୍ୱାମୀଙ୍କ ପାଇଁ ସମ୍ଭବ ହୋଇପାରିଛି । ଦିନେ ଅଫିସ ନ ଯାଇ ରାଜସ୍ଥାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦୀକ୍ଷିତଙ୍କ ପତ୍ନୀ ପୁନମ ଦୀକ୍ଷିତ ୩୭.୫୪ ଲକ୍ଷ ଟଙ୍କା ଦରମା ପାଇଛନ୍ତି । ରାଜସ୍ଥାନ ହାଇକୋର୍ଟରେ ଏ ନେଇ ଏକ ଆବେଦନ ଦାଏର ହେବା ପରେ ମାମଲା ସାମ୍ନାକୁ ଆସିଛି ।

ସୂଚନା ଅନୁଯାୟୀ ପ୍ରଦ୍ୟୁମ୍ନଙ୍କ ପତ୍ନୀଙ୍କୁ ବେଆଇନ ଭାବେ ଦୁଇ କମ୍ପାନୀ ଓରିଅନପ୍ରୋ ସଲ୍ୟୁସନ ଏବଂ ଟ୍ରିଗ୍ରୀନ ସଫ୍ଟୱାର ଲିମିଟେଡ ଖାଲି କାଗଜପତ୍ରରେ ପୁନମଙ୍କୁ ନିଜ କର୍ମଚାରୀ ଦେଖାଇ ଥିଲେ । ସରକାରୀ ଟେଣ୍ଡର ପାଇବାରେ ଯୁଗ୍ମ ନିର୍ଦ୍ଦେଶକ ସହାୟତା କରିଥିବାରୁ ତାଙ୍କ ପତ୍ନୀଙ୍କ ପ୍ରତି ଏହି ଦୁଇ କମ୍ପାନୀ ଏଭଳି ଅନୁକମ୍ପା ଦେଖାଇ ଥିଲେ । ତେବେ ଏ ସବୁ ଯୁଗ୍ମ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ହୋଇଥିଲା । ଗତ ବର୍ଷ ସେପ୍ଟେମ୍ବର ୬ ତାରିଖରେ ରାଜସ୍ଥାନ ହାଇକୋର୍ଟ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଗତ ଜୁଲାଇ ୩ ତାରିଖରେ ଆଣ୍ଟି-କରପସନ ବ୍ୟୁରୋ (ଏସିବି) ଏହାର ତଦନ୍ତ ଆରମ୍ଭ କରିଥିଲା ।

ଯାଞ୍ଚରୁ ଜଣାପଡ଼ିଥିଲା ଯେ ଟେଣ୍ଡର ପାସ୍ କରିବା ବଦଳରେ ପତ୍ନୀଙ୍କୁ ମାସିକିଆ ଦରମା ପ୍ରଦାନ କରିବା ପାଇଁ ପ୍ରଦ୍ୟୁମ୍ନ ଦୁଇ କମ୍ପାନୀଙ୍କୁ କହିଥିଲେ । ୨୦୧୯ ଜାନୁଆରୀରୁ ୨୦୨୦ ସେପ୍ଟେମ୍ବର ମଧ୍ୟରେ ପୁନମଙ୍କ ୫ଟି ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ୩୭, ୫୪, ୪୦୫ ଟଙ୍କା ପଠା ଯାଇଥିଲା । ଏହି ଲାଞ୍ଚକୁ ଦରମା ଭାବେ ଦେଖା ଯାଇଥିଲା । ଏହି ଅବଧିରେ ମଧ୍ୟରେ ପୁନମ ଥରଟିଏ ବି କୌଣସି ଅଫିସକୁ କାମ କରିବାକୁ ଯାଇ ନ ଥିଲେ । ପତ୍ନୀଙ୍କ ପାଇଁ ସ୍ୱାମୀ ନିଜେ ଜାଲ୍ ଉପସ୍ଥାନ ଦେଉଥିଲେ । ପୁନମ ଏକାଥରକେ ଦୁଇ କମ୍ପାନୀରୁ ଦରମା ପାଉଥିଲେ । ଏହି ଅବଧିରେ ଉଭୟ କମ୍ପାନୀ ସରକାରୀ ଟେଣ୍ଡର ହାସଲ କରିଥିଲେ ।

### ସରକାରୀ ଚାକିରିଆ ସ୍ୱାମୀଙ୍କ କମାଲ

## ଭଉଣୀଙ୍କ ଅଶ୍ଳୀଳ ଏଆଇ ଫଟୋ, ଭିଡିଓ ଦେଖାଇ ବ୍ଲାକ୍‌ମେଲ

## ଆତ୍ମହତ୍ୟା କଲେ କଲେଜ ଛାତ୍ର



ଫରିଦାବାଦ୍, ୨୭ ।୧୦(ଏଜେନ୍ସି): ହରିୟାଣାର ଫରିଦାବାଦ୍‌ରୁ ଏକ ବିଚଳିତ କଲା ଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପ୍ରସ୍ତୁତ ୩ ଭଉଣୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ ବ୍ଲାକ୍‌ମେଲ କରାଯିବା ପରେ ବିଚଳିତ ହୋଇ ଜଣେ ୧୯ ବର୍ଷୀୟ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି । ଏହି ଛାତ୍ର ହେଉଛନ୍ତି ରାହୁଲ ଭାରତୀ । ଅଭିଯୁକ୍ତମାନେ ବ୍ଲାକମେଲ କରି ରାହୁଲଙ୍କୁ ୨୦ ହଜାର ଟଙ୍କା ଦେବାକୁ କହିଥିଲେ । ରାହୁଲ ଡିଏଭି କଲେଜରେ ଦ୍ୱିତୀୟ ବର୍ଷ ଛାତ୍ର । ଭଉଣୀଙ୍କ ଏଆଇ ଫଟୋ ଓ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଛାଡି ଦେବାକୁ ଅଭିଯୁକ୍ତ ମାନେ ଧମକ ଦେଇଆସୁଥିଲେ । ଫଳରେ ସେ ସଫାସ ପେଷ୍ଟିସାଇଡ୍ ଟାବଲେଟ୍ ଖାଇ ଆତ୍ମହତ୍ୟା କରିଥିଲେ । ରାହୁଲ ନିଜ ଭଉଣୀ ଓ ପରିବାର ସହ ଫରିଦାବାଦ୍‌ର ବାସେଲୱା କଲୋନୀରେ ରହୁଥିଲେ । ଏହି ମାମଲାରେ ଦୁଇଜଣଙ୍କୁ ଗିରଫ୍ କରି ପୁଲିସ ମାମଲା ରୁଜୁ କରିଛି । ଏମାନଙ୍କ ମଧ୍ୟରେ ରାହୁଲଙ୍କ ଜଣେ ବନ୍ଧୁ ମଧ୍ୟ ରହିଛନ୍ତି । ଦୁଇ ସପ୍ତାହ ତଳେ ଅଭିଯୁକ୍ତମାନେ ବ୍ଲାକ୍‌ମେଲ କରିବା ଆରମ୍ଭ କରିଥିଲେ । ରାହୁଲଙ୍କ ମୋବାଇଲ ଫୋନ୍‌କୁ ହ୍ୟାକ କରାଯିବା ପରେ ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇଥିଲା ବୋଲି ତାଙ୍କ ବାପା ମନୋଜ ପୁଲିସକୁ କହିଛନ୍ତି ।

## ୟୁପିଏସ୍‌ସି ଛାତ୍ରଙ୍କୁ ମାରିଥିଲେ ଲିଭ୍ ଇନ୍ ପାର୍ଟନର





ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଦିଲ୍ଲୀ ଗାନ୍ଧୀ ବିହାର ଅଞ୍ଚଳରେ ଅକ୍ଟୋବର ୬ରେ ଏକ ପୋଡ଼ା ମୃତଦେହ ଉଦ୍ଧାର କରାଯିବାର ରହସ୍ୟ ଉନ୍ମୋଚନ ହୋଇଛି । ହତ୍ୟାର ଶିକାର ହୋଇଥିବା ଯୁବକ ହେଉଛନ୍ତି ରାମକେଶ ମିନା । ସେ ୟୁପିଏସ୍‌ସି ଆଶୟୀ ଥିଲେ । ଏଥିପାଇଁ ପ୍ରସ୍ତୁତି କରୁଥିଲେ । ରାମକେଶଙ୍କୁ ତାଙ୍କ ଲିଭ୍ ଇନ୍ ପାର୍ଟନର ୨୧ ବର୍ଷୀୟା ଅମୃତା ଚୌହାନ ହତ୍ୟା କରିଥିଲେ । ସେ ନିଜର ପୂର୍ବତନ ପ୍ରେମିକ ଓ ତାଙ୍କ ବନ୍ଧୁମାନଙ୍କ ସହ ମିଶି ଏଭଳି ଜଘନ୍ୟ କାଣ୍ଡ କରିଥିଲେ । ପ୍ରଥମେ ତାଙ୍କ ତଣ୍ଟି ଚିପି ମାରି ଥିଲେ । ଏହା ପରେ ମୃତଦେହ ଉପରେ ଘିଅ ଓ ମଦ ଢ଼ାଳି ଜଳାଇ ଦେଇଥିଲେ । ପୁଲିସ ଅମୃତା ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି । ଅମୃତା ଫରେନସିକ ସାଇନ୍ସର ଛାତ୍ରୀ । ଗତ ମେ ମାସରୁ ଦୁହେଁ ଲିଭ୍ ଇନ୍‌ରେ ରହିଥିଲେ । ରାମେକେଶଙ୍କ ପାଖରେ ଅମୃତାଙ୍କର ଅଶ୍ଳୀଳ ଭିଡିଓ ଥିଲା । ବାରମ୍ବାର କହିବା ପରେ ମଧ୍ୟ ସେ ତାଙ୍କ ଭିଡିଓ ଡିଲିଟ୍ କରି ନ ଥିଲେ । ଫଳରେ ଅମୃତା ଚିନ୍ତିତ ହୋଇ ପଡିଥିଲେ । ଶେଷରେ ପୂର୍ବତନ ପ୍ରେମିକ ସୁମିତଙ୍କ ସହ ସେ ରାମକେଶଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ସୁମିତ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର ଥିଲେ । ସେ ଗ୍ୟାସ ସିଲିଣ୍ଡରେ ନିଆଁ ଲଗାଇ ବିସ୍ଫୋରଣ ଘଟାଇ ଥିଲେ ।

# ଚାଷୀଙ୍କୁ ପିଟିପିଟି ମାରିଲେ; ଥର୍ ଚଢ଼ାଇଦେଲେ ବିଜେପି ନେତା

ଭୋପାଳ, ୨୭।୧୦ (ଏଜେନ୍ସି): ମଧ୍ୟପ୍ରଦେଶରେ ଆଇନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି । କ୍ଷମତା ଏବଂ ଅର୍ଥ ବଳରେ ମଦମତ୍ତ ଥିବା ଜଣେ ବିଜେପି ନେତା ମଧ୍ୟପ୍ରଦେଶ ଗୁନା ଜିଲ୍ଲାର ଗଣେଶପୁରା ଗ୍ରାମରେ ଆତଙ୍କରାଜ ସୃଷ୍ଟି କରିଛନ୍ତି । ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୁର୍ଦ୍ଧାନ୍ତ ଖଳନାୟକ ଚରିତ୍ରଠାରୁ ବି ସେ ଅଧିକ ନିର୍ଦ୍ଦୟୀ ଏବଂ ନୃଶଂସ ପାଲଟି ଯାଇଛନ୍ତି । ଫିଲ୍ମ ଶୈଳୀରେ ଜଣେ ଚାଷୀ ରାମସ୍ୱରୂପଙ୍କୁ ନିଜ ଗୁଣ୍ଡାଙ୍କ ସହ ଘେରି ପ୍ରବଳ ମାଡ଼ ମାରିଛନ୍ତି । ହାତ ମଧ୍ୟ ଭାଙ୍ଗି ଦେଇଛନ୍ତି । ଏତିକିରେ ନିର୍ଦ୍ଦୟୀଙ୍କ କ୍ଷୁଧା ମେଣ୍ଟିଲାନି ଯେ ଚାଷୀଙ୍କ ଉପରେ ଥାର ଗାଡ଼ି ଚଢ଼ାଇ ଦେଇଛନ୍ତି । ବାପା ମାଡ଼ ଖାଉଥିବା ଦେଖି ଦୁଇ ଝିଅ ଏବଂ ପତ୍ନୀ ଛଡ଼ାଇବାକୁ ଆସିଥିଲା । ମାତ୍ର ବିଜେପି ବୁଥ୍ କମିଟିର ଅଧକ୍ଷ ମହେନ୍ଦ୍ର ନାଗର ଏବଂ ତାଙ୍କ ଚାମ୍‌ଚାମାନେ ଚାରିପଟୁ ଘେରି ସମସ୍ତଙ୍କୁ ଆକ୍ରମଣ କରିଥିଲେ । ଝିଅ ନେହୁରା ହେଉଥିବା ମାଆ ଏବଂ ଝିଅଙ୍କୁ ନିର୍ଦ୍ଦୂମ ମାଡ଼ ମାରିଥିଲେ । ଯୌନ ନିର୍ଯାତନା ମଧ୍ୟ ଦେଇଥିଲେ । ଏପରିକି ଝିଅମାନଙ୍କ ପୋଷାକ ଚିରି ଦେଇଥିଲେ । ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ପାଇଁ ଫାଙ୍କା ଗୁଳି ଚାଳନା ମଧ୍ୟ କରିଥିଲେ । ବନ୍ଧୁକ ଦେଖି କୌଣସି ଗ୍ରାମବାସୀ ଏହି ଗରିବ ଚାଷୀଙ୍କ ପରିବାରକୁ ବିଜେପି ନେତାଙ୍କ କବଳରୁ ଛଡ଼ାଇବାକୁ ଆସି ନ ଥିଲେ । ଯିଏ ଆସିବ ତାକୁ ଗୁଳି କରିଦେବେ ବୋଲି ବିଜେପି ନେତା ଧମକ ଦେଇଥିଲେ । ଶେଷରେ ଅଧମରା କରି ଚାଲି ଯାଇଥିଲେ । କିନ୍ତୁ ଚାଷୀଙ୍କ ପ୍ରତି କେହି ଦୟା ଦେଖାଇ ମେଡିକାଲ ନେଲେ ମାରିଦେବେ ବୋଲି କହିଥିଲେ । ତେଣୁ ଲୋକେ ସବୁ ଦେଖି ବି କିଛି କରି ନ ଥିଲେ । ଏମିତିକି ଅଧମରା ଅବସ୍ଥାରେ ଚାଷୀ ପଡ଼ିଥିବାବେଳେ ବିଜେପି ନେତାଙ୍କ ଗୁଣ୍ଡା ତାଙ୍କୁ ଜଗି ରହିଥିଲେ । ଚାଷୀଙ୍କୁ ମେଡିକାଲ ନେବାକୁ ବି ଅନୁମତି ଦେଇ ନ ଥିଲେ । ଶେଷରେ ଚିକିତ୍ସା ନ ପାଇ ଚାଷୀ ପଡ଼ି ପଡ଼ି ପ୍ରାଣ ହରାଇ ଥିଲେ ।

ଜମି ବିବାଦ ପାଇଁ ବିଜେପି ନେତା ଏଭଳି ଜଘନ୍ୟ କାଣ୍ଡ କରିଛନ୍ତି । ଦୀର୍ଘ ଦିନ ହେଲା ରାଜ୍ୟରେ କ୍ଷମତାସୀନ ଥିବା ବିଜେପି ସରକାରରେ ଆଇନ ଶୃଙ୍ଖଳା ସ୍ଥିତି କେମିତି ରହିଛି ଏହା ତାହାର କରୁଣ ଉଦାହରଣ । ଗତ ରବିବାର ଦ୍ୱିପହରେ ରାଜଧାନୀ ଭୋପାଳଠାରୁ ମାତ୍ର ୨୦୦ କିମି ଦୂରରେ ଏଭଳି ଘଟଣା ଘଟିଥିଲା । ଏହି ଅଞ୍ଚଳ ଫତେଗଡ଼ ଥାନା ଅଧିନରେ ଆସୁଛି । କିନ୍ତୁ ବିଜେପି ନେତା ମହେନ୍ଦ୍ରଙ୍କ ଭୟରେ ସ୍ଥାନୀୟ ପୁଲିସ ବି ମାମଲାରେ ହସ୍ତକ୍ଷେପ କରି ନ ଥିଲା । ଚାଷୀଙ୍କ ଝିଅ କାନ୍ଦି କାନ୍ଦି କହିଛନ୍ତି ଯେ ମାଆ ଏବଂ ବାପା କ୍ଷେତକୁ ଯାଉଥିବା ସମୟରେ ମହେନ୍ଦ୍ର, ହରିଶ ଏବଂ ଗୌତମ ସେମାନଙ୍କୁ ଆକ୍ରମଣ କରିଥିଲେ । ବାପା ସାହାଯ୍ୟ ପାଇଁ ଚିତ୍କାର କରିଥିଲେ ବି ଅପରାଧୀଙ୍କ ବନ୍ଧୁକ ଦେଖି କେହି ସହାୟତା ପାଇଁ ଆସି ନ ଥିଲେ । ବଞ୍ଚାଇବାକୁ ଯିବାରୁ ମୋତେ ତଳେ ପକାଇ ଦେଇଥିଲେ । ପୋଷାକ ଚିରି ଧମକାଇ ଥିଲେ । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ରାମସ୍ୱରୂପଙ୍କ କ୍ଷତାକ୍ତ ଶରୀର ଗାଁରେ ପଡ଼ି ରହିଥିଲା । ସ୍ଥାନୀୟ ଲୋକ କହିଛନ୍ତି ଯେ ଅଭିଯୁକ୍ତ ଏବଂ ତାଙ୍କ ଲୋକମାନେ ଆହତଙ୍କୁ ଡାକ୍ତରଖାନା ନ ନେବା ପାଇଁ କହିଥିଲେ । ସେମାନେ ଗଲା ପରେ ଚାଷୀଙ୍କୁ ଗୁନା ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଗ୍ରାମବାସୀ କହିଛନ୍ତି ଯେ ମହେନ୍ଦ୍ର ନାଗର ନାମ ଶୁଣିଲେ ଲୋକେ ଭୟ କରୁଛନ୍ତି । କେହି ତାଙ୍କ ବିରୋଧରେ କହିବାକୁ ସାହସ କରନ୍ତି ନାହିଁ । ସେ ବର୍ଷ ବର୍ଷ ଧରି ଅନ୍ୟମାନଙ୍କ ଜମି ହଡ଼ପ କରିଆସୁଛନ୍ତି । ମହେନ୍ଦ୍ର ଭୟରେ ୨୫ ଜଣ ଚାଷୀ ନିଜ ଚାଷ ଜମିକୁ



କମ୍‌ଦାମରେ ବିକ୍ରି କରି ଗାଁ ଛାଡ଼ି ପଳାଇଛନ୍ତି । ଏହାକୁ ପ୍ରତିବାଦ କଲେ ମାଡ଼ ମରାଯାଏ କିମ୍ବା ଗାଁରୁ ବାହାର କରିଦିଆଯାଏ । କିନ୍ତୁ ରାମସ୍ୱରୂପ ମୁଣ୍ଡ ନୁଆଁଇବାକୁ ମନା କରିଦେଇଥିଲେ । ଏହା ନ ମାନିବାରୁ ତାଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା । ରାଜସ୍ଥାନର ପଚଲାୱାଡାରେ ଛଅ ବିଘା ଜମିକୁ ନେଇ ବିବାଦ କେନ୍ଦ୍ରିତ ଥିଲା ।

ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ବିଭିନ୍ନ ଧାରା ଅନୁଯାୟୀ ମହେନ୍ଦ୍ର ନଗର, ଜିତେନ୍ଦ୍ର ନଗର ଏବଂ ସେମାନଙ୍କ ପରିବାରର ତିନି ଜଣ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରିଛି । ରାଜସ୍ଥାନ ଫଚତାୱାଡାର ୬ ବିଘା ଜମିକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା । ଅନ୍ୟପଟେ ମହେନ୍ଦ୍ର ଦଳର କାର୍ଯ୍ୟକର୍ତ୍ତା ବୋଲି ଜିଲ୍ଲା ବିଜେପି ଅଧ୍ୟକ୍ଷ ଧର୍ମେନ୍ଦ୍ର ସିକାରୱାର ସ୍ୱୀକାର କରିଛନ୍ତି । ଆଇନରୁ ଊର୍ଦ୍ଧ୍ୱରେ କେହି ନୁହଁନ୍ତି ବୋଲି ସେ କହିଛନ୍ତି । କିନ୍ତୁ ଏ ନେଇ ମହେନ୍ଦ୍ରଙ୍କ ବିରୋଧରେ କି ପଦକ୍ଷେପ ନିଆଯାଉଛି ତାହା ଦେଖିବା ବାକି ରହିଲା ।

■ ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

## ତିନି ସପ୍ତାହରେ ସତ୍ୟପାଠ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ

କଟକ, ୨୭ ।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମିରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଲାଗି ରହିଛି । ଏହାର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ସମୟ ଲୋଡ଼ିଥିବା ବେଳେ ଆସନ୍ତା ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ ।

ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସେହିଭଳି ସରକାରଙ୍କ ଜବାବ ଦାଖଲ କରିବାର ଏକ ସପ୍ତାହ ଭିତରେ ଆବେଦନକାରୀ ଚାହିଁଲେ ପ୍ରତିଜବାବ ଦାଖଲ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୨୪କୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ' ୨୦ରେ ସମାପ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି । ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ୨୦୨୩ ଜୁଲାଇ ୧୯ ପରଠାରୁ ଅଚଳ ହୋଇପଡ଼ିଛି । ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିପାଇଁ ୫ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା । ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି ।

■ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ପ୍ରସଙ୍ଗ

## ହାଇକୋର୍ଟରେ ଏଜିଙ୍କ ଜବାବ ଦାଖଲ

କଟକ, ୨୭।୧୦(ସମିସ): ବହୁଚର୍ଚ୍ଚିତ ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାର ସିବିଆଇ ତଦନ୍ତ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଛି । ଅନ୍ତଃରାଜ୍ୟ ରାକେଟ୍ ସମ୍ପୃକ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବା ପରେ ଏହାର ତଦନ୍ତ ଆରମ୍ଭ କରାଯାଇଛି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟରେ ଜବାବ ରଖିଥିଲେ । ଆବେଦନକାରୀ ଉତ୍ଥାପନ କରିଥିବା ପ୍ରସଙ୍ଗର ଆଉ ପ୍ରାସଙ୍ଗିକତା ନ ଥିବାରୁ ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇଛନ୍ତି । ପ୍ରକାଶଥାଉକି, ଏହି କେଲେଙ୍କାରୀ ଘଟଣାରେ ଚାକିରି ଦେବା ପାଇଁ ପ୍ରାର୍ଥୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନେ ଧରାପଡ଼ିନାହାନ୍ତି । ଏହାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୬୧(୨) ଅନୁସାରେ ସିବିଆଇକୁ ମାମଲା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ ।

ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି

# ୮ ଜିଲ୍ଲାରେ ୧୪୦ ଉଦ୍ଧାରକାରୀ ଦଳ ମୁତୟନ

■ ୧୪୪୫ ବାତ୍ୟା ଆଶ୍ରୟସ୍ଥଳୀକୁ ୩ ହଜାର ଲୋକ ସ୍ଥାନାନ୍ତର
■ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିହେଲେ ୧୪୯୬ ଆସନ୍ନପ୍ରସବା

ଭୁବନେଶ୍ୱର,୨୭।୧୦(ସମିସ): ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତଟରକ୍ଷୀ ବାହିନୀ ସହିତ ଆଲୋଚନା ହୋଇଛି । ସମୁଦ୍ର ମଧ୍ୟରେ ରହିଯାଇଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବରେ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସର୍ବାଧିକ ପ୍ରଭାବିତ ଆଶଙ୍କା ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ଦଳ ମୁତୟନ ହୋଇଛନ୍ତି । ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ୍ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଏହାକୁ ପୁନଃସଂସ୍ଥାପନ କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ସୋମବାର ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି ସମୀକ୍ଷା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଉନ୍ନୟନ କମିଶନର ଅନୁ ଗର୍ଗ, ଏସ୍ଆରସି ଡିକେ ସିଂ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା ପରେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ସେହିପରି ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି । ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଛତିଶଗଡ଼ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଏଥି ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି । ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।




ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହିଛନ୍ତି, ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା ହୋଇଛି । ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ପୂର୍ବାନୁମାନ ଅପେକ୍ଷା ବାତ୍ୟାର ପ୍ରଭାବ କମ ରହିବ । ଏଣୁ ଏ ନେଇ କୌଣସି ପ୍ରକାର ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

## ବିଜେପି ପାଇଁ କାମ କରୁଛନ୍ତି ନୂଆପଡ଼ା ଜିଲ୍ଲାପାଳ ଓ ଏସ୍‌ପି

ଭୁବନେଶ୍ୱର,୨୭।୧୦(ସମିସ): ନୂଆପଡା ଉପନିର୍ବାଚନରେ ପ୍ରଚାର ସରଗରମ ହେଉଥିବା ବେଳେ ଶାସକ ବିଜେପି ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ କରୁଛି । ଏପରିକି ସ୍ଥାନୀୟ ଜିଲ୍ଲାପାଳ ଓ ଏସ୍‌ପି ବିଜେପିକୁ ସମର୍ଥନ କରିବା ପାଇଁ କିଛି ବିଜେଡି କର୍ମୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି ।

ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି । ଏହି ସ୍ମାରକପତ୍ରରେ ବିଜେପି ସପକ୍ଷରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଓ ନୂଆପଡା ଏସପି ଅମ୍ରିତପାଲ ସିଂ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ବୋଲି ଦଳ ଅଭିଯୋଗ କରିଛି । ଉଭୟ ଜିଲ୍ଲାପାଳ ଓ ଏସପି ନିଜ ସରକାରୀ ପଦବୀର ଅପବ୍ୟବହାର କରି କିଛି ବିଜେଡି କର୍ମୀ ଓ ସମର୍ଥକଙ୍କୁ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି ।



### ବିଜେପି ପାଇଁ କାମ କରିବାକୁ ବିଜେଡିର କର୍ମୀ ଓ ସମର୍ଥକଙ୍କ ଉପରେ ଚାପ

ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାପାଳ ନିଜେ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ସନ୍ଦେହଘେରରେ ଆସିଥିବା ବେଳେ, ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ମାରକପତ୍ରରେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ କିପରି ହୋଇପାରିବ, ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଜେଡି ଦାବି କରିଛି । ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁଲତା ଦେଓ, ଡ. ଲେନିନ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲାମ, ଜ୍ୟୋସ୍ନା ପରିଡା, ରୀତାଞ୍ଜଳି ପ୍ରଧାନ ଇତ୍ୟାଦି ସାମିଲ ଥିଲେ ।

ପରକୀୟା ପ୍ରୀତି

## ପ୍ରେମିକ ସହ ମିଶି ଶଶୁରକୁ ମାରିଲା ବୋହୂ

ବାରିପଦା/ରାଇରଙ୍ଗପୁର,୨୭ ।୧୦(ସମିସ): କାଳ ହେଲା ବୋହୂର ପରକୀୟା ପ୍ରୀତି । ପରପୁରୁଷ ସହ ମିଳାମିଶା ଦେଖିଦେବାରୁ ପ୍ରେମିକ ସହ ମିଶି ଶଶୁରକୁ ପିଟିପିଟି ମାରିଦେଲା ବୋହୂ । ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଧାଙ୍ଗିଡ଼ିମୁତା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ବସଲୋ ସିଙ୍କୁ । ଖବର ପାଇ ସାଇଣ୍ଟିଫିକ୍ ଟିମ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ବୋହୂ ଯମୁନା ସିଙ୍କୁ ଓ ତାଙ୍କ ପ୍ରେମିକ ସେହି ଗ୍ରାମର ଟୁନୁ ସିଙ୍କୁଙ୍କୁ ଗିରଫ କରିଛି ।

ସୂଚନାନୁସାରେ, ଯମୁନା ଓ ଟୁନୁଙ୍କ ମଧ୍ୟରେ ଅବୈଧ ସଂପର୍କ ଗଢ଼ି ଉଠିଥିଲା । ସ୍ୱାମୀଙ୍କ ଅନୁପସ୍ଥିତିରେ ଯମୁନା ଓ ଟୁନୁ ମିଳାମିଶା କରୁଥିଲେ । ତେବେ ବସଲୋ ଦୁହିଁଙ୍କୁ ଏକାଠି ଦେଖି ବିରୋଧ କରିବାରୁ ଦୁହେଁ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ । ତାଙ୍କ ମୁହଁ ବନ୍ଦ କରିବା ପାଇଁ ତାଙ୍କୁ ବାଟରୁ ହଟାଇ ଦେଇଥିଲେ । ଦୁହେଁ ମିଶି ବସଲୋଙ୍କ ବେକରେ ଦୌଡ଼ି ବାନ୍ଧିବା ସହ ତାଙ୍କୁ ପିଟିପିଟି ହତ୍ୟା କରିଥିଲେ ।

## ନୂଆପଡ଼ା ତହସିଲଦାର ଓ ଡିଏଫ୍‌ଓଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

କଟକ,୨୭।୧୦(ସମିସ): ନୂଆପଡ଼ା ଜିଲ୍ଲାରେ ବେଆଇନ ଭାବେ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଘରୋଇ ଜାଗାକୁ ଜଙ୍ଗଲ ଜମି କିସମ ଘୋଷଣା ପ୍ରସଙ୍ଗରେ ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି । ଏହି ମାମଲାର ଆଜି ଶୁଣାଣି କରି ପ୍ରତିପକ୍ଷ ତଥା ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍‌ଓଙ୍କୁ ଅଦାଲତରେ ଭର୍ଚୁଆଲ ମାଧ୍ୟମରେ ଆସନ୍ତାକାଲି ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅମ୍ରିତଲାଲ ସୁଡ୍‌ଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । କିଭଳି ଓ କେଉଁ ଆଧାରରେ ଆବେଦନକାରୀଙ୍କ ଘରୋଇ ସମ୍ପତ୍ତିକୁ ଜଙ୍ଗଲ ଜମି କିସମ ଘୋଷଣା କରାଯାଇଛି, ସେ ସଂକ୍ରାନ୍ତରେ ଉଭୟ ଅଧିକାରୀ ଅବଗତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ, ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍‌ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ଏହି ଜମିଗୁଡ଼ିକ ଜଙ୍ଗଲ କିସମ ହୋଇଯାଇଥିବା ଜାଣିବାକୁ ପାଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । କିଛି ସୁଫଳ ନ ମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖକୁ ଧାର୍ଯ୍ୟ ହୋଇଛି ।

ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ବିଳମ୍ବିତ

## ଓପିଏସ୍‌ସି ଅଫିସ୍ ଆଗରେ ଆଶାୟୀଙ୍କ ଧାରଣା





ଭୁବନେଶ୍ୱର, ୨୭ ।୧୦(ସମିସ): ସିଭିଲ୍ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ନିଯୁକ୍ତି ପାଇଁ ୨୦୨୩ ଡିସେମ୍ବର ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମୋଟ୍ ୫୮୦ଟି ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ବିଜ୍ଞପ୍ତି ପ୍ରକାଶ କରିଥିଲା । ଗେଟ୍ ପରୀକ୍ଷା ଫଳାଫଳ ଆଧାରରେ ନିଯୁକ୍ତି ହେବ ବୋଲି ମଧ୍ୟ ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ କରିଥିଲା । ହେଲେ ଏହାକୁ ଦୁଇ ବର୍ଷ ପୂରିବାକୁ ଯାଉଥିଲେ ମଧ୍ୟ ଆଶାୟୀମାନେ ନିଯୁକ୍ତି ପାଇପାରି ନାହାନ୍ତି । ଏଣୁ ତ୍ୱରିତ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରି ନିଯୁକ୍ତି ଦେବାକୁ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀମାନେ ଧାରଣା ଦେଇଛନ୍ତି ।

ଗେଟ୍ ପରୀକ୍ଷା ଆଧାରରେ ନିଯୁକ୍ତି ଦେବାକୁ ବହୁ ଆଶାୟୀ ବିରୋଧ କରୁଛନ୍ତି । ଏନେଇ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । ନିକଟରେ ଏହାର ଶୁଣାଣି କରି ଗେଟ୍ ଆଧାରରେ ନିଯୁକ୍ତି ଦେବା ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି । ଏହାପରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟାକୁ ଓପିଏସ୍‌ସି ପକ୍ଷରୁ ତ୍ୱରାନ୍ୱିତ କରାଯାଉନଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି । ଶୁଣାଣି ସରିବାକୁ ବହୁଦିନ ବିତିଥିଲେ ମଧ୍ୟ ପରୀକ୍ଷା ଫଳ ପ୍ରକାଶ କରାଯାଉନାହିଁ । ଏ ସଂପର୍କରେ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି । ଫଳରେ ପରୀକ୍ଷାର୍ଥୀମାନେ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି । ଏଣୁ ତୁରନ୍ତ ପରୀକ୍ଷାଫଳ ବାହାର କରିବା ସହ ନିଯୁକ୍ତି ଦେବା ପାଇଁ ଆଶାୟୀମାନେ ଦାବି କରିଛନ୍ତି । ଅନ୍ୟଥା ଆଗକୁ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ସପ୍ତାହେ ବଢ଼ିଲା ଛାତ୍ରବୃତ୍ତି ଆବେଦନ ଅବଧି

ଭୁବନେଶ୍ୱର,୨୭ ।୧୦(ସମିସ): ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ବିଭିନ୍ନ ଛାତ୍ରବୃତ୍ତି ପାଇଁ ଆବେଦନ ଅବଧି ସପ୍ତାହେ ବୃଦ୍ଧି ପାଇଛି । ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ଶିକ୍ଷାନୁଷ୍ଠାନ ପକ୍ଷରୁ ୧୪ ତାରିଖ ମଧ୍ୟରେ ସମସ୍ତ ଆବେଦନକୁ ଯାଞ୍ଚ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଜ୍ଞପ୍ତି ଅନୁଯାୟୀ, ଇ-ମେଧାବୃତ୍ତି ଅଧୀନରେ ଆସୁଥିବା ୟୁଜି ମେରିଟ୍, ପିଜି ମେରିଟ୍ ଓ ଟେକ୍ନିକାଲ୍ ଆଣ୍ଡ ପ୍ରଫେସନାଲ୍ ମେରିଟ୍, ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ଯୋଜନା ଏବଂ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାର ଆବେଦନ ଅବଧି ଗତ ୨୫ ତାରିଖରେ ଶେଷ ହୋଇଥିଲା । ପୂର୍ବରୁ ୱେବସାଇଟ୍ ଧିମା ଚାଲିବା ସହ ଶେଷ ଦିନରେ ୱେବସାଇଟ୍ କ୍ରାସ୍ କରିଯିବାରୁ ବହୁ ଛାତ୍ରଛାତ୍ରୀ ଆବେଦନ କରିପାରିନଥିଲେ । ଫଳରେ ବହୁ ଛାତ୍ରଛାତ୍ରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ଆବେଦନ ଅବଧିକୁ ବଢ଼ାଯିବା ସହ ଡିଜି-ଲକର୍ ମାଧ୍ୟମରେ ସାର୍ଟିଫିକେଟ୍ ଅପଲୋଡ୍ କରିବା ବାଧ୍ୟତାମୂଳକକୁ ଉଠାଇ ଦିଆଯାଇଛି ।

### ନଭେମ୍ବର ୪ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ



ଛାତ୍ରୀଙ୍କୁ ଗେଟ୍‌ରେ ତାଲା ପକାଇଦେଲେ ପ୍ରଧାନଶିକ୍ଷୟିତ୍ରୀ

# ଡହଡହ ଖରାରେ ୩ କିମି ଚାଲି ଜିଲ୍ଲାପାଳଙ୍କୁ ଭେଟିଲେ

କପ୍ତିପଦା, ୨୭।୧୦(ସମିସ): ହଷ୍ଟେଲ ଏବଂ ବିଦ୍ୟାଳୟରେ ଥିବା ଅବ୍ୟବସ୍ଥାକୁ ନେଇ ତାତିଲେ ଛାତ୍ରୀ । ବିଦ୍ୟାଳୟରୁ ବାହାରି ପ୍ରାୟ ୩ କିମି ଡହଡହ ଖରାରେ ଚାଲିଚାଲି ଜନଶୁଣାଣି ଶିବିରରେ ପହଞ୍ଚି ଜିଲ୍ଲାପାଳଙ୍କୁ ଜଣାଇଲେ ଗୁହାରି । ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ ଶରତ ଫୁଲମତୀ ହେମ୍ବ୍ରମ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ।

ବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀରେ ୧୨୯ ଜଣ ଛାତ୍ରୀ ପାଠ ପଢୁଥିବା ବେଳେ ଶହେ ଜଣ ଛାତ୍ରୀ ହଷ୍ଟେଲରେ ରୁହନ୍ତି । ହେଲେ ଦୀର୍ଘ ଦିନ ହେବ ହଷ୍ଟେଲରେ ଅବ୍ୟବସ୍ଥା ଲାଗି ରହିଛି । ହଷ୍ଟେଲରେ ପାନୀୟ ଜଳର ଅଭାବ, ବିଳମ୍ବରେ ଅନ୍ତେବାସିନୀଙ୍କୁ ଖାଦ୍ୟ ମିଳିବା, ବିଦ୍ୟୁତ୍ ସରବରାହ ନ ରହିବା ସହିତ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ଅଭାବ, ସାଇନ୍ସ ଲାବ୍ରୋଟୋରୀ ଖୋଲା ନ ଯିବା, ଲାଇବ୍ରେରୀ ବନ୍ଦ ରହିବା ଏବଂ ଇଂରାଜୀ ବିଷୟ ଭଲ ଭାବରେ ଶିକ୍ଷୟିତ୍ରୀ ପଢ଼ାଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ପୂର୍ବରୁ ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ସେ ଶୁଣି ନଥିଲେ । ଫଳରେ ସୋମବାର ଛାତ୍ରୀମାନେ ବିଦ୍ୟାଳୟ ଗେଟ୍ ନିକଟରେ ଧାରଣାରେ ବସି ବିକ୍ଷୋଭ କରିଥିଲେ ।

### ତାତିଲେ ଫୁଲମତୀ ହେମ୍ବ୍ରମ୍ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ



ଛାତ୍ରୀମାନେ ବିକ୍ଷୋଭ କରୁଥିବା ଜାଣି ଅତି ବେପରୁଆ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ନମିତାରାଣୀ ଦାସ ପହଞ୍ଚି ଗେଟ୍‌ରେ ତାଲା ପକାଇ ଦେଇଥିଲେ । ଅଭିଯୋଗ ଶୁଣିବା ପରିବର୍ତ୍ତେ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଫାଟକ ବାହାର ପାଖରୁ ତାଲା ପକାଇଦେବାରୁ ଛାତ୍ରୀମାନେ ତାତିଥିଲେ । ପରିସ୍ଥିତି ଦେଖି ପ୍ରଧାନ ଶିକ୍ଷୟିତ୍ରୀ ଗେଟ୍ ତାଲା ଖୋଲିବା ପରେ ଛାତ୍ରୀମାନେ ଡହଡହ ଖରାରେ ୩କିମି ଚାଲିଚାଲି ଶରତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନଶୁଣାଣିରେ ପହଞ୍ଚିଥିଲେ । ସେଠାରେ ଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ । ଛାତ୍ରୀମାନେ ଏତେବାଟ ଚାଲିଚାଲି ଆସିବା ଜାଣିବା ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲାପାଳ ତାଗିଦ୍ କରିଥିଲେ । ଏହାସହ ତୁରନ୍ତ ବିଦ୍ୟୁତ୍ ସରବରାହ ସ୍ୱାଭାବିକ, ପାନୀୟ ଜଳର ସୁବିଧା ସହ ହିନ୍ଦୀ ଶିକ୍ଷକ ନିଯୁକ୍ତି ହେବା ବାବଦରେ ଛାତ୍ରୀମାନଙ୍କୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ସେହିପରି କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଏକ ମାସର ଦରମା ବନ୍ଦ କରାଯିବ ବୋଲି କହିଥିଲେ । ଅପରପକ୍ଷେ, ପ୍ରତିଶ୍ରୁତି ମିଳିବା ପରେ ଛାତ୍ରୀମାନେ ହଷ୍ଟେଲକୁ ଫେରିଥିଲେ ।

# ସମ୍ପାଦକୀୟ



ଧର୍ମ, ସତ୍ୟ ଓ ନ୍ୟାୟର ପଥରେ ପରିଚାଳିତ ହୁଅ।
-ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

ସକାଳ
THE SAKALA

## ସାଇବର ଠକଙ୍କୁ ଲଗାମ ନାହିଁ

ଲାଭରୁ ଲୋଭ। ନିବେଶ ମାଧ୍ୟମରେ ଅତିରିକ୍ତ ଆର୍ଥିକ ଫାଇଦା ହାସଲର ସୁଯୋଗ ପଛରେ ଧାଇଁଥିବା ଲୋକେ ଯେ ଶେଷରେ ଠକାମୀର ଶିକାର ହୋଇଥା'ନ୍ତି ତାହାର ଉଦାହରଣ କିଛି କମ ନୁହେଁ। ତଥାପି ନିଶାଖୋରଙ୍କ ପରି ବେଆଇନ ନିବେଶରୁ ସେମାନଙ୍କ ମୋହ ହଟୁନି। ଏହାର ଭରପୂର ସୁଯୋଗ ନେଉଛନ୍ତି ସାଇବର ଠକମାନେ। ଉନ୍ନତ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ଏହି ଠକେଇ ଚାଲିଥିବା ବେଳେ ସେମାନଙ୍କୁ ରୋକିବା ସମ୍ଭବ ହେଉନାହିଁ। ଏଥିରେ ସରକାରଙ୍କ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସାଇବର ସେଲର ନିଷ୍ଫଳତା ଯେତିକି ଦାୟୀ, ତା'ଠାରୁ ଅଧିକ ଦାୟୀ ହେଉଛନ୍ତି ଅତିରିକ୍ତ ଆର୍ଥିକ ଫାଇଦା ପାଇଁ ମାତ୍ରାଧିକ ଉତ୍ସୁକ ହୋଇପଡ଼ିଥିବା ନିବେଶକ। ଏପ୍ରକାର ଠକେଇ ସଂପର୍କରେ ଗଣମାଧ୍ୟମରେ କ୍ରମାଗତ ଖବର ପ୍ରକାଶ ପାଇ ଆସୁଥିଲେ ମଧ୍ୟ ସଚେତନତା ବୃଦ୍ଧି ପାଇନି। ଗତ ଛଅମାସ ମଧ୍ୟରେ ଦେଶର ପ୍ରାୟ ୩୦ ହଜାର ଲୋକ ୧୫୦୦ କୋଟି ଟଙ୍କାର ଠକେଇ ସମ୍ମୁଖୀନ ହୋଇଛନ୍ତି। ଏହି ଠକେଇରେ ଆମ ରାଜ୍ୟର ତଥାକଥିତ ନିବେଶକ ପଛରେ ପଡ଼ିନାହାନ୍ତି। ଗତ ୯ ମାସ ମଧ୍ୟରେ ସାଇବର ଠକମାନେ ରାଜ୍ୟରୁ ୩୪୨ କୋଟି ଟଙ୍କା ଲୁଟି ନେଇଛନ୍ତି। ଅବଶ୍ୟ ଆମର ଏଠାରେ ସ୍ୱଚ୍ଛଳ ବର୍ଗଙ୍କ ସଂଖ୍ୟା ଅପେକ୍ଷାକୃତ କମ ହୋଇଥିବାରୁ ନିବେଶ ପରିମାଣ କମ ଏବଂ ଠକି ହୋଇଥିବା ଲୋକଙ୍କ ସଂଖ୍ୟା ୩୭ ହଜାର। ଏକଥା ସତ ଯେ ସାଇବର ସେଲ କିଛି ହାତ ଗଣତି ଠକଙ୍କୁ ଧରିବାକୁ ସକ୍ଷମ ହୋଇଛି ଏବଂ ଏ ପ୍ରକାର ଠକେଇ କମିବା ପରିବର୍ତ୍ତେ ବଢୁଛି।

ଅତିରିକ୍ତ ଫାଇଦା ଭଳି ମରୀଚିକା ପଛରେ ଧାଇଁଥିବା ଲୋକଙ୍କ ସଂଖ୍ୟା ବଢୁଛି କାହିଁକି? ଆର୍ଥିକ ସ୍ଥିତିର ଅନିଶ୍ଚିତତା, ଦିନକୁ ଦିନ ବ୍ୟୟଭାର ବୃଦ୍ଧି ଏବଂ ବ୍ୟାଙ୍କରେ ଥିବା ଜମାରାଶିର ସୁଧହାର ହ୍ରାସ ଯୋଗୁଁ ନିବେଶର ବିକଳ୍ପ ପନ୍ଥାକୁ ଆଦରି ନେଉଛନ୍ତି ଲୋକେ। ସାମାଜିକ ଗଣମଧ୍ୟମରେ ସକ୍ରିୟତା ବୃଦ୍ଧି ପାଇଛି। ତେଣୁ ଫୋନ ନମ୍ବର ଓ ଠିକଣା ହାସଲ କରିବାରେ ସାଇବର ଠକଙ୍କ ପାଇଁ ସେଭଳି ଅସୁବିଧା ନାହିଁ। ନିବେଶ ମାଧ୍ୟମରେ ଅତିରିକ୍ତ ଲାଭ ହାସଲର ସୁଯୋଗ ସଂକ୍ରାନ୍ତ ମନଲୋଭା ବିଜ୍ଞାପନ ମାଧ୍ୟମରେ କ୍ରମାଗତ ପ୍ରଲୁବ୍ଧ କରୁଥିବା ଏହି ଠକମାନେ ଆବଶ୍ୟକ ସ୍ଥଳେ ଲୋକଙ୍କ ମୋବାଇଲକୁ ଲିଙ୍କ ପଠାଇ ସିଧାସଳଖ ଯୋଗାଯୋଗ ଆରମ୍ଭ କରୁଛନ୍ତି। ହାତପାଆନ୍ତାରେ ମିଳୁଥିବା ଏହି ସୁଯୋଗକୁ ଲୋକେ ହାତଛଡ଼ା କରୁନାହାନ୍ତି। ଠକଙ୍କ ଏହି ବ୍ୟୂହରେ ଥରେ ଫସିଗଲେ ଆଉ ମୁକ୍ତିନାହିଁ। ତେଣିକି ଆଖି ପିଛୁଳାକେ ସେମାନେ ଆକାଉଣ୍ଟରୁ ଜମାରାଶି ଲୁଟି ନେଉଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଗତ ଦୁଇମାସ ମଧ୍ୟରେ ଆମ ରାଜ୍ୟରୁ ଏହି ସାଇବାର ଠକମାନେ ୧୧୦ କୋଟି ଟଙ୍କା ଲୁଟି ନେଇଣି। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ସିଲକନ୍ ସିଟି ବେଙ୍ଗାଲୁରୁ, ଦିଲ୍ଲୀ-ଏନସିଆର ଓ ହାଇଦରାବାଦରେ ଏହି ସାଇବର ଅପରାଧ ସବୁଠାରୁ ଅଧିକ।

ଏଠାରେ ଦୁଇଟି କଥା ଉଦ୍‌ବେଗ ସୃଷ୍ଟି କରୁଛି। ସାଇବର ସେଲ ବିଦେଶରେ ସକ୍ରିୟ ଥିବା ଠକଙ୍କ ଚେରକୁ ଉପାଡ଼ିବା ଏତେ ସହଜ ନୁହେଁ। ତେଣୁ ଜନସାଧାରଣ ସଚେତନ ନ ହେବା ପର୍ଯ୍ୟନ୍ତ ଏ ଅପରାଧକୁ ରୋକିବା ସହଜ ନୁହେଁ। ଦ୍ୱିତୀୟତଃ, ବିଭିନ୍ନ ତଥ୍ୟ ମାଧ୍ୟମରେ ଆମେ ଆମର ସମସ୍ତ ଗୋପନୀୟ ତଥ୍ୟ ହସ୍ତାନ୍ତର କରିସାରିଛେ। ସମସ୍ତ ପ୍ରତିଶ୍ରୁତି ସତ୍ତ୍ୱେ ସେହି ଗୋପନୀୟ ତଥ୍ୟ କ୍ରମାଗତ ଭାବେ ପ୍ରଘଟ ହେଉଛି ଏବଂ ସାଇବର ଠକମାନେ ତାହାର ସୁଯୋଗ ନେଇ ଆମକୁ ଲୁଟିଚାଲିଛନ୍ତି। ଏଭଳି ସ୍ଥିତିରେ ଆମେ ପ୍ରତିକାର ଆଶା କରିବା ବୃଥା। ●

## ପାକ୍ ଆଣବିକ କୂଟନୀତି

ପାକିସ୍ତାନର ଆଣବିକ କୂଟନୀତିର କିଛି ଗୋପନତଥ୍ୟ ଉନ୍ମୋଚନ କରିଛନ୍ତି ସିଆଇଏର ପୂର୍ବତନ ଅଧିକାରୀ ଜନ କିରିଆକୁ। ଆମେରିକା, ସାଉଦୀ ଆରବ ଓ ପାକିସ୍ତାନର ତ୍ରିମୁଖୀ ସଂପର୍କର ଭିତ୍ତିଭୂମି ଯେ ଆଣବିକ ଅସ୍ତ୍ରଶସ୍ତ୍ର, ତାହା ଜନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ 'ଅପରେସନ ସିନ୍ଦୂର'ର ନିର୍ଣ୍ଣାୟକ ଆକ୍ରମଣ ପରେ ଆମେରିକାର ଭାରତ ବିରୋଧୀ ଭୂମିକାରେ ପାକିସ୍ତାନକୁ ପ୍ରୟୋଗ କରିବା ଏବଂ ପରବର୍ତ୍ତୀ ଅବସ୍ଥାରେ ମଧ୍ୟପ୍ରାଚ୍ୟ କୂଟନୀତିରେ ହସ୍ତକ୍ଷେପ କରି ସାଉଦୀ ଆରବକୁ ଇସଲାମାବାଦର ସମର୍ଥନ ଦେବା ଭଳି ଘଟଣାକ୍ରମ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଥିଲା। କିନ୍ତୁ ଜନ୍ ସମ୍ବାଦ ସରବରାହ ସଂସ୍ଥା ଏଏନ୍‌ଆଇକୁ ଦେଇଥିବା ସାକ୍ଷାତକାର ଆମେରିକା ଏହି ଦୋହରା ନୀତିକୁ ସ୍ପଷ୍ଟ କରିଛି। ପାକ୍ ଆଣବିକ ଅସ୍ତ୍ରର ନିୟନ୍ତ୍ରଣ କ୍ଷମତା ଆମେରିକାକୁ ପ୍ରଦାନ କରିଥିଲେ ପୂର୍ବତନ ରାଷ୍ଟ୍ରପତି ପରଭେଜ୍ ମୁସାରଫ। ଏଥିରୁ ସ୍ପଷ୍ଟ ଯେ ପାକିସ୍ତାନରେ ମହଜୁଦ ଥିବା ଆଣବିକ ଅସ୍ତ୍ରଶସ୍ତ୍ର ଓ କାର୍ଯ୍ୟକ୍ରମ ସଂକ୍ରାନ୍ତ ସମସ୍ତ ତଥ୍ୟ ଆମେରିକା ନିକଟରେ ଅଛି। 'ଅପେରେସନ ସିନ୍ଦୂର' ସମୟରେ ଭାରତର କ୍ଷେପଣାସ୍ତ୍ର ମାଡ଼ରେ ନୁରଖାନ୍ ବିମାନ କେନ୍ଦ୍ର ଓ ତତ୍‌ସଂଲଗ୍ନ କିରାନା ହିଲ୍‌ସରେ ଆଣବିକ ମହଜୁଦ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବା ଖବରକୁ ଉଭୟ ପକ୍ଷ ଅସ୍ୱୀକାର କରିଥିଲେ ମଧ୍ୟ ଆମେରିକାର ବି-୩୫୦ ବିମାନରୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଘଟଣାକ୍ରମକୁ ଉପରୋକ୍ତ ତଥ୍ୟ ସହ ସଂଯୋଗ କରିଦେଲେ ପାକିସ୍ତାନ-ଆମେରିକା ଆଣବିକ କୂଟନୀତିର ଅସଲ ଚରିତ୍ର ସ୍ପଷ୍ଟ ହେବ।

ଆଣବିକ ତେଜସ୍କ୍ରିୟ ବିକିରଣକୁ ନିୟନ୍ତ୍ରଣ କରିବା ସକାଶେ ମିଶରର ସାମରିକ ପରିବହନ ବିମାନ ମାଧ୍ୟମରେ ସଂଗୃହୀତ ବୋରନ୍ ପାକିସ୍ତାନରେ ଖାଲି କରି ଫେରି ଯାଇଥିବା ଘଟଣାକୁ ତ ଅସ୍ୱୀକାର କରିହେବନି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଥିଲେ। ଘଟଣାକ୍ରମକୁ ଅନୁଧ୍ୟାନ କଲେ, ସ୍ପଷ୍ଟ ମନେ ହୁଏ ଯେ ଯୁଦ୍ଧ ବିରାମ ସକାଶେ ପାକିସ୍ତାନ ପକ୍ଷରୁ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ସେଠାକାର ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଭାରତର ବାୟୁସେନା ଧ୍ୱଂସ କରି ବିପୁଳ କ୍ଷତି ଘଟାଇ ସାରିଥିଲା। ତେଣୁ ଚାପରେ ପଡ଼ି ଭାରତ ସାଲିସ କରିବାର ପ୍ରଶ୍ନ ଉଠୁ ନାହିଁ। ଆମେରିକାର କୂଟନୈତିକ ସଂପର୍କ ଉପରେ ମତାମତ ଦେଇ ଜନ୍ କହିଛନ୍ତି ଯେ ୱାଶିଂଟନ ଏକଛତ୍ରବାଦୀଙ୍କ ସହ ବିନା ଦ୍ୱିଧାରେ କାର୍ଯ୍ୟ କରିଆସିଛି। ଅଥଚ ସମଗ୍ର ବିଶ୍ୱକୁ ଗଣତନ୍ତ୍ର ଓ ମାନବବାଦର ସୁରକ୍ଷା ନେଇ ଆଦର୍ଶର ବାର୍ତ୍ତା ଦେଇଥାଏ। ଅସଲରେ ଆମେରିକା ନିଜର ସ୍ୱାର୍ଥକୁ ସବୁ ପ୍ରସଙ୍ଗରେ ପ୍ରାଥମିକତା ଦେଇଆସିଛି। ପାକିସ୍ତାନକୁ ସାମରିକ ଓ ଆର୍ଥିକ ସହାୟତା ଦେଇ ଆମେରିକା ମୁଶରଫଙ୍କ ନେତୃତ୍ୱକୁ ନିଜ ସ୍ୱାର୍ଥରକ୍ଷା ପାଇଁ ବ୍ୟବହାର କରୁଥିଲା। ସେହିଭଳି ପାକିସ୍ତାନର ଆଣବିକ ଜନକ ବୈଜ୍ଞାନିକ ଅବଦୁଲ୍ କାଦିର ଖାନ୍‌ଙ୍କୁ ହତ୍ୟା କରିବାର ଯୋଜନାକୁ ଆମେରିକା ଶେଷ ମୁହୂର୍ତ୍ତରେ ସାଉଦୀ ଆରବର ଅନୁରୋଧ କ୍ରମେ ପ୍ରତ୍ୟାହାର କରିଥିଲା। ଏଠାରେ ଏହି ତଥ୍ୟ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ପାକିସ୍ତାନର ଆଣବିକ କୂଟନୀତିର ଦୁଇ ପ୍ରମୁଖ ଅଙ୍ଗ ହେଲେ ଆମେରିକା ଓ ସାଉଦୀ ଆରବ। ତେଣୁ ଏବର ପରିବର୍ତ୍ତିତ ଦୃଶ୍ୟପଟ୍ଟ ହିଁ ହେଉଛି ସେହି ପୁରୁଣା ସଂପର୍କର ଅଂଶବିଶେଷ।

ଜନ ଆମେରିକାର ସିଆଇଏ ପକ୍ଷରୁ ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଭିଯାନର ତଦାରଖ ପାଇଁ ୧୫ ବର୍ଷ ଧରି କାର୍ଯ୍ୟ କରିଥିଲେ। କୂଟନୀତିର ଦିଗ ପରିବର୍ତ୍ତନକୁ ସେ ଅତି ନିକଟରୁ ଅନୁଧ୍ୟାନ କରିଆସିଛନ୍ତି। ତେଣୁ ଆମେରିକା କୂଟନୈତିକ ପ୍ରତାରଣା ସଂପର୍କରେ ସେ ତଥ୍ୟ ଉପସ୍ଥାପନ କଲା ବେଳେ ସଂପ୍ରତି ବଦଳୁଥିବା ବୈଶ୍ୱିକ ସମୀକରଣ ପଛରେ ଭାରତ, ଚୀନ ଓ ସାଉଦୀ ଆରବ ଭଳି ରାଷ୍ଟ୍ର ରଣନୀତିକ ଭୂମିକାର ସମୀକ୍ଷା ସହ ଆଭିମୁଖ୍ୟ ପରିବର୍ତ୍ତନର ବଡ଼ ଭୂମିକା ରହିଛି। ●

# ପେନସନ ଅନୁକମ୍ପା ନୁହେଁ, ଅଧିକାର

ବୃହସ୍ପତି ସାମଲ

ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଚ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲ୍ୟାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଭାରତ ଏକ ଭୟାବହ ଅସମନ୍ୱୟ ପରିସ୍ଥିତିରେ ରହିଛି। ପୂର୍ବ ବର୍ଷର ୪୪ ଅଙ୍କରୁ ଟିକିଏ ତଳକୁ ଖସି ଭାରତ ୪୩.୮ ଅଙ୍କ (ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀ 'ଡି'ରେ ସ୍ଥାନିତ ହୋଇଛି। ସିଙ୍ଗାପୁର୍, ହଂକଂ ଓ ମାଲେସିଆ ଭଳି ଏସିଆର ଦେଶଗୁଡ଼ିକ, ଯେଉଁଠି ୮୦.୮, ୬୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), 'ସ୍ଥାୟିତ୍ୱ' (୩୫%) ଓ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି।

ପୃଥିବୀର ବାଉନଟି ଦେଶରେ ବାସ କରୁଥିବା ବିଶ୍ୱର ସମୁଦାୟ ଜନସଂଖ୍ୟାର ପ୍ରାୟ ପଞ୍ଚଷଠି ଶତାଂଶକୁ ନେଇ 'ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଏହି ମୂଲ୍ୟାୟନ କରିଛି, ଯେଉଁଥିରେ ଭାରତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। 'ପର୍ଯ୍ୟାପ୍ତତା' ପରିମାପକ, ଯାହା ବୟସ୍କ ନାଗରିକମାନଙ୍କର ଉପଯୁକ୍ତ ଜୀବନଯାପନ ପାଇଁ ଆବଶ୍ୟକ ପ୍ରକୃତ ସେବାନିବୃତ୍ତ ଆୟର ପରିମାଣକୁ ନିର୍ଦ୍ଧାରିତ କରେ, ସେଥିରେ ଭାରତ ମାତ୍ର ୩୪.୭ ଅଙ୍କ ପାଇ ନିମ୍ନତମ 'ଇ' ଶ୍ରେଣୀରେ ରହିଛି, ଯାହା ପ୍ରକାଶ କରେ ଯେ ଅଧିକାଂଶ ଅବସରପ୍ରାପ୍ତ ନାଗରିକ ଯଥେଷ୍ଟ ଆୟ ବିନା ବଞ୍ଚିବାକୁ ବାଧ୍ୟ। ସେହିଭଳି 'ସ୍ଥାୟିତ୍ୱ' ପରିମାପକରେ ୪୩.୮ ଅଙ୍କ ସହିତ ଭାରତ 'ଡି' ଶ୍ରେଣୀରେ ରହିଛି, ଯାହା ସ୍ପଷ୍ଟ କରୁଛି ଯେ ଭାରତର ପେନସନ ଅର୍ଥନୀତି ଆଗାମୀ ଜନସଂଖ୍ୟା ବୃଦ୍ଧି ଓ ଆର୍ଥିକ ଚାପକୁ ସାମ୍ନା କରିବାରେ ଅସମର୍ଥ। ଅଧିକନ୍ତୁ 'ସାଧୁତା' ପରିମାପକରେ ୫୮.୪ ଅଙ୍କ ସହ ଭାରତ 'ସି' ଶ୍ରେଣୀରେ ଥିଲେ ମଧ୍ୟ ପ୍ରଶାସନିକ ସ୍ୱଚ୍ଛତା ଓ ନିୟମନ ସମ୍ପର୍କରେ ଦୃଢ଼ତାର ଅଭାବକୁ ସ୍ପଷ୍ଟ କରିଛି। ଅପରପକ୍ଷରେ ମଜଭୂତ ଓ ସ୍ଥାୟୀ ପେନସନ ବ୍ୟବସ୍ଥା ପାଇଁ ନେଦରଲ୍ୟାଣ୍ଡ (୮୫.୪), ଆଇଲ୍ୟାଣ୍ଡ (୮୪.୦), ଡେନମାର୍କ (୮୨.୩), ସିଙ୍ଗାପୁର (୮୦.୮) ଓ ଇସ୍ରାଏଲ (୮୦.୩) ଭଳି ଦେଶଗୁଡ଼ିକ ଚଳିତ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦେଶ ଭାବରେ 'ଏ' ଶ୍ରେଣୀରେ ଥିବା ସହିତ ସମତୁଲ ହାରାହାରି ସୁବିଧା ଓ ଦୀର୍ଘକାଳୀନ ଅର୍ଥନୈତିକ ସୁସ୍ଥିତି ସହ ଜନସାଧାରଣଙ୍କ ଭରସା ଜିତିବାରେ ସମର୍ଥ ହୋଇଛନ୍ତି।

ଭାରତର ପେନସନ ବ୍ୟବସ୍ଥା ଏକ ସୀମିତ ନିର୍ଦ୍ଧାରିତ ଲାଭ ଯୋଜନା ଏବଂ ଖଣ୍ଡିତ ନିର୍ଦ୍ଧାରିତ ଅବଦାନ ପ୍ରଣାଳୀର ମିଶ୍ରଣ। ଭାରତରେ ଏମ୍ପ୍ଲଏୟଜ୍ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍), ଏମ୍ପ୍ଲଏୟଜ୍ ପେନସନ ସ୍କିମ (ଇପିଏସ୍) ଏବଂ ସେହିଭଳି କିଛି ବୃତ୍ତିଗତ ସାମାଜିକ ସୁରକ୍ଷା ଯୋଜନା ଏକ ଅସମତୁଲ ସଂରଚନା ସୃଷ୍ଟି କରି ବୟସ୍କ ନାଗରିକଙ୍କୁ ସାର୍ବଜନୀନ ତଥା ପର୍ଯ୍ୟାପ୍ତ ସୁରକ୍ଷା ଦେବାରେ ବିଫଳ। ରିପୋର୍ଟ ଅନୁଯାୟୀ ଭାରତର ମୋଟ ଶ୍ରମିକ ଶ୍ରେଣୀର ୯୦% ନିୟୋଜିତ ଥିବା ଅସଂଗଠିତ କ୍ଷେତ୍ରର କର୍ମଚାରୀମାନଙ୍କ ପାଖରେ ନିହାତି ସ୍ୱଳ୍ପ ଅଥବା କୌଣସି ନିୟମିତ ପେନସନ ସୁବିଧା ନାହିଁ। ଭାରତରେ ପେନସନ ଯୋଜନାର ଅସଫଳତା ମୂଳରେ ତିନୋଟି ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି।

ପ୍ରଥମତଃ, ଅସଂଗଠିତ କ୍ଷେତ୍ରରେ ନିଯୁକ୍ତଙ୍କ ମଧ୍ୟରେ ପେନସନ ସୁବିଧା ଅତ୍ୟନ୍ତ ସୀମିତ। ତଥ୍ୟ ଅନୁଯାୟୀ, ଭାରତରେ ବର୍ତ୍ତମାନ କେବଳ ୨୯% ବୟସ୍କ ନାଗରିକ ପେନସନ ପାଉଛନ୍ତି। ଦ୍ୱିତୀୟତଃ, ଦେଶର ଅର୍ଥନୈତିକ ବାଧ୍ୟବାଧକତା, ଯାହା କ୍ରମାଗତ ଦାବି ସତ୍ତ୍ୱେ ସର୍ବନିମ୍ନ ସାର୍ବଜନୀନ ପେନସନ ଯୋଜନା ଲାଗୁ କରିବା ନେଇ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରୁଛି। ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞମାନଙ୍କ ମତ ହେଲା ଯେ ସିଙ୍ଗାପୁର ଯେମିତି ନିଜର ପେନସନ୍ ବ୍ୟବସ୍ଥାକୁ 'ସି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉର୍ତ୍ତୀତ କରେଇବାକୁ ଦୀର୍ଘ ୧୬ ବର୍ଷ ଧରି ପର୍ଯ୍ୟାୟଭିତ୍ତିକ ଅର୍ଥନୈତିକ ସାବଧାନତା ଅବଲମ୍ବନ କରିଥିଲା, ଭାରତକୁ ସେହିଭଳି ସୂତ୍ର ଆପଣେଇବାର ଆବଶ୍ୟକତା ରହିଛି। ତୃତୀୟତଃ, ମୂଲ୍ୟବୃଦ୍ଧି ଓ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ସହିତ ଉଚିତ୍ ମୂଲ୍ୟସୂଚୀ ସମନ୍ୱୟର ଅଭାବ ଯୋଗୁଁ ପେନସନ ମୂଲ୍ୟର କ୍ରମାଗତ ଅବନତି ପର୍ଯ୍ୟାପ୍ତତାର ହ୍ରାସକୁ ପ୍ରମାଣିତ କରୁଛି।

ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଭାରତ ଏକ ସଙ୍କଟମୟ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛି। 'ଏଜିଂ ରିପୋର୍ଟ-୨୦୨୩' ଅନୁସାରେ ଏବେ ଭାରତର ଜନସଂଖ୍ୟାର ୧୦%ରୁ ଅଧିକ ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱରେ, ଯାହା ୨୦୫୦ ସୁଦ୍ଧା ଦୁଇଗୁଣା (୨୦%) ହୋଇ ୩୪.୭ କୋଟିରେ ପହଞ୍ଚିବ। ପାରିବାରିକ ସହାୟତା ଓ ସହାନୁଭୂତି ହ୍ରାସ ଏବଂ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ମହଙ୍ଗା ହେଉଥିବା ସମୟରେ ପେନସନ ନିରାପତ୍ତାର ଅଭାବ ଯୋଗୁଁ ବୟସ୍କମାନେ ଉଭୟ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ପରିସ୍ଥିତି କେବଳ ଏକ ଆର୍ଥିକ ଯୋଜନାର ପ୍ରଶ୍ନ ନୁହେଁ, ବରଂ ଏକ ସାମାଜିକ ନ୍ୟାୟ ଓ ନୀତିଗତ ଦାୟିତ୍ୱର ପ୍ରଶ୍ନ। ଯଦି ଭାରତ ସୁସ୍ଥ ଓ ଶକ୍ତିଶାଳୀ ପେନସନ ବ୍ୟବସ୍ଥା ପ୍ରଚଳନ କରିବାରେ ଅସମର୍ଥ ରହେ, ତେବେ ଖୁବଶୀଘ୍ର ଏହା ନିଃସନ୍ଦେହରେ ଏକ 'ବୟସ୍କ ଗରିବ'ମାନଙ୍କ ଦେଶରେ ପରିଣତ ହେବ। ଏ ସମସ୍ୟାର ସମାଧାନ କ୍ଷେତ୍ରରେ 'ସେଣ୍ଟ୍ରାଲ ପ୍ରୋଭିଡେଣ୍ଟ ଫଣ୍ଡ' ଜରିଆରେ ସିଙ୍ଗାପୁରର ପେନସନ ବ୍ୟବସ୍ଥାର ରୂପାନ୍ତରଣ ଏକ ବଡ଼ ଉଦାହରଣ। ଏକ ଅନିବାର୍ଯ୍ୟ ଓ ସମ୍ପୂର୍ଣ୍ଣ ଅଂଶଦାନଭିତ୍ତିକ ପ୍ରଣାଳୀରେ ଅବସର, ସ୍ୱାସ୍ଥ୍ୟ ଓ ଆବାସ ଭଳି ତିନୋଟି ମୂଳ ସୁରକ୍ଷାକୁ ସୁନିଶ୍ଚିତ କରି ସାର୍ବଜନୀନ ଅଂଶଗ୍ରହଣ, ସଠିକ ନିବେଶ ନୀତି ଓ ସୁନିଶ୍ଚିତ ଫେରସ୍ତ ଯୋଜନା ଭିତ୍ତିରେ ସିଙ୍ଗାପୁର ଆଜି ବିଶ୍ୱର ଶୀର୍ଷ ସ୍ଥାନରେ। ସେହିଭଳି ନେଦରଲ୍ୟାଣ୍ଡ ଓ ଡେନମାର୍କ ଶକ୍ତିଶାଳୀ ସରକାରୀ-ବେସରକାରୀ ସମନ୍ୱୟ, ବାଧ୍ୟତାମୂଳକ ସଞ୍ଚୟ ଓ ମୁଦ୍ରାସ୍ଫୀତି ଓ ଜୀବନ ପ୍ରତ୍ୟାଶାକୁ ପ୍ରତିଫଳିତ କରୁଥିବା ନିୟମିତ ସମଯୋଜନ ମାଧ୍ୟମରେ ଉଚ୍ଚତମ ପେନସନ ପର୍ଯ୍ୟାପ୍ତତାକୁ ରଖିପାରିଛନ୍ତି।

ପେନସନ୍ ବ୍ୟବସ୍ଥାରେ ଭାରତର ଅବନତି ଏକ ଅକସ୍ମାତ ଘଟଣା ନୁହେଁ, ବରଂ ନୀତିର ନିରନ୍ତର ଅବହେଳା, ଖଣ୍ଡିତ କାର୍ଯ୍ୟାନ୍ୱୟନ ଏବଂ ସମନ୍ୱିତ ଦୀର୍ଘକାଳୀନ ଦୃଷ୍ଟିକୋଣ ଅଭାବର କୁପରିଣାମ। ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଓ ଅଟଳ ପେନସନ ଯୋଜନା ଭଳି ସରକାରୀ ଯୋଜନାଗୁଡ଼ିକରେ ଅସଂଗଠିତ କ୍ଷେତ୍ରର ଅଳ୍ପ କିଛି କର୍ମଚାରୀ ଯୋଡ଼ି ହୋଇଥିବା ବେଳେ ବୃଦ୍ଧାବସ୍ଥାରେ ସମ୍ମାନର ସହ ବଞ୍ଚିବା ପାଇଁ ସେମାନଙ୍କ ଅଂଶଦାନ ଓ ପେନସନ ରାଶି ଅତ୍ୟନ୍ତ ଅଳ୍ପ। ଅଧିକନ୍ତୁ ଅନେକ ବେସରକାରୀ କର୍ମଚାରୀ ନିଜ ଇପିଏଫ୍ ଟଙ୍କାକୁ ଚାକିରି କାଳ ଭିତରେ ଉଠାଇ ନେଇ ଅବସରକାଳୀନ ନିରାପତ୍ତାର ପ୍ରକୃତ ଉଦ୍ଦେଶ୍ୟକୁ ନଷ୍ଟ କରୁଛନ୍ତି। ଏହି ସଂକଟରୁ ମୁକ୍ତି ପାଇବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ସଂସ୍ଥାଗତ ସୁଧାର ଓ ପୁନର୍ଗଠନ ଆବଶ୍ୟକ। ଏହି କ୍ରମରେ ବୟସ୍କ ଦରିଦ୍ରଙ୍କ ପାଇଁ ପେନସନର ଏକ ସର୍ବନିମ୍ନ ସୀମା ପ୍ରଣୟନ କରାଯିବା ଆବଶ୍ୟକ, ଯାହା ବୃଦ୍ଧାବସ୍ଥାରେ ଦାରିଦ୍ର୍ୟରୁ ରକ୍ଷା କରିପାରିବ। ରାଜ୍ୟ ସହାୟତା ଦ୍ୱାରା ପ୍ରେରିତ ଅଭିନବ ସୂକ୍ଷ୍ମ ସହଯୋଗ ଯୋଜନା ମାଧ୍ୟମରେ ଅସଂଗଠିତ ଶ୍ରମିକମାନଙ୍କୁ ଅଧିକରୁ ଅଧିକ ପେନସନ ପରିସରଭୁକ୍ତ କରିବାର ଆବଶ୍ୟକତା ମଧ୍ୟ ରହିଛି। ପେନସନ ଲାଭଗୁଡ଼ିକୁ କେବଳ ପେନସନ ପାଇଁ ସୁରକ୍ଷିତ ରଖି ସର୍ବନିମ୍ନ ପ୍ରବେଶ ବୟସ ନିର୍ଦ୍ଧାରଣ ଜରିଆରେ ଆଗୁଆ ଉଠାଣ ନିରୁତ୍ସାହିତ ହେବା ଉଚିତ। ପିଏଫଆରଡିଏ ଅଧୀନରେ ନିୟମାନୁସୂଚନାକୁ ସୁଦୃଢ଼ କରିବା ଏବଂ ପେନସନ ତହବିଲକୁ ସାବଧାନତାର ସହ ଭିନ୍ନ ଭିନ୍ନ କ୍ଷେତ୍ରରେ ନିବେଶ ପାଇଁ ଅନୁମତି ଦେବା ଦ୍ୱାରା ଉଭୟ ଭବିଷ୍ୟତର ଲାଭ ଓ ସ୍ଥିରତାକୁ ବୃଦ୍ଧି କରାଯାଇପାରିବ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଆର୍ଥିକ ସାକ୍ଷରତା ଓ ସେବାନିବୃତ୍ତି ପରିକଳ୍ପନା ପାଇଁ ଏକ ରାଷ୍ଟ୍ରବ୍ୟାପୀ ସଚେତନତା ଅଭିଯାନ ଆବଶ୍ୟକ, ଯାହା ଦୀର୍ଘକାଳୀନ ସଞ୍ଚୟକୁ ପରିବାରର ଏକ ସାଧାରଣ ଅଭ୍ୟାସରେ ପରିଣତ କରିପାରିବ।

ମର୍ସର୍ ଇଣ୍ଡେକ୍ସରେ ଭାରତର ୪୩.୮ ଅଙ୍କ ପାଇବା କେବଳ ଏକ ସଂଖ୍ୟାମାପକ ନୁହେଁ, ବରଂ ଭାରତୀୟ ସମାଜ ତା'ର ବୟସ୍କ ନାଗରିକଙ୍କ ପ୍ରତି କିପରି ସମ୍ମାନ ଓ ବ୍ୟବହାର ପ୍ରଦର୍ଶନ କରୁଛି, ତାହାର ଏକ ନିଛକ ପ୍ରତିବିମ୍ବ। ଉଚ୍ଚତମ ନ୍ୟାୟାଳୟ ସଠିକ ଭାବେ ଦର୍ଶାଇଛନ୍ତି ଯେ ପେନସନ ଏକ ଦାନ କିମ୍ବା ଅନୁକମ୍ପାମୂଳକ ସହାୟତା ରାଶି ନୁହେଁ, ବରଂ ନାଗରିକଟିଏ ନିଜର ଯୌବନ କାଳରେ ବର୍ଷ ବର୍ଷ ଧରି ସମାଜ ଓ ସରକାରଙ୍କୁ ଦେଇଥିବା ପରିସେବା ବଦଳରେ ଏହା ତା'ର ଉପାର୍ଜିତ ସାମ୍ବିଧାନିକ ଅଧିକାର। ଯେଉଁ ରାଷ୍ଟ୍ର ଏକ ବିଶ୍ୱସ୍ତରୀୟ ଆର୍ଥିକ ଶକ୍ତି ହେବାକୁ ଚାହୁଁଛି, ତା'ର ନାଗରିକମାନେ ସମ୍ମାନ ଓ ସୁରକ୍ଷା ବିନା ବୟସର ସାୟାହ୍ନରେ ଅସୁରକ୍ଷିତ ରହିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ତେଣୁ ଭାରତୀୟ ପେନସନ ବ୍ୟବସ୍ଥାରେ ସୁଧାର ପ୍ରଶାସନିକ ସଂଶୋଧନର ଉର୍ଦ୍ଧ୍ୱରେ ଉଭୟ ମାନସିକ ଓ ସାମାଜିକ ଆବଶ୍ୟକତା ଭାବେ ଦେଖାଯିବା ଦରକାର। ପେନସନକୁ ଏକ ସୁବିଧା ଭାବରେ ନଦେଖି ଅଧିକାର ଭାବରେ ଦେଖିଲେ ହିଁ, ଭାରତ 'ଡି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉନ୍ନୀତ ହୋଇପାରିବ। ପେନସନ ସୁରକ୍ଷା କେବଳ ଜଣେ ବୟସ୍କଙ୍କ ପ୍ରଶ୍ନ ନୁହେଁ, ଏହା ଭାରତର ସାମାଜିକ ଆତ୍ମା ଓ ମାନବୀୟ ମର୍ଯ୍ୟାଦାର ପରୀକ୍ଷା। ●

(ସାଧାରଣ ସମ୍ପାଦକ, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ)
ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

# ଅନ୍ଧାରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା

ସୁଧାକର ଦାସ

ସାମ୍ପ୍ରତିକ ସ୍ଥିତିକୁ ସମୀକ୍ଷା କଲେ ମନେ ହୁଏ ସତେଯେମିତି ଅନ୍ଧାର ଗର୍ତ୍ତରେ ଆଜି ଆମ ଶିକ୍ଷା ବ୍ୟବସ୍ଥା। ବଦଳିଛି ସରକାର, ମାତ୍ର ବଦଳିନି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି। ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ଥିବା ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ବର୍ତ୍ତମାନର ସରକାର ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ନିର୍ବାଚନ ସରିଲା। କ୍ଷମତାର ଗାଦିରେ ବସିବା ପରେ ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ କଠୋର ନିଷ୍ପତ୍ତି ନେଇ ଘୋଷଣା କଲେ ରାଜ୍ୟରେ ୫୬୩୦ ଗୋଟି ବିଦ୍ୟାଳୟ ବନ୍ଦ କରାଯିବ। ଇତିମଧ୍ୟରେ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରି ଦେବା ପାଇଁ ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିସ କରିଥିବା ବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି।

୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା। ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ବେକ୍ଷଣ କରାଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି। ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ଶିକ୍ଷକ ନିଯୁକ୍ତି ଓ ଅପହଞ୍ଚ ଗ୍ରାମୀଣ ଅଞ୍ଚଳରେ ଶିକ୍ଷାର ବିକାଶ କରିବା ପରିବର୍ତ୍ତେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦେବା ଦ୍ୱାରା ଅପହଞ୍ଚ ଅଞ୍ଚଳର ପିଲାମାନେ ଅନେକ ଅସୁବିଧା ସାମ୍ନା କରିବେ, ଏଥିରେ ସନ୍ଦେହ ନାହିଁ।

ସାମ୍ପ୍ରତିକ ସମୟରେ ଉଚ୍ଚଶିକ୍ଷାର ସ୍ଥିତି ମଧ୍ୟ ଯଦି ଆମେ ସମୀକ୍ଷା କରିବା, ତେବେ ବର୍ତ୍ତମାନ ସମୟରେ ସରକାର ନିଷ୍ପତ୍ତି ନେଇଛନ୍ତି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସମେତ ସଂସ୍କୃତ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବି ପୂରଣ ବିଳମ୍ବ ହେଉଥିବାରୁ ୨୦୨୫-୨୬ ଶିକ୍ଷାବର୍ଷରେ ନିୟମିତ ପଦବି ପୂରଣ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଶିକ୍ଷାବିତ୍ ଅତିଥି ଭାବେ ଶିକ୍ଷାଦାନ କରିବେ। ଏ ନିଷ୍ପତ୍ତି ଶିକ୍ଷିତ ଯୁବବର୍ଗ ପାଇଁ ଚିନ୍ତାର କାରଣ ସାଜିବା ସହିତ ସରକାରଙ୍କ ଦୋଷ ଦୁର୍ବଳତାକୁ ମଧ୍ୟ ସାମ୍ନାକୁ ଆଣିଛି। ମନରେ ପ୍ରଶ୍ନ ଉଠେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ଏବେ ଅବସରପ୍ରାପ୍ତ ଶିକ୍ଷାବିତମାନଙ୍କୁ ନିଯୁକ୍ତି କରାଯାଏ ତେବେ ପିଜି, ପିଏଚଡି କରିଥିବା ଯୁବକ ଯୁବତୀ କ'ଣ କରିବେ? ଓଟିଇଟି/ଓଏସ୍‌ଟିଇଟି ପାସ୍ କରି କ'ଣ ଘରେ ବସିବେ? ଏମିତି କରିବା ଦ୍ୱାରା ଶିକ୍ଷିତ ବେକାରୀ ରାଜ୍ୟରେ ବୃଦ୍ଧି ପାଇବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମ ଲେଖାଇବା ପାଇଁ କେହି ଆଗ୍ରହ ପ୍ରକାଶ କରିବେନି। ଯଦି ନିଯୁକ୍ତି ମିଳିବନି, ସୁଯୋଗ ମିଳିବନି, ତେବେ ଶିକ୍ଷା ବ୍ୟବସ୍ଥା ସଫଳ ରୂପାୟନ ହେବ କେମିତି?

ରାଜ୍ୟରେ ପରୀକ୍ଷା ପରିଚାଳନାରେ ମଧ୍ୟ ଦୁର୍ନୀତିର କଥା ସମସ୍ତେ ଜାଣନ୍ତି। ଯଦି ସ୍ଥିତିରେ ସୁଧାର ନଆସେ, ତେବେ ଏ ଶିକ୍ଷା ବ୍ୟବସ୍ଥା ଲୋପ ହେବନି ବୋଲି କିଏ ବା ନିଶ୍ଚିତ କରିବ? ରାଜ୍ୟରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ ହେଉଛି, ପରୀକ୍ଷା ବାତିଲ କରାଯାଉଛି, ଦଶମ ଶ୍ରେଣୀ ପରୀକ୍ଷାଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଆୟୋଜିତ ପରୀକ୍ଷାଗୁଡ଼ିକ ଆଜି ପର୍ଯ୍ୟନ୍ତ ସଠିକ ଭାବରେ ପରିଚାଳନା କରିବାରେ ସରକାର ବିଫଳ। ସାଧାରଣ ଜନତା ପରିବର୍ତ୍ତନ ଆଣିବା ପାଇଁ ନୂଆ ସରକାର ଚୟନ କଲେ। ସରକାର ବଦଳିଛି। ହେଲେ ସ୍ଥିତି ଯେମିତି ଥିଲା, ତା'ଠାରୁ ଦୁଇ ଗୁଣା ଅଧିକ ଖରାପ ହୋଇଛି। ରାଜ୍ୟ ରାଜନୀତି ସରଗରମ। ମାତ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଧୀରେ ଧୀରେ ଶୋଚନୀୟ ହେବାକୁ ଯାଉଛି, ସେଥିପାଇଁ କାହାର ଦୃଷ୍ଟି ନାହିଁ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ପ୍ରତିବର୍ଷ ସର୍ବେକ୍ଷଣ କରି ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ଗୋଟିଏ ରିପୋର୍ଟ କରି ସରକାରୀ ସ୍ତରରେ ସମୀକ୍ଷା କରି ପ୍ରତିବର୍ଷ କିଛି କିଛି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ, ତେବେ ଅନେକ ଶିକ୍ଷିତ ଯୁବବର୍ଗ ନିଯୁକ୍ତି ପାଇବେ। ରାଜ୍ୟରେ ବେକାରୀ ସମସ୍ୟା ଧୀରେ ଧୀରେ ହ୍ରାସ ହେବ। ଶିକ୍ଷା କ୍ଷେତ୍ର ସଶକ୍ତ ହେବ। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପଇଁ ଖାଲି ଯୋଜନା କଲେ ହେବ ନାହିଁ, ବରଂ ଯୋଜନାକୁ ସଠିକ ପରିଚାଳନା କରିବାର ଆବଶ୍ୟକତା ରହିଛି। ଯୁବବର୍ଗଙ୍କ ପ୍ରତି ଦୃଷ୍ଟି ଦେଇ ଯଦି ସରକାର ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପ୍ରତି ବର୍ଷ ସୃଷ୍ଟି କରିବେ, ତେବେ ନିଶ୍ଚୟ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତିରେ ସୁଧାର ଆସିବ। ●

ମୋ: ୭୮୪୮୦୦୦୬୭୬

# ବନବିଧ୍ୱଂସ ମାନବ ସଭ୍ୟତାକୁ ହତ୍ୟା କରିପାରେ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଜୀବଜଗତକୁ ଅରଣ୍ୟର ଅବଦାନ ଅବର୍ଣ୍ଣନୀୟ। କିନ୍ତୁ କ୍ଷୋଭର ବିଷୟ ଯେ ଏହା ବୁଝିସୁଦ୍ଧା ନିଜ ଗୋଡ଼ରେ କୁରାଢ଼ୀ ମାରିବା ଭଳି ଆମେ ତାକୁ ଧ୍ୱଂସ କରିଚାଲିଛୁ। ଏକ ଆକଳନ ଅନୁସାରେ ବର୍ଷକୁ ପୃଥିବୀରେ ୧୫ ରୁ ୧୮ ନିୟୁତ ହେକ୍ଟର ବନ ବିଧ୍ୱଂସ ହେଉଛି। ଜାଗତିକ ଉଷ୍ମତାଠାରୁ ପରିସଂସ୍ଥାର ଅବକ୍ଷୟ ଆଦି ନାନଦି ପରିବେଶୀୟ ବିପର୍ଯ୍ୟୟର ଏହା ହେଉଛି ମୁଖ୍ୟ କାରଣ। ନିକଟରେ ଲିଡସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ସୂଚୀତ କରିଛନ୍ତି ଯେ ଏହାଫଳରେ ଘଟୁଥିବା ତାପମାତ୍ରା ବୃଦ୍ଧିର ବିଭିନ୍ନ ପ୍ରଭାବରେ ବିଗତ ୨୦ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି ପ୍ରାୟ ଅଧ ନିୟୁତରୁ ଅଧିକ ଲୋକ। ଏହି ଗବେଷକମାନଙ୍କ ସୂଚନା ଅନୁସାରେ ବନ ବିଧ୍ୱଂସ ସଫଳରେ ବିଶେଷକରି ଆମାଜନ, କଙ୍ଗୋ ଏବଂ ଦକ୍ଷିଣ-ପୂର୍ବ ଏସିଆର ତାପମାତ୍ରା ବଢ଼ିବାରେ ଲାଗିଛି। ଫଳରେ ପ୍ରକୃତି ଓ ପରିବେଶ ବଦଳିବା ସହିତ ଜୀବଜଗତର ସମସ୍ତଙ୍କ ଉପରେ ପଡୁଛି ତାହାର ଘାତକ ପ୍ରଭାବ। ସେମାନେ ଆକଳନ କରିଛନ୍ତି ଯେ ଅରଣ୍ୟ ସଂକୋଚନ ପ୍ରଭାବିତ ଅଞ୍ଚଳର ତାପବୃଦ୍ଧିର ଏକ-ତୃତୀୟାଂଶରୁ ଅଧିକ ପାଇଁ ଦାୟୀ। ପୁନଶ୍ଚ ସେଠାର ଜଳବାୟୁରେ ଘଟୁଥିବା ଅବ୍ୟବସ୍ଥାର ଏହା ମଧ୍ୟ ମୁଖ୍ୟ କାରଣ।

ବିଷୁବୀୟ ଅଞ୍ଚଳରେ ବର୍ତ୍ତମାନ ପ୍ରାୟ ୩୪୫ ନିୟୁତ ଲୋକ ବନ ବିଧ୍ୱଂସ ଜନିତ ଦୁର୍ଦ୍ଦଶା ଭୋଗୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଏହା ୨୦୦୧ ମସିହାରୁ ୨୦୨୦ ମସିହା ମଧ୍ୟରେ ଅନେକ ସମୟରେ ପ୍ରାୟ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି କରୁଛି। ଗବେଷକମାନଙ୍କ ମତରେ ବନବିଧ୍ୱଂସ କାରଣରୁ ଘଟୁଥିବା ତାପମାତ୍ରା ବୃଦ୍ଧି ହେତୁ ଏଠାର ବାର୍ଷିକ ପ୍ରାୟ ୩୦ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି ବିବିଧ ରୋଗବ୍ୟାଧି ଏବଂ ଶାରୀରିକ ଅକ୍ଷମତା ଯୋଗୁଁ। ଏହାବ୍ୟତୀତ ବିଷୁବମଣ୍ଡଳୀୟ ଆଫ୍ରିକାର ଏକ-ତୃତୀୟାଂଶ ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ବ୍ୟାପକ ଅଞ୍ଚଳର ଲୋକେ ତାପବୃଦ୍ଧିଜନିତ ବିବିଧରୋଗରେ ପୀଡ଼ିତ ହେବା ସହିତ ଅକାଳମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ଗବେଷକମାନେ ବ୍ରାଜିଲ୍ ଘାନା, ଇଂଲଣ୍ଡ ଆଦି କେତେକ ଦେଶରେ ଦୁର୍ଘଟଣା ଜନିତ ହୋଇଥିବା ମୃତ୍ୟୁହାର ଏବଂ ବିଷୁବମଣ୍ଡଳର ଅରଣ୍ୟବିଧ୍ୱଂସ ଯୋଗୁଁ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ତାପମାତ୍ରା ବୃଦ୍ଧି ହେତୁ ଘଟୁଥିବା ମୃତ୍ୟୁହାରକୁ ତୁଳନା କରିଥିଲେ। ଏପ୍ରକାର ଅଧ୍ୟୟନ ଏବେ କରାଯାଇଛି ପ୍ରଥମଥର ପାଇଁ। ଆଗକୁ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଏହା ବ୍ୟାପକ ରୂପେ କରିବା ପାଇଁ ଗବେଷକମାନେ ଲକ୍ଷ୍ୟ ରଖିଛନ୍ତି।

ଲିଡସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡୋମିନିକ୍ ସ୍ପ୍ରାକ୍‌ଲେନ୍ ମତ ଦେଇଛନ୍ତି ଯେ ଏହା ହେଉଛି ବନ ବିଧ୍ୱଂସ ହତ୍ୟା କରିପାରେ ବୋଲି ଏକ ଚେତାବନୀ। ସେ ଆଶା କରିନ୍ତି ଯେ ଅନେକ ଲୋକ ଏହାକୁ ନେଇ ବିସ୍ମୟ ପ୍ରକାଶ କରିପାରନ୍ତି। କାରଣ ବନ ବିଧ୍ୱଂସର ଏପ୍ରକାର ବିପଦସମୂହ ସାଧାରଣ ଭାବେ, ଜାଗତିକ ଜଳବାୟୁ ସଂପର୍କରେ ଆଲୋଚନା ଭିତରେ ହଜିଯାଉଛି। ଅନ୍ୟପକ୍ଷରେ ବଜାରଭିତ୍ତିକ କୃଷି, ଶିଳ୍ପ ଓ ସହରୀକରଣ ବିସ୍ତାରିତ ହୋଇ ରହିଛି। ବ୍ରାଜିଲର ମାଟୋଗ୍ରୋସୋ ଅଞ୍ଚଳରେ ଘଟିଥିବା ଏକ ଘଟଣାକୁ ଉଦାହରଣ ରୂପେ ନିଆଯାଇପାରେ। ସ୍ପ୍ରାକଲେନଙ୍କ ମତରେ ତାପମାତ୍ରା ବୃଦ୍ଧି ଏବଂ ଅନ୍ୟାନ୍ୟ ପରିବେଶ ବିପର୍ଯ୍ୟୟ ଜନିତ ବିପଦରୁ ରକ୍ଷା ପାଇବାକୁ ହେଲେ ବୃକ୍ଷରାଜିକୁ ଅପରିବର୍ତ୍ତିତ ରଖିବା କିମ୍ବା ପରିବର୍ଦ୍ଧିତ କରିବା ଦରକାର। ତାହା ମଣିଷ ସମେତ ବହୁ ଜୀବଜନ୍ତୁଙ୍କ ଜୀବନ ରକ୍ଷା କରିପାରିବ ଏବଂ କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି କରିବ। ପୁନଶ୍ଚ ସେ କହନ୍ତି ଏହି ଜଙ୍ଗଲ ସୁରକ୍ଷା କେବଳ ଜଳବାୟୁ ପାଇଁ ନୁହେଁ, ବରଂ ପ୍ରତ୍ୟକ୍ଷ ଭାବେ ସ୍ଥାନୀୟ ଲୋକଙ୍କର ହିତ ସାଧନ କରିବ। ଏଗୁଡ଼ିକ ତାପମାତ୍ରା ନିୟନ୍ତ୍ରଣ କରିବା ସହିତ ଯଥେଷ୍ଟ ବୃଷ୍ଟିପାତ କରାଇବେ ଏବଂ ଲୋକେ ନିର୍ଭର କରୁଥିବା କୃଷିକୁ ସହାୟତା କରିବେ। ଜନସ୍ୱାସ୍ଥ୍ୟ ଓ ଆୟୁବୃଦ୍ଧିରେ ମଧ୍ୟ ବୃକ୍ଷର ଭୂମିକା ରହିଛି।

ଏଣୁ ଅରଣ୍ୟଗୁଡ଼ିକୁ ନିଷ୍କ୍ରିୟ ବୋଲି ମନେ କରିବା ଉଚିତ ନୁହେଁ। ସେଗୁଡ଼ିକ ପ୍ରକୃତରେ କଠୋର ପରିଶ୍ରମ କରିଥା'ନ୍ତି ଏବଂ ଆମ ଜୀବନଧାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କାର୍ଯ୍ୟମାନ କରିନ୍ତି। ଏଣୁ ଚାଲନ୍ତୁ ଯଥାସମ୍ଭବ ବନବିଧ୍ୱଂସକୁ ପ୍ରତିହତ କରିବା ଏବଂ ବନ ଭୂମିର ଆକାର ବୃଦ୍ଧି କରିବା। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ପ୍ରସ୍ତୁତ ଟିପିଡବ୍ଲୁଓଡିଏଲ

# ଭବାନୀପାଟଣାରେ ନିୟନ୍ତ୍ରଣ କକ୍ଷ ସ୍ଥାପନ

**ସମ୍ବଲପୁର, ୨୭।୧୦(ସମିସ) :** ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ସମୟରେ ବିଦ୍ୟୁତ୍ ଭିତ୍ତିଭୂମିର ସୁରକ୍ଷା ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ପଦକ୍ଷେପ ଗ୍ରହଣ କରାଯାଇଛି। ମାନବଶକ୍ତି ଏବଂ ଯନ୍ତ୍ରପାତି ନିୟୋଜନ - ଇଞ୍ଜିନିୟର ଏବଂ ବୈଷୟିକ କର୍ମଚାରୀଙ୍କ ସମେତ ୫, ୨୦୦ରୁ ଅଧିକ କର୍ମଚାରୀଙ୍କୁ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ ନିୟୋଜିତ କରାଯାଇଛି। କଳାହାଣ୍ଡି ଜିଲ୍ଲାଗୁଡ଼ିକରେ ସ୍ୱତନ୍ତ୍ର ପ୍ରକଳ୍ପ ଏବଂ ପୁନରୁଦ୍ଧାର ଦଳ ନିୟୋଜିତ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସବଷ୍ଟେସନ ଗୁଡ଼ିକରେ ୫୨ଟି ପୋଲ ମାଷ୍ଟର ଏବଂ ୧୨୦୦ କର୍ମଚାରୀଙ୍କୁ ନେଇ ଗଠିତ ରାପିଡ୍ ରିସ୍ପୋନ୍ସ ଟିମ ୨୪ ଘଣ୍ଟା କାର୍ଯ୍ୟ ତଦାରଖ ଏବଂ କ୍ଷେତ୍ର କାର୍ଯ୍ୟକୁ ସମର୍ଥନ କରିବା ପାଇଁ ମୁତୟନ କରାଯାଇଛି। ସେହିପରି ପୁନରୁଦ୍ଧାର କାର୍ଯ୍ୟ ପାଇଁ ୧୫୦ରୁ ଅଧିକ ଉପଯୋଗୀ ଯାନ, କ୍ରେନ୍ ଏବଂ ଟ୍ରେଲରଗୁଡ଼ିକୁ ନିୟୋଜିତ କରାଯାଇଛି। ଆଇଏମଡି ପ୍ରେସ୍ ରିଲିଜ୍ ଅନୁଯାୟୀ ଟିପିଡବ୍ଲୁଓଡିଏଲ୍ ଅଞ୍ଚଳରେ କଳାହାଣ୍ଡି ସର୍ବାଧିକ ପ୍ରଭାବିତ ହେବାର ଆଶଙ୍କା ଥିବାରୁ କଳାହାଣ୍ଡିର ନିମ୍ନଭାଗ ଏବଂ ବନ୍ୟା ପ୍ରବଣ ଅଞ୍ଚଳକୁ ସମର୍ଥନ କରିବା ପାଇଁ ୨୦ଟି ଉଚ୍ଚ-କ୍ଷମତା ସମ୍ପନ୍ନ ଡିୱାଟରିଂ ପମ୍ପ, ୧୨ଟି ପୋର୍ଟେବଲ୍ ଡିଜି ସେଟ୍ ଏବଂ ମୋବାଇଲ୍ ଲାଇଟିଂ ଟାୱାର ବ୍ୟବସ୍ଥା କରାଯାଇଛି।

ସେହିପରି ଟିପିଡବ୍ଲୁଓଡିଏଲ୍ ଅଧୀନରେ ଥିବା ସମସ୍ତ ଡିଭିଜନକୁ ହାଇ ଆଲର୍ଟରେ ରଖାଯାଇଛି। ପର୍ଯ୍ୟାପ୍ତ ପରିମାଣରେ ବୈଦ୍ୟୁତିକ ସାମଗ୍ରୀ ମହଜୁଦ - ବୈଦ୍ୟୁତିକ ସାମଗ୍ରୀ ମହଜୁଦ ସୁନିଶ୍ଚିତ କରିବା ପାଇଁ, କମ୍ପାନୀ ପକ୍ଷରୁ ୪, ୮୦୦ ପିଏସସି ପୋଲ, ୨୬୦୦ ଟ୍ୟୁବୁଲାର୍ ପୋଲ ଏବଂ ୨୧୦ଟି ବଣ୍ଟନ ଟ୍ରାନ୍ସଫର୍ମର, ପର୍ଯ୍ୟାପ୍ତ କଣ୍ଡକ୍ଟର, କେବୁଲ୍ ଏବଂ ଆନୁସଙ୍ଗିକ ସାମଗ୍ରୀ ମହଜୁଦ ରଖାଯାଇଛି। ଜରୁରୀକାଳୀନ ପ୍ରେରଣ ପାଇଁ ଉତ୍ସର୍ଗୀକୃତ ଲଜିଷ୍ଟିକ୍ସ ସହିତ ଡିଭିଜନାଲ ଷ୍ଟୋରଗୁଡ଼ିକ ୨୪-୭ କାର୍ଯ୍ୟକ୍ଷମ ରହିଛି। ଭବାନୀପାଟଣାଠାରେ ନିୟନ୍ତ୍ରଣ କକ୍ଷ ସ୍ଥାପନ - ବାତ୍ୟା ମୋନ୍ଥା ସମୟରେ ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ସମସ୍ୟା ଉପରେ ନଜର ରଖିବା ଏବଂ ପୁନରୁଦ୍ଧାର କାର୍ଯ୍ୟର ସମନ୍ୱୟ ପାଇଁ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ କମ୍ପାନୀ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି। କଳାହାଣ୍ଡିର ମଣ୍ଡଳ କାର୍ଯ୍ୟାଳୟ ଏବଂ ବୁର୍ଲାସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ମଧ୍ୟରେ ସାଟେଲାଇଟ୍ ଫୋନ୍ ସଂଯୋଗ ସ୍ଥାପନ କରାଯାଇଛି।ଗ୍ରାହକ ସହାୟତା ଏବଂ ଯୋଗାଯୋଗ - ଟୋଲ୍-ଫ୍ରି ହେଲ୍ପଲାଇନ୍: ୧୮୦୦-୩୪୫୬-୭୯୮ / ୧୯୧୨ ଟିପିଡବ୍ଲୁଓଡିଏଲ ପକ୍ଷରୁ ଜନସାଧାରଣ ତଥା ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ବାତ୍ୟାଜନିତ କ୍ଷୟକ୍ଷତି ପାଇଁ ଉପରୋକ୍ତ ୨୪ଘଣ୍ଟିଆ ଦେୟମୁକ୍ତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ସୁରକ୍ଷା ପରାମର୍ଶ - ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଟିପିଡବ୍ଲୁଓଡିଏଲ୍ ଉପଭୋକ୍ତା ତଥା ଜନସାଧାରଣଙ୍କୁ ସତର୍କ ରହିବା ଏବଂ ଅତ୍ୟାବଶ୍ୟକ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଅନୁରୋଧ କରିଛି। ବର୍ଷା ଏବଂ ବନ୍ୟା ସମୟରେ ବିଦ୍ୟୁତ୍ ଖୁଣ୍ଟ, ତାର କିମ୍ବା କୌଣସି ପ୍ରକାର ବୈଦ୍ୟୁତିକ ଉପକରଣକୁ ସ୍ପର୍ଶ କରନ୍ତୁ ନାହିଁ। ଓଦା ହାତରେ କିମ୍ବା ପାଣିରେ ଠିଆ ହୋଇ ବୈଦ୍ୟୁତିକ ଉପକରଣ ବ୍ୟବହାର କରନ୍ତୁ ନାହିଁ। ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, ବାତ୍ୟାକୁ ଦୃଷ୍ଟିରେ ରଖି ଆମର ପ୍ରାଥମିକତା ହେଉଛି ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଆଗୁଆ ଯୋଜନା ଏବଂ ଦ୍ରୁତ ପ୍ରତିକ୍ରିୟା ମାଧ୍ୟମରେ ବିଦ୍ୟୁତ୍ ବିଭ୍ରାଟକୁ କମ କରିବା। ଆମର ସମସ୍ତ ଦଳ ଏବଂ ସମ୍ବଳ ଯେକୌଣସି ବିଭ୍ରାଟ ହେଲେ ଯଥାଶୀଘ୍ର ଯୋଗାଣ ପୁନଃସ୍ଥାପିତ କରିବା ପାଇଁ ଉଚ୍ଚ ସତର୍କତା ଅବଲମ୍ବନ କରୁଛନ୍ତି।

### ସଫେଇ କର୍ମଚାରୀ ଚାକିରି ବିକ୍ରି ଘଟଣା

# ମାନସିକ ଚାପରେ ମହିଳାଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୨୭।୧୦(ସମିସ)**

ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଫସି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କ ଚିକିତ୍ସାଧିନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି। ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ଆଳରେ ପ୍ରାୟ ୨ ହଜାର ଲୋକଙ୍କ ପାଖରୁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ସୂଚନା ଯୋଗ୍ୟ ମିଛ ନିଯୁକ୍ତି ଦେଇଥିବା ଆଉମାକ୍ ପ୍ରା. ଲିର ଦୁଇ ଅଭିଯୁକ୍ତ ପଦ୍ମାବତୀ ଡାଣ୍ଡି ଓ ରାହୁଲ ବର୍ତ୍ତମାନ ସମ୍ବଲପୁର ଜେଲରେ ଅଛନ୍ତି। ସଂସ୍ଥାର ଦୁଇ ଅଭିଯୁକ୍ତଙ୍କ ଉପରେ ଭରସା କରି ଜଣେ ମହିଳା ଫସିଯାଇଛନ୍ତି। ଶେଷରେ ବାଧ୍ୟ ହୋଇ ଆତ୍ମହତ୍ୟା କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ଟିପିଲିମାର ସ୍ୱର୍ଣ୍ଣପ୍ରଭା ପାତ୍ର। ସୂଚନା ଅନୁସାରେ ପଦ୍ମାବତୀ ଓ ରାହୁଲ ଆଉମାକ୍ ନାମକ ଏକ ସଂସ୍ଥା କରି ସମ୍ବଲପୁର ମହାନଗର ନିଗମରେ ମିଛ ନିଯୁକ୍ତି ଦେଉଥିଲେ। ଏଥି ପାଇଁ ଜଣକ ପିଛା ୧୨ ହଜାର ଟଙ୍କା ଲେଖାଏଁ ନେଉଥିଲେ। ସମ୍ବଲପୁର, ବରଗଡ଼, ବୌଦ୍ଧ ଓ ସୋନପୁର ଅଞ୍ଚଳରୁ ପ୍ରାୟ ୨ ହଜାରରୁ ଅଧିକ ଲୋକଙ୍କୁ ଏମାନେ ଠକିଥିଲେ। କିଛି ଦିନ ତଳେ ବୁର୍ଲା



ପୁଲିସ ଏହି ର୍ୟାକେଟ୍‌ର ପର୍ଦ୍ଦାଫାସ କରିଥିଲା। ବିଭିନ୍ନ ସ୍ଥାନରେ ଅଧିକ ଲୋକ ଯୋଗିବା ପାଇଁ ସୁପରଭାଇଜର ଭାବେ ମଧ୍ୟ ନିଯୁକ୍ତି ଦେଉଥିଲେ। ଏମାନଙ୍କ କଥାରେ ପଡ଼ି ସ୍ୱର୍ଣ୍ଣପ୍ରଭା ସୁପରଭାଇଜର ଭାବେ ନିଯୁକ୍ତି ପାଇଥିଲେ। ପ୍ରାୟ ୬ଶରୁ ଅଧିକ ଲୋକଙ୍କ ପାଖରୁ ୧୨ ହଜାର ଲେଖାଏଁ ୭୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସେ ସଂଗ୍ରହ କରିଥିଲେ। ସମସ୍ତ ଟଙ୍କା ରାହୁଲଙ୍କୁ ମଧ୍ୟ ଦେଇଥିଲେ। ଦୁଇ ଦିନ ତଳେ ଏହି ର୍ୟାକେଟ୍ ପର୍ଦ୍ଦାଫାସ ହେବା ପରେ ସ୍ୱର୍ଣ୍ଣପ୍ରଭାଙ୍କୁ ଟଙ୍କା ଦେଇଥିବା ଲୋକ ମାଗିଥିଲେ। ୨୪ ତାରିଖ ସ୍ୱର୍ଣ୍ଣପ୍ରଭାଙ୍କ ଘରକୁ ଶହେରୁ ଅଧିକ ଲୋକ ଜମା ହୋଇ ଟଙ୍କା ଫେରି ପାଇବାକୁ ଦାବି କରିଥିଲେ। ସ୍ୱର୍ଣ୍ଣପ୍ରଭା ସମସ୍ତ ଟଙ୍କା ରାହୁଲଙ୍କୁ ଦେଇଥିବା କହିଥିଲେ ମଧ୍ୟ ଘଟଣାସ୍ଥଳରେ ଉତ୍ତେଜନା

**ସଂଗ୍ରହ କରିଥିଲେ ୭୪ ଲକ୍ଷ**

**ଅଭିଯୁକ୍ତଙ୍କ ଉପରେ ଭରସା କରି ଫସିଗଲେ ମହିଳା**

ପ୍ରକାଶ ପାଇଥିଲା। ପରେ ସ୍ୱର୍ଣ୍ଣପ୍ରଭା ମାନସିକ ଅବସାଦରେ ବିଷ ପିଇ ଦେଇଥିଲେ। ହେଲେ ଆଜି ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ବେଆଇନ ଉଚ୍ଛେଦ ରୋକିବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର, ୨୭।୧୦ (ସମିସ) :** ଗତ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟ ରାଜପଥ କଡ଼ରେ ପରଧାପାଲି ସେଜେଳ ହିନ୍ଦୁ ସ୍କୁଲ ନିକଟରେ ସୌରଭ ବିହାରରେ ଲୋକେ ବସବାସ କରୁଛନ୍ତି। ଏଠାରେ ପ୍ରାୟ ୯୩ଟି ଗରିବ, ଖଟିଖିଆ ପରିବାର ରହୁଛନ୍ତି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏହି ବସ୍ତିରେ ରାସ୍ତା ନିର୍ମାଣ ସହ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ନିୟମିତ ଭାବେ ସେମାନେ ରାଜସ୍ୱ ଖଜଣା ମଧ୍ୟ ଦେଉଛନ୍ତି। ଗତ ୨୩ ତାରିଖ ରାଜସ୍ୱ ବିଭାଗ ଓ ମହାନଗର ନିଗମ କର୍ମଚାରୀମାନେ ଆସି ବିନା ନୋଟିସରେ ଘର ଉଚ୍ଛେଦ କରିବାକୁ ଉଦ୍ୟମ କରିଥିଲେ। ପୂର୍ବରୁ କୌଣସି ସୂଚନା ନଥିବାବେଳେ ଏବେ ସରକାରୀ ପ୍ରକଳ୍ପ ନାମରେ ବିନା ଥଇଥାନରେ ଜାଗା ଖାଲି କରିବାକୁ କୁହାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆଜି ଏନେଇ ସୌରଭ ବିହାର ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଥମେ ସମସ୍ତଙ୍କୁ ଥଇଥାନ କରାଯାଉ ପରେ ଉଚ୍ଛେଦ କରାଯାଉ ବୋଲି ସେମାନେ ଦାବି ଜଣାଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ପ୍ରଦାନ କରାଯାଇଛି।

## ସମ୍ବଲପୁର ଜିଲ୍ଲାରେ 'ଉଲ୍ଲାସ' ପରୀକ୍ଷାଦେଲେ ୧୮ ୩୧୫

**ସମ୍ବଲପୁର, ୨୭।୧୦ (ସମିସ) :** ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା ସମ୍ବଲପୁର ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷଣ ଭୋଇଙ୍କ ନିର୍ଦ୍ଦେଶ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରେ ୧୮ ୩୧୫ ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୫୦୨୫ ଜଣ ପୁରୁଷ ଓ ୧୩୨୯୧ଜଣ ମହିଳା। କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'ରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଅଣସାକ୍ଷର ବ୍ୟକ୍ତିଙ୍କୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଏକ ସର୍ଭେ ମାଧ୍ୟମରେ ଚିହ୍ନଟ କରିଥିଲେ। ଚିହ୍ନଟ କରାଯାଇଥିବା ସବୁ ଶିକ୍ଷାର୍ଥୀଙ୍କୁ ପୁସ୍ତକ ପ୍ରଦାନ କରାଯିବା ସହ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥିଲା। ରବିବାର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବାଲାଗି ଆଗ୍ରହର ସହ ଶିକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସିବା ଦେଖାଯାଇଥିଲା। ସମ୍ବଲପୁର ଜିଲ୍ଲାର ଜମନକିରା ବ୍ଲକରେ ସର୍ବାଧିକ ୨୫୮୩ ଜଣ ପରୀକ୍ଷା ଦେଇଥିଲେ। ଜିଲ୍ଲାର ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ମହିଳା ଥିବା ଜଣାପଡ଼ିଛି। ଜିଲ୍ଲାର ନବଭାରତ ସାକ୍ଷରତା ଉଲ୍ଲାସର ନୋଡାଲ ଅଫିସର ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ କ୍ଲଷ୍ଟରର ସିଆରସିସିମାନେ ପରୀକ୍ଷା ପରିଚାଳନା ନିରୀକ୍ଷଣ କରିଥିଲେ।

## କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୭।୧୦ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗର ପ୍ରଫେସର ଆଦିତ୍ୟ ମେହେର ସଭାପତିତ୍ୱ କରି କବିଙ୍କ ବିଶେଷ ପରିଚୟ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡଃ ଶ୍ୟାମ ଭୋଇ କବିଙ୍କ ସ୍ମୃତିଚାରଣ କରିବା ସହ କୃତି ଓ କୃତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ଡଃ ଶ୍ରଦ୍ଧାମୟୀ ପୁରୋହିତ, ଡଃ ରଶ୍ମିତା ରାଉତରାୟ, ଅଧ୍ୟାପିକା ମୋଞ୍ଜା ପୂର୍ତ୍ତି, ଅଧ୍ୟାପକ ରୋଶନ ଭୋଇ ପ୍ରମୁଖ କବିଙ୍କ ସାହିତ୍ୟ ଜଗତରେ ଅବଦାନକୁ ନେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ବିଭିନ୍ନ ବିଭାଗର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା ସଭାପତିଙ୍କ ପରଲୋକ

**ସମ୍ବଲପୁର, ୨୭।୧୦ (ସମିସ) :** ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା, ମୁଦିପଡ଼ାର ସଭାପତି ଜଗଦୀଶ ପଣ୍ଡା (ରାହାସୁ) ଙ୍କ ଆଜି ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି।



ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଜଣେ ସରଳ, ନିଷ୍ଠାବାନ, ନିର୍ଭିକ ଓ ପରୋପକାରୀ ବ୍ୟକ୍ତି ଥିଲେ। ମୁଦିପଡ଼ା ଶୀତଳଷଷ୍ଠୀର ପାରମ୍ପରିକ ଯାତ୍ରାକୁ ନୂଆ ମାନଚିତ୍ରରେ ନେଇଯିବାରେ ତାଙ୍କ ଭୂମିକା ଅପୂରଣୀୟ। ସେ ସଦା ଯୁବପିଢ଼ୀକୁ ଏହି ପରମ୍ପରାକୁ ଆଗକୁ ନେବାପାଇଁ ପ୍ରେରଣା ଦେଇଆସୁଥିଲେ। ତାଙ୍କ ପଛରେ ପତ୍ନୀ ରଞ୍ଜିତା ପଣ୍ଡା, ପୁଅ ସ୍ୱରାଜ, ଝିଅ ଜୟଶ୍ରୀ ଓ ଶିବାଙ୍ଗିନୀ ତଥା ପରିବାରବର୍ଗ ଅଛନ୍ତି। ତାଙ୍କ ପରିବାରର ନିକଟତମ ଆତ୍ମୀୟ ଆମେରିକାରୁ ଆସୁଥିବାରୁ ଆସନ୍ତାକାଲି ତାଙ୍କ ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟ ତଥା ମୁଦିପଡ଼ାବାସୀ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବାସହ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

### ■ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଶୋକପ୍ରକାଶ

ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ୍ସରେ ଦେଇଥିବା ଶୋକବାର୍ତ୍ତାରେ ଲେଖିଛନ୍ତି, ସମ୍ବଲପୁର ଶ୍ରୀ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି, ମୁଦିପଡ଼ାର ସଭାପତି ଜଗଦୀଶ ପଣ୍ଡାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ମୁଦିପଡ଼ାର ପାରମ୍ପରିକ ଶୀତଳଷଷ୍ଠୀ ଯାତ୍ରାକୁ ଆଗେଇ ନେବାରେ ତାଙ୍କର ଅବଦାନ ଥିଲା ଅତୁଳନୀୟ। ତାଙ୍କର ବିୟୋଗ ମୁଦିପଡ଼ା ସମେତ ସମ୍ବଲପୁର ପାଇଁ ଏକ ଅପୂରଣୀୟ କ୍ଷତି। ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ■ ଜିଲ୍ଲା ବିଜେଡି ସଭାପତିଙ୍କ ଶୋକପ୍ରକାଶ

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ସମ୍ବଲପୁର ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କ ମୁଦିପଡ଼ାସ୍ଥିତ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ଇଂ. ପୂଜାରୀ ଶୋକବାର୍ତ୍ତାରେ କହିଛନ୍ତି ଯେ, ରାହାସୁ ଦାଦାଙ୍କ ଅକାଳ ବିୟୋଗ ଖବରଶୁଣି ସେ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ରାହାସୁ ଦାଦାଙ୍କ ସହ ବ୍ୟକ୍ତିଗତ ଘନିଷ୍ଠ ସମ୍ପର୍କ ରହିଥିଲା। ଆତ୍ମାର ସଦଗତି କାମନା କରିବାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ଦେବା ନିମନ୍ତେ ଇଂ. ପୂଜାରୀ ମା' ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଅନିଶ୍ଚିତତାରେ ସମ୍ବଲପୁରରେ ଲୟର୍ସ କନଫରେନ୍ସ

**ସମ୍ବଲପୁର, ୨୭।୧୦ (ସମିସ) :** ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଦୁଇ ଗୋଷ୍ଠୀକୁ ଏକ କରିବାକୁ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଉଦ୍ୟମ ଫଳବତୀ ହୋଇପାରିନାହିଁ। ଗତକାଲି ସମ୍ବଲପୁରକୁ ଉଭୟ ଗୋଷ୍ଠୀକୁ ଡକାଯାଇଥିବାବେଳେ ଗୋଟିଏ ଗୋଷ୍ଠୀ ଆସିଥିଲେ। ଅନ୍ୟ ଗୋଷ୍ଠୀ ପୂର୍ବରୁ ନିର୍ଦ୍ଧାରଣ କରିଥିବା କାର୍ଯ୍ୟକ୍ରମ ଅନୁଯାୟୀ ତାଙ୍କ କାର୍ଯ୍ୟକାରିଣୀ ବାରିପଦାରେ କରିଥିଲେ। ସେମାନେ ମୌଖିକ ସମର୍ଥନ ଦେବାସହ ଲିଖିତ ରିଜୋଲ୍ୟୁସନ୍ ପଠାଇବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ, ଗତକାଲି ଓ ଆଜି ସେହି ଗୋଷ୍ଠୀର କୌଣସି ଲିଖିତ ମତାମତ ଆସିନାହିଁ। ଏହା ଏକପ୍ରକାର ସେମାନଙ୍କ ଅସହମତିକୁ ସୂଚୀତ କରୁଛି। ସମ୍ବଲପୁରରେ ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ ହେବାନେଇ ଅନିଶ୍ଚିତତା ଦେଖାଦେଇଛି।

ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍ (ଆଓଲା) ଦୁଇଭାଗ ହୋଇଯାଇଛି। ଗତ ପ୍ରାୟ ୮-୯ ବର୍ଷ ତଳେ କୌଣସି ବିଷୟକୁ ନେଇ ମତପାର୍ଥକ୍ୟ, ମନୋମାଳିନ୍ୟ, ମତଭେଦ ହେବାପରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ଇ ଦୁଇଟି ଗୋଷ୍ଠୀ ଡିସେମ୍ବର ୨୯ ଓ ୩୦ ତାରିଖରେ ହେଉଥିବା ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ ପୃଥକ୍ ପୃଥକ୍ ଭାବେ

**ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଗୋଟିଏ ଗୋଷ୍ଠୀ ଦେଇନାହାନ୍ତି ଲିଖିତ ମତାମତ**

ଆୟୋଜନ କରୁଛନ୍ତି। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ଏହି ଦୁଇ ଗୋଷ୍ଠୀକୁ ଏକ କରିବାକୁ ସେତୁ ଭାବେ ପ୍ରୟାସ ଆରମ୍ଭ କରିଛି। ଉଭୟ ଗୋଷ୍ଠୀ ସହମତି ଏବଂ ଯୋଗଦାନରେ ସମ୍ବଲପୁରରେ ଚଳିତବର୍ଷ ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହି କ୍ରମରେ ଗତକାଲି ସମ୍ବଲପୁର ଓକିଲ ସଂଘ ପ୍ରେକ୍ଷାଳୟରେ ଉଭୟ ଗୋଷ୍ଠୀର ଏକ ମିଳିତ ବୈଠକ ପାଇଁ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ଡାକିଥିଲା। ଗୋଟିଏ ଗୋଷ୍ଠୀ ଯୋଗଦେଇଥିବାବେଳେ ଅନ୍ୟ ଗୋଷ୍ଠୀ ବାରିପଦା କାର୍ଯ୍ୟକାରିଣୀରେ ସମ୍ବଲପୁରରେ ହେବାକୁ ଥିବା ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସରେ ଯୋଗଦେବାକୁ ରିଜୋଲ୍ୟୁସନ୍ ପାରିତ କରି ଲିଖିତ ବାର୍ତ୍ତା ପଠାଇବେ ବୋଲି କହିଥିଲେ। କିନ୍ତୁ ସେଭଳି କୌଣସି ବାର୍ତ୍ତା ଆଜି ସନ୍ଧ୍ୟା ସୁଦ୍ଧା ଆସିନାହିଁ। ଫଳରେ ସମ୍ବଲପୁରରେ ହେବାକୁ ଥିବା ଲୟର୍ସ କନଫରେନ୍ସକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି, ଗତକାଲି ଗୋଟିଏ ଗୋଷ୍ଠୀ ଆସି ବୈଠକରେ ଯୋଗ ଦେଇଥିବାବେଳେ ଆଜି ପର୍ଯ୍ୟନ୍ତ ଅନ୍ୟ ଗୋଷ୍ଠୀର ସହମତି ରିଜୋଲ୍ୟୁସନ୍ ଆସିନାହିଁ। ଏନେଇ ସବିଶେଷ ବିବରଣୀ ମୁଁ ଜିଲ୍ଲା ଓକିଲ ସଂଘ ସାଧାରଣ ପରିଷଦ ବୈଠକରେ ଉପସ୍ଥାପନ କରିବି ଏବଂ ପରିଷଦ ଆଗାମୀ କାର୍ଯ୍ୟକ୍ରମ ନେଇ ନିଷ୍ପତ୍ତି ନେବ।

# ଧାରଣାରେ ବସିଲେ, ଆସିଲେନି ପ୍ରଶାସନିକ ଅଧିକାରୀ

**ସମ୍ବଲପୁର, ୨୭।୧୦ (ସମିସ) :** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଧନକଉଡ଼ା ମୌଜା ଅନ୍ତର୍ଗତ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୋଖରୀରୁ ପଙ୍କୋଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ 'ମୁକ୍ତା'ଯୋଜନାରେ ଠିକାରେ ନିୟୋଜିତ କରାଯାଇଥିଲା। ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ସେମାନେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ମାତ୍ର ମାସ ପରେ ମାସ ବିତି ଯାଉଥିଲେ ହେଁ ସେମାନଙ୍କ ବକେୟା ଦେୟ ଦିଆଯାଉନାହିଁ। ଆଜି ଏନେଇ ଏସ୍‌ଏଚ୍‌ଜି ସଦସ୍ୟାମାନେ ଆସି ଜିଲ୍ଲାପାଳଙ୍କ ଚ୍ୟାମ୍ବର ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ, କେହି ପ୍ରଶାସନିକ ଅଧିକାରୀ ନଆସିବାରୁ ଶେଷରେ ଅପରାହ୍ଣ ୫ଟାବେଳେ ଫେରିଯାଇଥିଲେ। ବକେୟା ଅର୍ଥରାଶି ଶୀଘ୍ର ନମିଳିଲେ ଆଗାମୀ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୫ ତାରିଖରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ଜିଲ୍ଲାପାଳଙ୍କୁ ଫେରାଦ ହେବାକୁ ଆସିଥିବାବେଳେ ସେଠାରେ ସମ୍ବଲପୁର ମହାନଗର ନିଗମ ଉପାୟୁକ୍ତ ସେଠାରେ ପହଞ୍ଚି ପରବର୍ତ୍ତୀ ମଙ୍ଗଳବାର ସୁଦ୍ଧା ସପ୍ତାହକ ମଧ୍ୟରେ ବକେୟା ରାଶି ପ୍ରଦାନ କରିବାକୁ

**ମୁକ୍ତା ଯୋଜନାରେ କାମ କରିଥିବା ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ଲକ୍ଷ ଲକ୍ଷ ଟଙ୍କା ବାକି**

ପ୍ରତିଶ୍ରୁତି ଦେଇଥିଲେ। ତେବେ, ତାହା ପ୍ରଦାନ କରାଯାଇନାହିଁ।

ଅଭିଯୋଗ ଅନୁଯାୟୀ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ପତ୍ର ସଂଖ୍ୟା ୧୦୬୪୩ ତା. ୭-୧୨-୨୦୨୩ ଜରିଆରେ ସତସଙ୍ଗ ବିହାରର ବାନିକଁଟା ବନ୍ଧର ପଙ୍କୋଦ୍ଧାର କାର୍ଯ୍ୟ ଦିଆଯାଇଥିଲା। ଏହି କାମକୁ ୧୦ଟି ଏସ୍‌ଏଚ୍‌ଜି କରୁଥିଲେ। ପ୍ରତି ଏସ୍‌ଏଚ୍‌ଜିକୁ ୧୧, ୭୨, ୮୨୪ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏସ୍‌ଏଚ୍‌ଜି ସଦସ୍ୟାମାନେ ଗ୍ରୁପ୍ ଲୋନ୍ ଓ ସୁଧ ଟଙ୍କାରେ ଆଣି କାମ ସମ୍ପୂର୍ଣ୍ଣ କରିଥିଲେ। ଗତବର୍ଷ ଏସ୍‌ଏଚ୍‌ଜି ପିଛା ୪୨୦୦୦୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଏପର୍ଯ୍ୟନ୍ତ ବକେୟା ଟଙ୍କା ଦିଆଯାଇନାହିଁ। ଗତ ଦୁଇବର୍ଷ ହେବ ଏସ୍‌ଏଚ୍‌ଜି ପିଛା ୭୫୨୮୨୪ ଟଙ୍କା ଲେଖାଏ ବକେୟା ରହିଛି। ଆଜି ଏସ୍‌ଏଚ୍‌ଜି ମହିଳାମାନେ ଜିଲ୍ଲାପାଳଙ୍କ ଚ୍ୟାମ୍ବର ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଧାରଣାରେ ବସିଥିଲେ। ତେବେ, ସମ୍ବଲପୁର ଜିଲ୍ଲାପାଳ ଛୁଟିରେ ଥିବାବେଳେ ଭାରପ୍ରାପ୍ତ ଜିଲ୍ଲାପାଳ ମାନେଶ୍ୱରକୁ ଅଭିଯୋଗ ଶୁଣାଣୀ ପାଇଁ ଯାଇଥିଲେ। ଅନ୍ୟ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ପାଖକୁ ଆସି ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚାରି ବୁଝିନଥିବାରୁ ମହିଳାମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ଛଟ୍‌ରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ

**ସମ୍ବଲପୁର, ୨୭।୧୦ (ସମିସ)**

ଛଟ୍ ଅବସରରେ ସୋମବାର ସମ୍ବଲପୁରର ବିଭିନ୍ନ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ



ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ଛଟ୍ ପର୍ବ ୨୫ ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୬ରେ ଖର୍ନା, ୨୭ରେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଏବଂ ୨୮ରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟପ୍ରଦାନ ସହ ବ୍ରତଧାରଣ କରାଯାଇଥାଏ। ପୌରାଣିକ ବିଶ୍ୱାସ ଅନୁଯାୟୀ ମୃଦଳ ଋଷି ମାତା ସୀତାଙ୍କୁ ଗଙ୍ଗାଜଳ ସିଞ୍ଚନ କରି ପବିତ୍ର କଲେ ଏବଂ କାର୍ତ୍ତିକ ମାସ ଶୁକ୍ଲ ପକ୍ଷ ଷଷ୍ଠୀ ତିଥିରେ ସୂର୍ଯ୍ୟଦେବଙ୍କ ଉପାସନା କରିବାକୁ ମାତା ସୀତାଙ୍କୁ କହିଥିଲେ। ଏହାସହ ବିଶ୍ୱାସ ରହିଛି ଯେ ମାତା ସୀତା ଅଯୋଧ୍ୟା ଫେରିବା ପରେ ସରଜୁ ନଦୀକୂଳରେ ଛଟ୍ ପୂଜା କରିଥିଲେ।

ଆଜି ସମ୍ବଲପୁରରେ ଛଟ୍‌ପୂଜା ଅବସରରେ ମହାନଦୀ ମାରୱାଡ଼ିପଡ଼ାଠାରୁ ଆରମ୍ଭ କରି ମନ୍ଦଲିଆ ପର୍ଯ୍ୟନ୍ତ ବିଭିନ୍ନ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ଏକାଠି ହୋଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ବୁର୍ଲାର ବିଷ୍ଣୁପଡ଼ା ଘାଟ, ମନ୍ଦଲିଆ, ବରେଇପାଲି, ମାରୱାଡ଼ି ପଡ଼ା, କଟରଧୁଆ ବନ୍ଧ, କଦମମାଲ ଛଟପୂଜା ଘାଟ, ହୀରାକୁଦ ଛଟପୂଜା ଘାଟ, ଭଙ୍ଗାମୁଣ୍ଡା ବିହାରୀପଡ଼ା, ଝାଙ୍କରପଡ଼ା ଓ ଏକୋଡୋପଡ଼ା ଆଦି ସ୍ଥାନରେ ପୂଜାର୍ଚ୍ଚନା ହୋଇଥିଲା। ଶ୍ରଦ୍ଧାଳୁମାନେ ଛଟ୍‌ପୂଜାର ରୀତିନୀତି ଅନୁଯାୟୀ ପାଣି ଭିତରେ ଛିଡ଼ା ହୋଇ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ।

## ଦଲେଇପଡ଼ାରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ

ଚାରିଦିନ ଧରି ଚାଲିଥିବା ନୈଷ୍ଠିକ ପର୍ବ ଛଟ୍ ପୂଜାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି ଉଦ୍ୟୋଗପତି ଶତ୍ରୁଘନଲାଲ ସାହାଙ୍କ



ପରିବାରର ସମସ୍ତ ସଦସ୍ୟ। ପାରମ୍ପରିକ ବାଦ୍ୟ ସହ ଦଲେଇପଡ଼ାରୁ ବାଜା ବାଣର ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଶତ୍ରୁଘନଲାଲ ସାହା, ପତ୍ନୀ ଶକୁନ୍ତଳା ସାହା, ପୁତ୍ର ସିଦ୍ଧାର୍ଥ ସାହା, ପୁତ୍ରବଧୂ ଦେବିଦାନୀ ସାହା, ନାତୁଣୀ ସୃତି ସାହା ଓ ନାତି ଆଦିତ୍ୟ ସାହା ପ୍ରମୁଖଙ୍କ ଅଞ୍ଚଳର ଶତାଧିକ ଆତ୍ମୀୟସ୍ୱଜନ ଦଲେଇପଡ଼ା ଘାଟ ପର୍ଯ୍ୟନ୍ତ ଯାଇଥିଲେ। ପୁତ୍ର ସିଦ୍ଧାର୍ଥ ସାହା ପୂଜା ପାଇଁ ପ୍ରସ୍ତୁତ ସମସ୍ତ ସାମଗ୍ରୀ ମୁଣ୍ଡରେ ବୋହି ପୂଜା ଘାଟ ପର୍ଯ୍ୟନ୍ତ ଯାଇଥିଲେ। ପ୍ରତିବର୍ଷ ସାହା ପରିବାର ଦଲେଇପଡ଼ା ଘାଟ ନିକଟରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଘାଟରେ ଛଟ୍ ପୂଜା ସମସ୍ତ ବିଧିବିଧାନ ସହ କରିଥାନ୍ତି। ଛଟ୍ ପୂଜା ରୀତିନୀତି ଅନୁଯାୟୀ ପାଣି ଭିତରେ ଦୀର୍ଘ ସମୟ ଠିଆ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ମଙ୍ଗଳ କାମନା କରିଥିଲେ ଶ୍ରୀମତୀ ଦେବିଦାନୀ ସାହା। ପରିବାରର ସମସ୍ତ ସଦସ୍ୟ ନଦୀଘାଟରେ ପୂଜା ସମ୍ପନ୍ନ କରିଥିଲେ।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

# ଲୋକ ମହୋତ୍ସବକୁ ୬୭ ଦିନ, ପ୍ରଶାସନିକ ତତ୍ପରତା ନାହିଁ

**ସମ୍ବଲପୁର, ୨୭।୧୦ (ସମିସ)**

ଲୋକ କଳା, ଲୋକ ସଂସ୍କୃତି, ଲୋକ ପରମ୍ପରାକୁ ମାନ୍ୟତା ଦେବା ସହିତ ଲୁକ୍କାୟିତ ପ୍ରତିଭାକୁ ସମ୍ମୁଖକୁ ଆଣିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ସମ୍ବଲପୁର ଲୋକ ମହୋତ୍ସବ'କୁ ଆଉ ମାତ୍ର ୬୭ ଦିନ ବାକି ରହିଲା। ପ୍ରତିବର୍ଷ ଭଳି ଆସନ୍ତା ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକ ମହୋତ୍ସବ ଆୟୋଜିତ ହେବ। କେଇବର୍ଷ ହେବ ଏହାକୁ ଆଉ ଦୁଇଦିନ ପରିବର୍ଦ୍ଧିତ କରାଯାଉଛି। କିନ୍ତୁ ଏହାର ଆୟୋଜନ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ତେବେ, ଗତ କିଛିବର୍ଷ ହେବ ଲୋକମହୋତ୍ସବ ଆୟୋଜନରେ ବିଳମ୍ବ କରାଯାଉଥିବାରୁ ଆୟୋଜନରେ ବହୁ ଭୁଲ ତ୍ରୁଟି ରହିଯାଉଥିବା ଅଭିଯୋଗ ହେଉଛି। ଗତବର୍ଷ ଲୋକମହୋତ୍ସବ ସମୟରେ ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସପ୍ତାହରେ ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଅକ୍ଟୋବର ମାସ ସରିବାକୁ ଥିବାବେଳେ ବୈଠକର ନା' ନାହିଁ।




ଅନ୍ୟପକ୍ଷରେ ସମ୍ବଲପୁର ଜିଲ୍ଲାରେ ସ୍ଥାୟୀ ଜିଲ୍ଲା ସଂସ୍କୃତି ଅଧିକାରୀ ନାହାନ୍ତି। ୨୦୨୨ ପରଠାରୁ ଏହି ପଦରେ ଭାରପ୍ରାପ୍ତ ଅଧିକାରୀମାନେ କାମ କରୁଥିବାରୁ ଜିଲାରେ କଳା ଓ ସଂସ୍କୃତିର ସ୍ଥିତି ସହଜେ ଅନୁମେୟ। କିଛିବର୍ଷ ହେଲା ସ୍ଥାନୀୟ ଲୋକକଳା ଏବଂ ଲୁକ୍କାୟିତ ତଥା ଅବଲୁପ୍ତପ୍ରାୟ ଲୋକକଳା ପର୍ଯ୍ୟାପ୍ତ ପରିମାଣରେ ଲୋକ ମହୋତ୍ସବରେ ସ୍ଥାନିତ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ୧୯୯୭ ମସିହାରେ ଲୋକକଳା ଓ ଲୋକସଂସ୍କୃତିକୁ ନେଇ ଓଡ଼ିଶାରେ ପ୍ରଥମଥର ପାଇଁ ସମ୍ବଲପୁରରେ ଲୋକ ମହୋତ୍ସବ ଆରମ୍ଭ ହୋଇଥିଲା। ସାରା ଓଡ଼ିଶାର ଲୋକକଳାକୁ ନେଇ ଆରମ୍ଭ ହୋଇଥିବା ଏହି ସାଂସ୍କୃତିକ ଆନ୍ଦୋଳନ ପରବର୍ତ୍ତୀ ସମୟରେ ବିଭିନ୍ନ ଜିଲ୍ଲାକୁ ପ୍ରସାରିତ ହୋଇଥିଲା। ଲୋକ ମହୋତ୍ସବ କରୋନା ମହାମାରୀ ପାଇଁ ୨ ବର୍ଷ ବନ୍ଦ ରହିଥିଲା, ୨୦୨୩ରେ ଓଡ଼ିଶାରେ ଅନୁଷ୍ଠିତ ବିଶ୍ୱକପ ପୁରୁଷ ହକି ସକାଶେ ଲୋକମହୋତ୍ସବକୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ସମ୍ବଲପୁର ଲୋକ ମହୋତ୍ସବରେ ଲୋକକଳାକୁ ପ୍ରୋତ୍ସାହନ ଦେବାସହ ଲୋକକଳା ଓ ଲୋକସଂସ୍କୃତିରେ ଅଭିଜ୍ଞତା ଥିବା ବରିଷ୍ଠ କଳାକାରମାନେ ଏହାର ମଙ୍ଗ ଧରିଥାନ୍ତି। ଲୋକ କଳା, ସଂସ୍କୃତି ଓ ପରମ୍ପରା ପାଇଁ ଅଭିଜ୍ଞ କଳାକାରମାନେ ଲୋକ ମହୋତ୍ସବ କିପରି ଭବ୍ୟ ଆକର୍ଷଣୀୟ ଓ ସୁଦୂର ପ୍ରସାରି ହୋଇପାରିବ ସେନେଇ ଉଦ୍ୟମ କରିଥାନ୍ତି। ଗତ କିଛିବର୍ଷ ହେଲା ଜିଲ୍ଲା ପ୍ରଶାସନ ପକ୍ଷରୁ କମିଟି ମନୋନୟନ କରାଯାଉଥିବାବେଳେ ପ୍ରତି ବିଭାଗରେ ନୋଡାଲ ଅଧିକାରୀଙ୍କ ପ୍ରଭାବ ବୃଦ୍ଧି ପାଉଛି। କଳାକାର ଓ କଳା ସଙ୍ଗଠକ ମାନଙ୍କୁ ନିୟନ୍ତ୍ରଣ କରାଯିବାସହ ବାବୁରାଜ ଚାଲୁଥିବା ସାଧାରଣରେ ଅଭିଯୋଗ ହେଉଛି।

### ୧୯୯୭ରୁ ଆରମ୍ଭ

ଓଡ଼ିଶାରେ ପ୍ରଥମଥର ପାଇଁ ୧୯୯୭ ମସିହାରେ ଲୋକକଳାଓଲୋକସଂସ୍କୃତିକୁନେଇସମ୍ବଲପୁରରେ ଆରମ୍ଭ ହୋଇଥିଲା ଲୋକ ମହୋତ୍ସବ। ପ୍ରଥମ ଉତ୍ସବର ନାମ ଥିଲା 'ଓଡ଼ିଶା ଲୋକ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ'। ସ୍ଥାନୀୟ ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପରେ ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଇଜେଡ୍‌ସିସି କଲିକତା ଓ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗ କରିଥିଲେ। ସେତେବେଳେ ଜିଲ୍ଲାପାଳ ଥିଲେ ନରେନ୍ଦ୍ର କୁମାର ମିଶ୍ର। ସେହି ସମୟରେ ଅଶୋକ ମିଶ୍ର ଓ ଦ୍ୱାରିକାନାଥ ନାୟକଙ୍କ ମିଳିତ ନେତୃତ୍ୱରେ କଳାକାର ଓ ସଙ୍ଗଠକ ମାନଙ୍କ ସହଯୋଗରେ ପ୍ରଥମ ଉତ୍ସବ ଆୟୋଜିତ ହୋଇଥିଲା। କେବଳ ସମ୍ବଲପୁର ନୁହେଁ ସାରା ଓଡ଼ିଶାର କଳାକୁ ନେଇ ଏହି ସାଂସ୍କୃତିକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଲୋକକଳା ଉତ୍ସବ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପ୍ରସାରିତ ହୋଇଥିଲା।




ବାହାରିନଠାରେ ତୃତୀୟ ଏସୀୟ ଯୁବା କ୍ରୀଡ଼ା ପ୍ରତିଯୋଗିତା -୨୦୨୫ର ଅଣ୍ଡର-୧୮ କବାଡ଼ି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ଭାରତୀୟ ମହିଳା ଦଳର ସଦସ୍ୟା ସମ୍ବଲପୁରର ଗର୍ବ ଓ ଗୌରବ ପ୍ରିୟଙ୍କା ପ୍ରଧାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଉଛି।

### ସର୍ବଭାରତୀୟ ଏନ୍‌ଆଇଟି ସନ୍ତରଣ ପ୍ରତିଯୋଗିତା

## ସମ୍ବଲପୁରର ଝିଅ ଅର୍ପିତାଙ୍କୁ ସ୍ୱର୍ଣ୍ଣ

**ସମ୍ବଲପୁର, ୨୭।୧୦(ସମିସ):** ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି), ରାଉରକେଲାଠାରେ ଆୟୋଜିତ ହେଉଥିବା ସର୍ବଭାରତୀୟ ଏନ୍‌ଆଇଟି ସନ୍ତରଣ ପ୍ରତିଯୋଗିତାରେ ସମ୍ବଲପୁରର ଝିଅ ତଥା ଏନ୍‌ଆଇଟି ଶିଲଚରରେ ପ୍ରଥମ ବର୍ଷ ଇଞ୍ଜିନିୟରିଂ ଛାତ୍ରୀ ଅର୍ପିତା ସାହୁ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ଏହାଦ୍ୱାରା ସେ ସମ୍ବଲପୁର ପାଇଁ ଗୌରବ ଆଣିଛନ୍ତି। ଅର୍ପିତା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟରତ ବିନୋଦ ସାହୁ ଓ ଶଶିରେଖା ସାହୁଙ୍କ କନ୍ୟା। ସମ୍ବଲପୁର ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ତଥା ସଦସ୍ୟମାନେ ଅର୍ପିତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ତୃତୀୟ ଏସୀୟ ଯୁବା କ୍ରୀଡ଼ା ପ୍ରତିଯୋଗିତା -୨୦୨୫ର ଅଣ୍ଡର-୧୮ କବାଡ଼ିରେ ସ୍ୱର୍ଣ୍ଣପଦକ ବିଜେତା ହୋଇ ସମ୍ବଲପୁରର ଝିଅ ପ୍ରିୟଙ୍କା ପ୍ରଧାନ ସମ୍ବଲପୁର ତଥା ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି।




## ଭୀମଭୋଇ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

**ରେଢ଼ାଖୋଲ, ୨୭।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ ଭୀମଭୋଇ ମହାବିଦ୍ୟାଳୟରେ ସୋମବାର ଦିନ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରି ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ପାଇଁ ସମସ୍ତେ ସଚେତନ ହେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅରୁଣ କୁମାର ସାସନୀ, ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ସୁଶାନ୍ତ ନନ୍ଦ, ଡ଼ ଦିବ୍ୟ ଲୋଚନ ରାଉତ ଓ କିଶୋର ଠାକୁର ପ୍ରମୁଖ ଉପସ୍ଥିତ ରହିଥିଲେ।ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଏକ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା।ସଭାରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କୁଚିଣ୍ଡା, ୨୭।୧୦(ସମିସ):**ବାମରା ବ୍ଲକ ଟାଙ୍ଗରମୁଣ୍ଡା ଠାରେ ଜଣେ ଯୁବକ ସାର୍ ଖାଇ ଆଇହତ୍ୟା ଉଦ୍ୟମ କରିଥିବା ବେଳେ ତାଙ୍କୁ ସୁନ୍ଦରଗଡ଼କୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ ଟାଙ୍ଗରମୁଣ୍ଡା ଗ୍ରାମର ନିସ୍ତାର ଗୁଡ଼ିଆ କୌଣସି କାରଣକୁ ନେଇ ମାନସିକ ଚାପ୍‌ରେ ଥିବା ବେଳେ ସେ ସୋମବାର ଦିନ ପ୍ରାୟ ୧୨ ଟା ସମୟରେ ଘରେ ଥିବା ସାର୍ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ପରିବାର ଲୋକ ଓ ପାଖ ପଡୋଶୀ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

## ଓଢଣୀରେ ଝୁଲିପଡ଼ିଲେ ଯୁବକ

**କୁଚିଣ୍ଡା, ୨୭।୧୦(ସମିସ):**କୁଚିଣ୍ଡା ଏନଏସି ୱାର୍ଡ ନଂ୩ ଲିଟିପଡ଼ାରେ ଏକ ଆବଦ୍ଧ ଘରେ ଓଢଣୀ ଲଗାଇ ଜଣେ ଯୁବକ ଝୁଲି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ଙ୍କ ପତ୍ନୀ ପିଙ୍କି ଛତ୍ରିଆ ୱାର୍ଡ଼ ନଂ ୬ରେ ଥିବା ନିଜ ବାପା ଘରକୁ ଯାଇଥିଲେ। ରାତିରେ କୌଣସି କାରଣରୁ ପତ୍ନୀଙ୍କ ଠାରୁ ଘର ଚାବି ମାଗି ଆଣିଥିଲେ ଏବଂ ଏକାକୀ ସୁଯୋଗ ନେଇ ବେକରେ ଓଢ଼ଣୀ ସାହାଯ୍ୟରେ ଝୁଲିପଡ଼ି ମୃତ୍ୟୁବରଣ କରିଥିଲେ। ପତ୍ନୀ ପିଙ୍କି ତାର ସ୍ୱାମୀଙ୍କୁ ଅନେକ ଥର ଫୋନ୍ ସହିତ ଯୋଗାଯୋଗ କରିଥିଲେ ହେଲେ ସ୍ୱାମୀଙ୍କ ଠାରୁ କୌଣସି ଉତ୍ତର ନପାଇବାରୁ ମନରେ ସନ୍ଦେହ ପ୍ରକାଶ କରି ତୁରନ୍ତ ସକାଳୁ ନିଜ ଘର ଲିଟିପଡ଼ାପଡ଼ାକୁ ଆସି କବାଟ ତାଡ଼ି ଓଢ଼ଣୀରେ ସ୍ୱାମୀ ଝୁଲି ରହିଥିବା ଦେଖିବାକୁ ପାଇଲେ। ପୁଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ କୁଚିଣ୍ଡା ପୁଲିସ ପହଞ୍ଚି ପଞ୍ଚନାମା କରାଇବା ପରେ କୁଚିଣ୍ଡା ଡାକ୍ତରଖାନାରେ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ କୁଚିଣ୍ଡା ଥାନାରେ ମାମଲା ରୁଜୁ କରାଯାଇଛି। ପ୍ରାଣ ହରାଇ ଥିବା ଯୁବକ ପଦଲୁ ଛତ୍ରିଆଙ୍କ ପୁଅ ନିର୍ମଳ ଛତ୍ରିଆ(୨୮) ବୋଲି ଜଣାପଡ଼ିଛି।

## ଥ୍ରେସର ମେସିନରେ ପଶି ଯୁବକଙ୍କ ଆଙ୍ଗୁଠି ଛିଣ୍ଡିଲା

**କୁଚିଣ୍ଡା, ୨୭।୧୦(ସମିସ):**ବାମରା ବ୍ଲକ ରଙ୍ଗିଆଟିକ୍ରା ଠାରେ ଥ୍ରେସର ମେସିନରେ ପଶି ଜଣେ ଯୁବକଙ୍କ ଆଙ୍ଗୁଠି ଛିଣ୍ଡି ଯାଇଥିବ ବେଳେ ତାଙ୍କୁ ସୁନ୍ଦରଗଡ଼କୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ ବାମରା ବ୍ଲକ ଅନ୍ତର୍ଗତ ରଙ୍ଗିଆଟିକ୍ରା ଗ୍ରାମ ର ନେଲସନ୍ ଟିଡୁଙ୍କ ପୁଅ ଆଶିଷ ଟିଡୁ ସୋମବାର ଦିନ ପ୍ରାୟ ୨ ଟାରେ ଗାଁରେ ଜଣେ ଚାଷୀଙ୍କ ଧାନ କଟା ଥ୍ରେଶର ମେସିନରେ କାମ କରୁଥିବା ସମୟରେ ଅସାବଧାନତା ବଶତଃ ତାଙ୍କ ଡ଼ାହାଣ ହାତଟି ମେସିନ ରେ ପଶି ଯାଇଥିଲା। ଫଳରେ ତାଙ୍କ ଗୋଟିଏ ଆଙ୍ଗୁଠି ଛିଣ୍ଡି ଯାଇଥିବା ବେଳେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

## ଜେଲ ଗଲା ସାନ ଭାଇ

**ସମ୍ବଲପୁର, ୨୭।୧୦(ସମିସ):** ଧନୁପାଲି ଥାନା କୁରେଇଟୋଲା ଗ୍ରାମରେ ବଡ଼ ଭାଇକୁ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗରେ ସାନ ଭାଇ ଜେଲ ଯାଇଛି। ଗିରଫ ଜଣକ ହେଉଛନ୍ତି ଦୀଲିପ ମୁଣ୍ଡା(୩୫)। ସୂଚନା ଅନୁସାରେ ବଡ଼ ଭାଇ ଅନିଲ ମୁଣ୍ଡା ସହ ଗତକାଲି ସାନ ଭାଇର ଝଗଡ଼ା ହୋଇଥିଲା। ମାଡ଼ ମାରିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ଅନିଲକୁ ମୃତ ଘୋଷଣା କରିଥିଲେ। ଅନିଲ ପତ୍ନୀଙ୍କ ଅଭିଯୋଗରେ ପୁଲିସ ଦୀଲିପକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୨୭।୧୦(ସମିସ):** ଦୋକାନରେ ମୋବାଇଲ ଦେଖିବା ବାହାନାରେ ନେଇ ଚମ୍ପଟ ହୋଇଥିବା ଅଭିଯୋଗରେ ଧନୁପାଲି ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ଧମା ଥାନା କରଞ୍ଜୋଲର ଆଦିତ୍ୟ କୁମାର ମହାପାତ୍ର(୨୪)। ସୂଚନା ଅନୁସାରେ ଅଭିଯୁକ୍ତ ନକ୍ସାପାଲି ସ୍ଥିତ ଏକ ଦୋକାନରେ ଆଇଫୋନ ୧୪ ଦେଖିବା ପାଇଁ ଯାଇଥିଲେ। ପରେ କୌଶଳ କ୍ରମେ ଦୋକାନରୁ ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

### 'ମୋନ୍ଥା'ପାଇଁ ବଢ଼ିପାରେ ପ୍ରବେଶ ଜଳ

## ହୀରାକୁଦ ଜଳସ୍ତର ୬୨୯.୦୬ ଫୁଟ୍

**ସମ୍ବଲପୁର, ୨୭।୧୦ (ସମିସ) :** ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଗତ କିଛିଦିନ ହେବ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ବଜାୟ ରଖାଯାଉଛି। ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହୋଇଯାଇଥିବାରୁ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ତେବେ, ବାତ୍ୟା 'ମୋନ୍‌ଥା' ଯୋଗୁଁ ଛତିଶଗଡ଼ରେ ପ୍ରବଳ ବର୍ଷା ହେଲେ ଜଳଭଣ୍ଡାରକୁ ଅଧିକ ମାତ୍ରାରେ ଜଳ ପ୍ରବେଶ କରିପାରେ ବୋଲି ଅନୁମାନ କରାଯାଉଛି। ଏହାକୁ ନେଇ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସତର୍କ ରହିଥିବା ଜଣାପଡ଼ିଛି।

ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୦୬ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୬, ୦୧୬ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ପାୱାର ଚେନାଲରେ ୧୦, ୮୨୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪, ୯୫୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୫୨ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

**ସମ୍ବଲପୁର, ୨୭।୧୦ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ ଆଜି ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା କଲେଜର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଆଲୋଚକ ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ (କୁଷ୍ଠ ରୋଗ) ତଥା ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡା. ପ୍ରମୋଦ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଫେସର ଭୋଇ ନିଶାମୁକ୍ତ ଭାରତ ଅଭିଯାନକୁ ଏକ ଜନଆନ୍ଦୋଳନ ଭାବେ ଅଭିହିତ କରି ଏହାର ନିରାକରଣ ଓ ନିୟନ୍ତ୍ରଣ ସମସ୍ତଙ୍କର ବିଶେଷ କରି ଯୁବକ ଯୁବତୀଙ୍କ ଗୁରୁଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ଆଲୋଚକ ଡା. ବିଶ୍ୱାଳ ନିଶାର ପ୍ରକାରଭେଦ, ନିଶାସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ସମ୍ବନ୍ଧରେ ଯୁବ ସମାଜ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏହାସହ ମାନସିକ ସ୍ତରରେ ଦୃଢ଼ତା ଓ ଆତ୍ମବିଶ୍ୱାସ ଦ୍ୱାରା ନିଶାସେବନରୁ ଜଣେ ନିବୃତ୍ତ ରହିପାରିବ ବୋଲି ମତ ରଖିଥିଲେ। ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡା. ଯୋଗମାଳା ଏବଂ ସ୍ୱାସ୍ଥ୍ୟକର୍ମୀ ଜୟନ୍ତ ଦାଶ ଉପସ୍ଥିତ ଥିଲେ। ପ୍ରଫେସର ଶ୍ୱେତଲାନା ତିର୍କୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସନ୍ଧ୍ୟାମୟୀ ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ପ୍ରଫେସର ବିଜୟଲକ୍ଷ୍ମୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ଓ ମୁକାବିଲା ସମ୍ବନ୍ଧୀୟ ପ୍ରତିଯୋଗିତା

**ଜମନକିରା, ୨୭।୧୦(ସମିସ):** କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ପ୍ରସଙ୍ଗକୁ ନେଇ ରଚନା, ତର୍କ ଓ ଚିତାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ପ୍ରତିଯୋଗିତାରେ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ବହିଦାର, ମୋତିଲାଲ ସାହୁ, ସିଆରସିସି ଆନନ୍ଦଚନ୍ଦ୍ର ସାହୁ, ରମଣୀ କିସାନ, କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସିଂ ବିଚାରକ ଭାବେ ଦାୟୀତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଭାତପୁରା, ଆଦର୍ଶ ବିଦ୍ୟାଳୟ ଚିନିମହୁଲ, ପଦ୍ମନାଭ ଉଚ୍ଚ ବିଦ୍ୟାଳୟ ଗୁଣ୍ଡରୁଚୁଆ, ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ଟିକିଲିପଡ଼ା, ଉଚ୍ଚ ବିଦ୍ୟାଳୟ ଭୋଜପୁର, ଉଚ୍ଚ ବିଦ୍ୟାଳୟ ଟିକିଲିପଡ଼ାର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ରଚନାରେ ସିପ୍ରୀୟାନ ଏକ୍କା ଟିକିଲିପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଚିତ୍ରାଙ୍କନ ରେ ଶ୍ରେୟାଶ୍ରୀ ପୋଦାର ଆଦର୍ଶ ବିଦ୍ୟାଳୟ ଚିନିମହୁଲ, ବକ୍ତୃତାରେ ଅଙ୍କିତ ନାୟକ ଆଦର୍ଶ ବିଦ୍ୟାଳୟ ଚିନିମହୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ଥିବା ଛାତ୍ରଛାତ୍ରୀଙ୍କୁ ବ୍ଲକ ସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଲୋଜିତା ଧଳ, ଚାରୁଲତା ମାଝୀ, ସିମରନ ବେହେରା, ପଲ୍ଲବୀ ବେହେରା, ପ୍ରିୟ ରଞ୍ଜନ ସତୁଆ, ସୁବୋଧ କୁମାର ଶବର ପ୍ରମୁଖ ସହଯୋଗ କରିଥିଲେ।

## ରେଳମଣ୍ଡଳରେ ଦୁର୍ନୀତି ନିବାରଣ ସଚେନତତା ସପ୍ତାହ




**ସମ୍ବଲପୁର, ୨୭।୧୦ (ସମିସ):** ସମ୍ବଲପୁର ରେଳ ମଣ୍ଡଳରେ ଦୁର୍ନୀତି ନିବାରଣ ସଚେନତତା ସପ୍ତାହ ପାଳିତ ହୋଇଛି। ରେଳ ପ୍ରବନ୍ଧକ ସୁବାଷ ସି ଚୌଧୁରୀ ଡିଆରଏମ ଅଫିସରେ ମଣ୍ଡଳର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସମସ୍ତ କ୍ଷେତ୍ରରେ ଅଖଣ୍ଡତା ଏବଂ ସ୍ୱଚ୍ଛତା ଆଣିବା ପାଇଁ 'ସତର୍କ ସତ୍ୟନିଷ୍ଠା ଶପଥ' ଉପରେ ଶପଥ ପାଠ କରାଇଥିଲେ।ଆଜି ଠାରୁ ୭ଦିନ ଧରି ଅଭିଯାନ ପାଳିତ ହେବ।ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପରୋକ୍ତ ଶପଥରେ ଅଂଶଗ୍ରହଣ କରିଥିଲେ।

## ସେଭେନ ହିଲ୍‌ସର ବାର୍ଷିକ ପ୍ରଦର୍ଶନୀ ଇନୋଭର୍ସ




**ସମ୍ବଲପୁର, ୨୭।୧୦(ସମିସ):** ସ୍ଥାନୀୟ ସେଭେନ ହିଲ୍‌ସ ରେସିଡେନ୍ସିଆଲ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ ଇନୋଭର୍ସ ଅନୁଷ୍ଠିତ ହୋଇଛି। ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ସେମାନଙ୍କର ଅଭିନବ ଚିନ୍ତାଧାରା, ସୃଜନଶୀଳ ମଡେଲ ଏବଂ ବିଭିନ୍ନ ବିଷୟଗୁଡ଼ିକରେ ଶୈକ୍ଷିକ ଉତ୍କର୍ଷତାକୁ ନେଇ ପ୍ରକଳ୍ପ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ପରିଚାଳନା ନିର୍ଦ୍ଦେଶକ ସୁକାନ୍ତ କୁମାର ବିସି ଏବଂ ଅଧ୍ୟକ୍ଷ ଏନ. ଶ୍ରୀନିବାସ ରାଓ ଯୋଗ ଦେଇଥିଲେ। ପ୍ରିନ୍ସପାଲ ଭି. ଶୈଲାଜା, ଅଧ୍ୟାପକ, ଛାତ୍ର ଏବଂ ଅଭିଭାବକଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥିଙ୍କ ଦ୍ୱାର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ମୋଟ ୧୩ଟି ବିଭାଗରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ନିଶା ମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ସଚେତନତା

**ନାକଟିଦେଉଳ, ୨୭।୧୦(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କ ନିର୍ଦ୍ଦେଶକ୍ରମେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ହଲ୍‌ରେ ନିଶାମୁକ୍ତ ଭାରତ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ର ଅଧ୍ୟକ୍ଷ ସୁଧୀର କୁମାର ସାହୁ ଙ୍କ ସଭାପତିତ୍ୱ ରେ ପରିଚାଳିତ ସଚେତନତା ବୌଦ୍ଧିକ ସଭା ରେ ଆଲୋଚକ ଭାବରେ ଯୋଗ ଦେଇ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଓ ଅଧ୍ୟାପକ ଶେଷ ଦେବ ବିଶ୍ୱାଳ ନିଶାସେବନର ବ୍ୟକ୍ତିଗତ ଓ ସାମାଜିକ ଜୀବନରେ କୁପ୍ରଭାବ ଉପରେ ସାରଗର୍ଭକ ତଥ୍ୟମୂଳକ ସୂଚନା ଉପସ୍ଥାପନ କରି ନିଶା ସେବନ ରୁ ସମସ୍ତେ ଦୂରେଇ ରହିଲେ ଏକ ଶୃଙ୍ଖଳିତ ଏବଂ ସମୃଦ୍ଧ ସମାଜ ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ଡ଼ ରଚନା ନିଶାମୁକ୍ତ ସମାଜ ଗଠନରେ ଜାତୀୟ ସେବା ଯୋଜନା ସଂସ୍ଥାର ଭୂମିକା ବିଶ୍ଳେଷଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ହିମାଂଶୁ ବାରିକ, ସୁଭାଷ ଚନ୍ଦ୍ର ବେହେରା, ଅଧ୍ୟାପିକା ଗିରିବାଳା ନାୟକ ଓ ଲିଟିନା ପ୍ରିୟଦର୍ଶନୀଙ୍କ ପରିଚାଳନାରେ ବୃତ୍ତଚିତ୍ର ପ୍ରଦର୍ଶନ ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଲକ୍ଷେ ଘର ସେବା ସଂଘର ବୈଠକ

**କୁଚିଣ୍ଡା, ୨୭।୧୦(ସମିସ):**ବାମରା ବ୍ଲକ ସଗରା ପଞ୍ଚାୟତ ଫଟାଟାଙ୍ଗର ଠାରେ ଲକ୍ଷେ ଘର ସେବା ସଂଘ ପକ୍ଷରୁ ବୈଠକ ଆୟୋଜିତ ହୋଇଥିବା ଜଣାପଡ଼ିଛି। ଡାକ୍ତର ଭୀମ ରାଓ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ଫୁଲମାଲ୍ୟ ଅର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିନୋଦ ବିହାରୀ ସିଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀକୁ ସମାଜରେ ସଦଭାବନା ପ୍ରତିଷ୍ଠା, ସମାଜର ଉନ୍ନତି ଓ ନିଶାମୁକ୍ତି ପାଇଁ ଆଗେଇ ଆସିବାକୁ ନେଇ ଆହ୍ୱାନ ଦିଆ ଯାଇଥିଲା। ଏଥି ସହ ଲକ୍ଷେ ଘର ସମାଜର ଜନ ସଂଖ୍ୟା ସର୍ଭେ ଓ ଜନ ମଙ୍ଗଳ କାର୍ଯ୍ୟକ୍ରମକୁ ନେଇ ବିଶେଷ ଆଲୋଚନା ହୋଇଥିଲା। ମହିଳାମାନେ ମଧ୍ୟ ସାମାଜିକ କାର୍ଯ୍ୟରେ ଆଗେଇ ଆସିବାକୁ ନେଇ ଅତିଥିମାନେ ଆହ୍ୱାନ ଦେଇଥିଲେ। ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଥିବା ଉକ୍ତ ବୈଠକରେ ବ୍ଲକ ସଭାପତି ଭିକ ନିଖଣ୍ଡିଆ, ଉପସଭାପତି ପୀତବାସ ମହାନନ୍ଦ, ବୈକୁଣ୍ଠ ନିଖଣ୍ଡିଆ, ଦାମୋଦର ସିଙ୍ଗ, ସଦାନନ୍ଦ ମହାନନ୍ଦିଆ, ପଦ୍ମଲୋଚନ ପୋଢ଼, ବିନୋଦ ତାଣ୍ଡିଆ, ଗୋକୁଳ ମହାନନ୍ଦ, ସଞ୍ଜୟ ବୁଢ଼ା, ଚୈତନ୍ୟ ପାଣ ଓ ଭବାନୀ ଶଙ୍କର ପୋଢ଼ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ହୀରାକୁଦ ମହାବିଦ୍ୟାଳୟରେ 'ଦୁର୍ନୀତି ନିବାରଣ ସଚେନତତା ସପ୍ତାହ'

**ସମ୍ବଲପୁର, ୨୭।୧୦(ସମିସ):**ହୀରାକୁଦ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେନତତା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହୀରାକୁଦ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ପଣ୍ଡା ସହ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅକ୍ଷୟ କୁମାର ସୁତାର, ଅଧ୍ୟାପିକା ଡ.ମଞ୍ଜୁଲତା ପଣ୍ଡା, ଇଂରାଜୀ ବିଭାଗର ମୁଖ୍ୟ ସୀମାନ୍ତିକା ଦାସ, ବାଣିଜ୍ୟ ବିଭାଗର ମୁଖ୍ୟ ଡ. ସିଦ୍ଧାନ୍ତ ମହାନ୍ତି ମଞ୍ଚାସୀନ ଥିଲେ। ସୌଗନ୍ଧିକା ମିଶ୍ର ଓ ସୁଶ୍ରୀ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ସୌଗନ୍ଧିକା ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୀମାନ୍ତିକା ଦାସ ଉଭୟ ଓଡ଼ିଆ ଇଂରାଜୀରେ ଶପଥ ପାଠ କରାଇଥିଲେ। ଅଧ୍ୟକ୍ଷା ସୁମିତ୍ରା ପଣ୍ଡା ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋକପାତ କରି ଦୁର୍ନୀତି କରିବା ନାହିଁ କି ସହିବା ନାହିଁ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଡ.ମଞ୍ଜୁଲତା ପଣ୍ଡା ଓ ସୀମାନ୍ତିକା ଦାସ ଦୁର୍ନୀତିର ମାତ୍ରା କେତେ ବଢୁଛି ଶିକ୍ଷା, ରାଜନୀତିକ, ଇତ୍ୟାଦି କ୍ଷେତ୍ରରେ ଦୁର୍ନୀତିର ପ୍ରଭାବ ତାର କାରଣ ନିବାରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।ଶେଷରେ ଶିକ୍ଷା ବିଭାଗର ମୁଖ୍ୟା ସୁଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୫୫ ନଂ ଜାତୀୟ ରାଜପଥରୁ ନୂଆପଡ଼ାକୁ ରାସ୍ତା ଦାବି



**ରେଢ଼ାଖୋଲ, ୨୭।୧୦(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବୁର୍ଡ଼ା ପଞ୍ଚାୟତ ନୂଆପଡ଼ା ଗ୍ରାମକୁ ୫୫ ନଂ ଜାତୀୟ ରାଜପଥରୁ ରାସ୍ତା ନ ଥିବାରୁ ଗ୍ରାମବାସୀ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାମବାସୀ ରୋଗାକ୍ରାନ୍ତ ହେଲେ ଡାକ୍ତରଖାନାକୁ ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଛାତ୍ରଛାତ୍ରୀ ଗ୍ରାମ ବାହାରକୁ ଅଧ୍ୟୟନ ପାଇଁ ଯିବା ଆସିବା କରିବା ପାଇଁ ଅସୁବିଧାରେ ପଡୁଛନ୍ତି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରି ନାହାଁନ୍ତି। ଶେଷରେ ବିବ୍ରତ ହୋଇ ଗ୍ରାମର ଶତାଧିକ ମହିଳା ପୁରୁଷ ରେଢାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରାନଯାଏ। ତେବେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବୁର୍ଡା ପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ ବେହେରା ସମେତ ଶତାଧିକ ଗ୍ରାମବାସୀ ସାମିଲ ଥିଲେ।

## ବନ୍ଧବାହାଲରେ ଛଟ୍ ପୂଜା

# ବିହାରୀ ସଂପ୍ରଦାୟ ସହ ଓଡ଼ିଆ ଶ୍ରଦ୍ଧାଳୁ ସାମିଲ୍

ଇବଥର୍ମାଲ,୨୭।୧୦(ସମିସ)



ଝାରସୁଗୁଡ଼ା ଜିଲ୍ଲା କୋଇଲା ନଗରୀ ଭାବେ ପରିଚିତ ବନ୍ଧବାହାଲ ଠାରେ ଛଟପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଗତ ୨୫ ଠାରୁ ଆରମ୍ଭ ହୋଇଥିବା ୪ ଦିନ ବ୍ୟାପି ଏହି ପୂଜାରେ ବନ୍ଧବାହାଲ, ଇବଥର୍ମାଲ, ସିଡବ୍ଲ୍ୟୁଏସ୍ କଲୋନୀ ତଥା ଅନ୍ୟାନ୍ୟ ଅଞ୍ଚଳର ବସବାସ କରୁଥିବା ହଜାର ହଜାର ବିହାରୀ ପରିବାର ନିଷ୍ଠାର ସହ ସାମିଲ ହୋଇଥିଲେ। ସୋମବାର ବନ୍ଧବାହାଲ ସ୍ଥିତ ଛଟ୍ ପୋଖରୀରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ବ୍ରତଧାରୀ ପୋଖରୀରେ ପହଞ୍ଚି ଅସ୍ତମିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ ପାଣ୍ଡେ, ସଙ୍ଗମ ମହିଳା ମଣ୍ଡଳ ଅଧ୍ୟକ୍ଷା ରେଣୁ ପାଣ୍ଡେ ଘାଟକୁ ଆସି ପୂଜାର୍ଚ୍ଚନା କରିଥିଲେ। ଏଥିରେ ସିଡବ୍ଲ୍ୟୁଏସ୍ ଜିଏମ୍ ସମିର, ସିପିଓ ଲଖନପୁର ଜେଭି ଶ୍ରୀନିବାସ, ଏଟିଓ ଏସ୍‌କେ ସିଂହ, ଜିଏମ୍ ଏକସାଭେସନ ଏସ୍‌କେ ବର୍ମା, ଏଟିଏମ୍ ଏସ୍ ପ୍ରଦୀପ, ଏରିଆ ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ଅତିଥି ଭାବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ବିଶ୍ୱଜିତ ଷଡଙ୍ଗୀ ଯୋଗ ଦେଇଥିଲେ। ଛଟପୂଜା କମିଟି ସଦସ୍ୟ ସଞ୍ଜୀବ ସିଂହ, ରମେଶ ସିଂହ, ସୁରେଶ ସିଂହ, ସନ୍ତୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଛଟ୍ ବ୍ରତରେ ବିଶେଷ କରି ଛଟିମାତାଙ୍କୁ ପୂଜା କରାଯାଏ। ଏହାସହ ରୋଗ ଶୋକରୁ ମୁକ୍ତି ସକାଶେ ସୂର୍ଯ୍ୟଦେବଙ୍କ ବଡ଼ ନିଷ୍ଠାର ସହ ଉପାସନା କରାଯାଏ। ଚଳିତ ଥର ଓଡ଼ିଆ ବ୍ରତଧାରୀ ମଧ ଛଟ୍ ପୂଜାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଓ ପୂଜାର୍ଚ୍ଚନା ପରେ ବ୍ରତ ସମ୍ପନ୍ନ ହେବ ବୋଲି କମିଟି ମୁଖ୍ୟ ସଞ୍ଜୀବ ସିଂହଙ୍କ ଠାରୁ ପ୍ରକାଶ।

## ବେଲପାହାଡ଼ରେ ଛଟ୍ ପୂଜା

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ବେଲପାହାଡରେ ରୀତିନୀତିରେ ଛଟ୍ ପୂଜା ପାଳନ କରାଯାଉଛି। ଛଟି ମାତାଙ୍କୁ ପୂଜା କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ ପାଇଁ ବେଲପାହାଡ, ସମଡା, ଗୁମାଡେରା, ମାଳିପଡା, ଜୁନାଡିହି ପୋଖରୀ ତୁଠରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପୂଜାସାମଗ୍ରୀ ଧରି ବ୍ରତଧାରୀମାନେ ପୋଖରୀ ତୁଠକୁ ପହଞ୍ଚି ନିଷ୍ଠାରେ ପୂଜାର୍ଚ୍ଚନା କରିବା ପରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ଏହାସହ ମାଳିପଡାରେ ଛଟପୂଜା ପାଇଁ ଗତକାଲି କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଆଜି ସକାଳୁ ସୂର୍ଯ୍ୟ ଦେବତାଙ୍କ ପୂଜା ଆରମ୍ଭ ହୋଇଛି। ଆସନ୍ତାକାଲି ସକାଳେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ ପରେ ଛଟ ପୂଜା ସମାପନ ହେବ। ଛଟ୍ ପୂଜା କମିଟି ଦ୍ୱାରା ସମସ୍ତ ଘାଟରେ ପୂଜା ପାଇଁ ବ୍ୟବସ୍ଥା କରାଯାଇଥିଲା।



## ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି

ଦେବଗଡ଼,୨୭।୧୦(ସମିସ): ରିଆମାଳ ବ୍ଲକ୍ ବୁଢ଼ାପାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୬୩ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୭ଟି ବ୍ୟକ୍ତିଗତ ଏବଂ ୨୬ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। କଂକ୍ରିଟ ରାସ୍ତା ନିର୍ମାଣ, ପାନୀୟ ଜଳ, ଜମିର ପଟ୍ଟା ସଂଶୋଧନ, ଭିନ୍ନକ୍ଷମ ଭତ୍ତା, ହାତୀ ଦ୍ୱାରା ଫସଲ ନଷ୍ଟ ହୋଇଥିବା କ୍ଷୟକ୍ଷତି ଓ ଷ୍ଟ୍ରିଟ ଲାଇଟ ସମସ୍ୟା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ବନଖଣ୍ଡ ଅଧିକାରୀ ରଶ୍ମି ଜୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଝାରସୁଗୁଡ଼ା: କୋଲାବିରା ବ୍ଲକ୍ ମୁଖ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶୁରୁତ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୩ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୦ଟି ସାମୂହିକ ଓ ୨୩ଟି ବ୍ୟକ୍ତିଗତ। ଶିବିରରେ ସୋଢ଼ାମାଲ ପାକ୍ସ ଅଫିସ ଓ ଗୋଦାମ ଗୃହ ନିର୍ମାଣରେ ଅହେତୁକ ବିଳମ୍ବ, ରମାଗୁଡା ଜଙ୍ଗଲ ମଝିରେ କୋଇଲାଗୁଣ୍ଡ ଦ୍ୱାରା ହେଉଥିବା ପ୍ରଦୂଷଣ, କୁଲିହାମାଲ ଗାଁ ପଞ୍ଚାୟତର ପାର୍କ ଠାରେ ଥିବା ଟ୍ରାନ୍ସଫର୍ମର ମରାମତି, ଡୁଙ୍ଗୁରିପଡାରେ ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା, କେଲେଣ୍ଡାମାଲ ଛକ ଓ ଗୁଡି ଗାଁ ଛକରେ ଲଗାଯାଇଥିବା ହାଇମାକ୍ସ ଲାଇଟ କାର୍ଯ୍ୟକ୍ଷମ କରାଯିବା ଓ ଜେ. ପଣକିମାଲ ହରିଜନପଡାରେ ନୂତନ ନଳକୂପ ସ୍ଥାପନ ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

# ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା ଦେଲେ ୧୩,୮୧୫ ଶିକ୍ଷାର୍ଥୀ





ଦେବଗଡ଼,୨୭।୧୦(ସମିସ): ନିରକ୍ଷରଙ୍କୁ ସାକ୍ଷର କରାଯିବା ନିମନ୍ତେ ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଉଲ୍ଲାସ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପରୀକ୍ଷା ଜିଲ୍ଲାର ୩ଟି ବ୍ଲକ୍‌ରେ ପ୍ରାୟ ୬୦୦ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ବିଭାଗର ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲା ସ୍ତରରେ ଓ ବ୍ଲକ୍ ସ୍ତରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି ନୋଡାଲ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ କର୍ମଶାଳା ମାନ ଆୟୋଜିତ ହୋଇଥିଲା। ଏହାପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଘର ଘର ବୁଲି ନିରକ୍ଷର ଶିକ୍ଷାର୍ଥୀ ମାନଙ୍କୁ ଚିହ୍ନଟ କରି ଥିଲେ। ଚଳିତ ଶିକ୍ଷା ବର୍ଷରେ ଦେବଗଡ଼ ଜିଲ୍ଲାର ୩୦,୦୦୦ ନିରକ୍ଷରଙ୍କୁ ସାକ୍ଷର କରିବା ନିମନ୍ତେ ଜିଲ୍ଲା ଶିକ୍ଷା ବିଭାଗକୁ ଲକ୍ଷ୍ୟ ଦିଆ ଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଦେବଗଡ଼ ଜିଲ୍ଲାରୁ ୧୭,୭୫୦ ଶିକ୍ଷାର୍ଥୀଙ୍କୁ ପଞ୍ଜୀକରଣ କରାଯାଇଥିବା ବେଳେ ୧୩,୮୧୫ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରବର୍ତ୍ତୀ ଦ୍ୱିତୀୟ ପର୍ଯ୍ୟାୟରେ ୧୭,୦୦୦ ଶିକ୍ଷାର୍ଥୀ ଚିହ୍ନଟ ପରେ ପଞ୍ଜୀକରଣ କରା ଯାଇ ମାର୍ଚ୍ଚ ମାସରେ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ତଥା ସଂଯୋଜିକା ଇପ୍ସିତା ପଟ୍ଟନାୟକ, ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ, ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ବନିତା ବେହେରା, କ୍ଷୀରୋଦ ପ୍ରଧାନ, ବିଜୟ ପ୍ରଧାନ, ମହେଶ୍ୱର ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ସିଆରସିସି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାରେ ନବଭାରତ ସାକ୍ଷରତା ଅଭିଯାନ 'ଉଲ୍ଲାସ' ଅଧୀନ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ମୂଲ୍ୟ ନିର୍ଦ୍ଧାରଣ ପରୀକ୍ଷଣ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଅଧୀନ ସମସ୍ତ ସରକାରୀ ବିଦ୍ୟାଳୟ ମାନଙ୍କରେ ସମାପ୍ତ ହେଇଯାଇଛି। ଏହି ପରିକ୍ଷାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ୩୩୯୧ ମହିଳା ଏବଂ ୮୦୦୬ ଜଣ ପୁରୁଷ ମିଶି ସର୍ବମୋଟ ୧୧,୩୯୭ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଏଡିଇଓ ରବୀନ୍ଦ୍ର ମାଝୀ ତଥା ୫ଟି ବ୍ଲକ୍‌ର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ସମସ୍ତ ସିଆର୍‌ସିସି ଅଂଶଗ୍ରହଣ କରିଥିଲେ।

## ରିଆମାଳରୁ ଅପହୃତା ଛାତ୍ରୀ ତାମିଲନାଡୁରୁ ଉଦ୍ଧାର

ଦେବଗଡ଼,୨୭।୧୦(ସମିସ): ରିଆମାଳ ଥାନାଞ୍ଚଳରୁ ଗତ ୧୩ ତାରିଖ ଜଣେ ନବମ ଶ୍ରେଣୀ ଛାତ୍ରୀ ସ୍କୁଲକୁ ଯିବାପରେ ନିଖୋଜ ହୋଇଥିଲେ। ସନ୍ଧ୍ୟା ସୁଦ୍ଧା ଛାତ୍ରୀ ଜଣକ ନ ଫେରିବାରୁ ପରିବାର ଲୋକେ ଏଣେତେଣେ ଖୋଜାଖୋଜି କରି ମଧ ଝିଅର କୌଣସି ସନ୍ଧାନ ନ ପାଇ ରିଆମାଳ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ତେବେ ନାବାଳିକାଙ୍କୁ ପୁରୁମୁଣ୍ଡା ଗାଁର ଜ୍ଞାନୀ ଦେହୁରୀ ଅପହରଣ କରିଥିବା ପରିବାର ଲୋକେ ପୁଲିସ ନିକଟରେ ସନ୍ଦେହ ପ୍ରକାଶ କରି ଅଭିଯୋଗ କରିଥିଲେ। ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଜ୍ଞାନୀ ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ଜାଣିବା ପରେ ଫୋନ ଟ୍ରାକିଂ କରି ଜ୍ଞାନୀ ତାମିଲନାଡୁରେ ଥିବା ଜାଣା ପଡ଼ିଥିଲା। ଏହାପରେ ପୁଲିସ ସେଠାକୁ ଯାଇ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଆଜି ଅପହୃତା ନାବାଳିକାଙ୍କୁ ପରିବାରକୁ ପୁଲିସ ହସ୍ତାନ୍ତର କରିଛି। ଅପହରଣକାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଚି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣା ପଡିଛି।

## ମୁଣ୍ଡରେ ପଇଡ଼ ପଡି ଯୁବକ ମୃତ

ଦେବଗଡ଼,୨୭।୧୦(ସମିସ): ବାରକୋଟ ଥାନା ଅଧୀନ ଜମ୍ଭୁନାଳି ଗାଁରେ ଜଣେ ଯୁବକ ପଡ଼ିଶା ଘର ନଡ଼ିଆ ଗଛରୁ ପଇଡ଼ ତୋଳିବା ସମୟରେ ତୋଳାଳୀ ମୁଣ୍ଡରେ ପଇଡ଼ ପଡ଼ିବାରୁ ତାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜମ୍ଭୁନାଳି ଗାଁର ଅଭି କିଷାନ (୪୦) ପଡ଼ିଶା ଘର ନଡ଼ିଆ ଗଛରୁ ପଇଡ଼ ତୋଳିବା ପାଇଁ ନଡ଼ିଆ ଗଛ ତଳେ ଥିବା ଏକ କୋଳି ଗଛର ଡାଳରେ ଚଢ଼ିଥିଲେ। ଲୁହା ଅଙ୍କୁସୀ ଦ୍ୱାରା ନଡ଼ିଆ ଗଛରୁ ପଇଡ଼ ଛିଣ୍ଡାଇବା ବେଳେ ପଇଡ଼ଟି ଅଭିର ମୁଣ୍ଡରେ ପଡ଼ିଥିଲା। ଫଳରେ ଅଭି ଚଢ଼ିଥିବା ଗଛରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅଭିଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ବାର୍ଷିକ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୨୭।୧୦(ସମିସ): ଝାରସୁଗୁଡ଼ା ବନଖଣ୍ଡ ସ୍ତରୀୟ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ବାର୍ଷିକ ୨୦୨୪-୨୫ର ସମୀକ୍ଷା ବୈଠକ ଝାରସୁଗୁଡ଼ା ସ୍ଥିତ ମେ'ଫେୟାର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସମ୍ବଲପୁର ଟି.ଅଶୋକ, ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ, ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ସମ୍ମାନୀୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ ସଭାପତିତ୍ୱ କରିଥିଲେ। ବିଡିଓ ଲଇକେରା, କିର୍ମିରା ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ବନଖଣ୍ଡ ଏସିଏଫ ଲଳିତ ନାଏକ, କୋଲାବିରା, ବାଗଡିହି, ବେଲପାହାଡ, ଝାରସୁଗୁଡ଼ା, ବ୍ରଜରାଜନଗରର ବନାଞ୍ଚଳ ଅଧିକାରୀ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶର ସମ୍ପାଦକ ପ୍ରଦୀପ ବେହେରା, ବିଭିନ୍ନ ବିଭାଗର ଅଧିକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରକଳ୍ପର କର୍ମକର୍ତ୍ତା, ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା ମାନେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ହୋଇଥିବା ବନ ସୁରକ୍ଷା ସମିତି ମାନଙ୍କୁ ପୁରସ୍କୃତ କରାଯାଇଥିଲା। କୁନି କଳାକାର ଶ୍ରୀୟାଦିତା ଦାଶଙ୍କ ଶ୍ରୀମଦ ଭଗବତ ଗୀତା ପାଠ ମନମୁଗ୍ଧକର ଥିଲା। ସୁଶୀଲ ପାତ୍ର ଏବଂ ରାଘବ ରଞ୍ଜନ ଦାଶ ସଭାକୁ ପରିଚାଳନା କରିଥିଲେ।

## ବିପୁଳ ମଦ ଜବତ, ୪ ଗିରଫ

ଝାରସୁଗୁଡ଼ା,୨୭।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଅଞ୍ଚଳରୁ ଏକ ମଦ ଚାଲାଣକାରୀ ଗ୍ୟାଙ୍ଗକୁ ରେଙ୍ଗାଲି ପୁଲିସ ଧରିଛି। ୧ ହଜାର ୨୫ ଲିଟରରୁ ଅଧିକ ମଦ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଝାରସୁଗୁଡ଼ା ଅମାପାଲିର ବିକ୍ରମ ଦେହାରୀ(୪୮), କୁଳମଣି ମଲ୍ଲିକ (୩୨), ଲୁଆବଗାର ବଲ୍ଲଭ ମେହେର (୩୨), ବରଗଡ଼ ଜିଲ୍ଲା ପ୍ରକାଶପୁରର ରାହୁଲ ନାଏକ(୨୫)। ଜବତ ମଦର ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ହେବ। ଏହାସହ ଅଭିଯୁକ୍ତ ମାନଙ୍କ ଠାରୁ ଏକ ମାରୁତି ଇକୋ ଗାଡି ଜବତ ହୋଇଛି। ଅଭିଯୁକ୍ତ ମାନେ ବେଆଇନ ଭାବେ ବରଗଡ଼ରୁ ଝାରସୁଗୁଡ଼ା ଦେଇ ଛତିଶଗଡ଼କୁ ମଦ ଚାଲାଣ କରୁଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ସୋମବାର ସମସ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସୋଢ଼ାମାଲ ମନ୍ଦିରରେ ନାଗଚତୁର୍ଥୀ ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ସମାଗମ

କୋଲାବିରା,୨୭।୧୦(ସମିସ): କୋଲାବିରା ଅଧୀନ ସୋଢ଼ାମାଲ ସ୍ଥିତ ନାଗ ଚଉଠି ମନ୍ଦିର ପରିସରରେ ନାଗ ଚତୁର୍ଥୀ ମହା ସମାରୋହରେ ପାଳିତ ହୋଇଯାଇଛି। ସୋଢ଼ାମାଲ ଗୌନ୍ତିଆ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ପୁତ୍ର ସରପଞ୍ଚ ଚନ୍ଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ରବିବାର କର୍ତ୍ତା ଚନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ନାଗେନ ଚଉଠି ପୂଜା କମିଟିର ତଥା ଅନ୍ୟାନ୍ୟ କର୍ମକର୍ତ୍ତା, ଗାଁବାସୀ ଏବଂ ବରୁଆ ଚଉରା ମୂଳେ ହୁଙ୍କା ମାଟି ରଖି ନାଗନାଗୁଣୀ ମୂର୍ତ୍ତିକୁ ହଳଦୀ ପାଣିରେ ଗାଧୋଇ ଦେଇ ଧୂପଦୀପ ଦେଇ ପୂଜା କରିଥିଲେ। ମଧ୍ୟରାତ୍ରିରେ ଗୁରୁଙ୍କ ଉପସ୍ଥିତିରେ ନିଶା ପୂଜା କରାଯାଇଥିଲା। ସେହିପରି ନାଗ ଦେବତାଙ୍କ ବରୁଆ ବାହାରି ଗାଁ ପରିକ୍ରମା କରାଯାଇ ପ୍ରତିଘରେ ପୂଜାର୍ଚ୍ଚନା ହୋଇଥିଲା। ବ୍ରତଧାରୀ ମାନେ ଶୀତଳ ସେବନ ପରେ ବ୍ରତ ସମାପନ ହୋଇଥିଲା। ପ୍ରତିବର୍ଷ ଶ୍ରାବଣ ଓ କାର୍ତ୍ତିକ ମାସରେ ଶୁକ୍ଳ ପକ୍ଷ ଚତୁର୍ଥୀରେ ନାଗଲ ଚତୁର୍ଥୀ ପାଳନ କରାଯାଇଥାଏ। ବ୍ରତଧାରୀମାନେ ଉପବାସ ରହି ନିଷ୍ଠାର ସହିତ ଏହି ବ୍ରତ ପାଳନ କଲେ ସର୍ପ ଦଂଶନରୁ ପରିବାର ସଦସ୍ୟ ରକ୍ଷା ପାଆନ୍ତି ବୋଲି ବିଶ୍ୱାସ ରହିଛି। ଚକ୍ଷୁରୋଗ ଏବଂ ଅନ୍ୟାନ୍ୟ ରୋଗ ମଧ ଉପଶମ ହେବାର ନଜିର ରହିଛି। ଚଳିତ ବର୍ଷ ମୁଖ୍ୟ ବରୁଆ କାର୍ଯ୍ୟ ଶଷ୍ଟି ବାହୁକ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ପୂଜକ ଭାବେ କ୍ଷୀରୋଦ ପୂଝାରୀ ପୂଜାକାର୍ଯ୍ୟ ସମ୍ପାଦନା କରିଥିବା ବେଳେ ଯାତ୍ରା କମିଟିର ସଭାପତି ଚନ୍ଦନ ପଟ୍ଟନାୟକ, ପର୍ଶୁରାମ କାଲୋ, ରାତୁରାମ କାଲୋ, ନରେନ୍ଦ୍ର କାଲୋ, ସୁଶିଲ କାଲୋ, ସୁମନ୍ତ ବାହୁକ, ତପନ ପଟ୍ଟନାୟକ, ରମାକାନ୍ତ ବାରିକ, ସୁନିଲ ବାହୁକ, ଗୋବିନ୍ଦ ବାହୁକ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଦେବଗଡ଼,୨୭।୧୦(ସମିସ): ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଶପଥପାଠ ହୋଇଥିଲା। ସେହିପରି ଅପରାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧିକ୍ଷକ ଯୋଗେଶ ପ୍ରସାଦ ପଟେଲ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ବରଣ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ଓ ଉପଜିଲ୍ଲାପାଳ ପରକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। 'ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ' ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବକ୍ତୃତା ପ୍ରତିଯୋଗୀତାରେ କେନ୍ଦ୍ରୀୟ ବିଦ୍ୟାଳୟର ମାନସ୍ୱି ପ୍ରଧାନ ପ୍ରଥମ ସ୍ଥାନ, ଟାଉନ ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ହସ୍ତୀ ଦ୍ୱିତୀୟ ଓ ଚିନ୍ମୟୀ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କାର୍ଟୁନ୍ କମ୍ କ୍ୟାପ୍ସନ ପ୍ରତିଯୋଗିତାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ପାତ୍ର ପ୍ରଥମ, ଜଣା ଅଜଣା ପ୍ରତିଯୋଗିତାରେ ସ୍ୱାସଲିକା ପ୍ରଧାନ ପ୍ରଥମ, ସ୍ଲୋଗାନ ପ୍ରତିଯୋଗିତାରେ ଟାଉନ ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ହସ୍ତୀ ପ୍ରଥମ, ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ରିଆମାଳ ଉଚ୍ଚ ବିଦ୍ୟାଳୟର ସୋନାଲି ନାୟକ ପ୍ରଥମ, ଜୁଲି ମାଝି ଦ୍ୱିତୀୟ, ଚିନ୍ମୟ ବସନ୍ତରା ତୃତୀୟ, ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଓ ଏଭି ବୁଢ଼ାପାଳର ଐଶ୍ୱର୍ଯ୍ୟା ପ୍ରଧାନ ପ୍ରଥମ, ପଳସମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାମନ୍ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଝାରସୁଗୁଡ଼ା: ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୭ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କାର୍ଯ୍ୟାଳୟଠାରେ ଶପଥ ପାଠ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ସମବେତ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତା ଓ ସ୍ୱଚ୍ଛତାର ସହ ଦାୟିତ୍ୱ ସମ୍ପାଦନ, ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ, ଉତ୍କୋଚ ନ ନେବା କିମ୍ବା ନ ଦେବା ଏବଂ ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବାକୁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଶପଥ ପାଠର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ଫୁଟବଲ ପ୍ରତିଯୋଗିତା; ୫-୪ ଗୋଲ୍‌ରେ ସାରସମାଲ ବିଜୟୀ




କୋଲାବିରା,୨୭।୧୦(ସମିସ): ବ୍ଲକ୍ ଅଧୀନ ସୋଢ଼ାମାଲ ହାଇସ୍କୁଲ ପଡିଆଠାରେ ସୋଢ଼ାମାଲ ପୂଜା କମିଟି ଆନୁକୂଲ୍ୟରେ ନାଗେନ ଚଉଠି ଅବସରରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ପିକେଏସ ସୋଢ଼ାମାଲ, ସାରେସମାଲ, ଫ୍ରେଣ୍ଡସ କ୍ଲବ୍ ଝାରସୁଗୁଡ଼ା, ଖୁଲିଆ,କୁଲିହା ଏଫସି ସମ୍ବଲପୁର, ଲିଟିଲ ଷ୍ଟାର ରେଙ୍ଗାଲି, ରେଡ ସୁନ୍ଦରଗଡ, ଶାନ୍ତିନଗର ଝାରସୁଗୁଡ଼ା ଏବଂ ବିଏଫସି ଜୁନିୟର କୁଚିଣ୍ଡା ଆଦି ଦଳ ମିଶି ମୋଟ ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ସାରସମାଲ ଏବଂ ବିଏଫସି ଜୁନିୟର କୁଚିଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ କେହି ଗୋଲ୍ କରି ପାରି ନଥିବାରୁ ଟ୍ରାଇବ୍ରେକର ସହାୟତାରେ ବିଏଫସି ଜୁନିୟର କୁଚିଣ୍ଡାକୁ ପରାସ୍ତ କରି ସୋରସମାଲ ୫-୪ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ପୂଜା କମିଟି ସୋଢ଼ାମାଲ ଅନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚନ୍ଦନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିଅନ ଦଳକୁ ନଗଦ ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ କାଲୋ, ସୁଦର୍ଶନ ସରାଫ, ବସନ୍ତ ବେହେରା, କିଶୋର ପଟେଲ, ନରେନ୍ଦ୍ର କାଲୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାରିରୀକ ଖେଳ ଶିକ୍ଷକ ଲକ୍ଷ୍ମଣ କିଶାନ, ଚନ୍ଦ୍ର କିଶାନ, କୌଶିକ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ବରିହା, ଗୋବିନ୍ଦ ବାହୁକ, ସୁନିଲ ବାହୁକ, ସୁଶିଲ ମୋହନ କାଲୋ, ଶର୍ମାକାନ୍ତ ବରିହା, ସୁମନ୍ତ ମାଝି, ତପନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟ

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳ ବିଜୟୀ



ଦେବଗଡ,୨୭।୧୦(ସମିସ)

ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟର ଆଜି ଚତୁର୍ଥ ଦିନର ମ୍ୟାଚ୍ ବୁଢ଼ାପାଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଳକୁ ୩ ୱିକେଟରେ ପରାସ୍ତ କରି ବୁଢ଼ାପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବିଜୟୀ ହୋଇଛି। ଦେବଗଡ଼ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ୨୩.୨ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟ ଏସ୍. ନାଥ ସର୍ବାଧିକ ୨୧ ଓ ଅନିଶ ବାଘ୍ ୨୦ ରନ୍ କରିଥିଲେ। ବୁଢ଼ାପାଳ ଦଳର ସମୀର୍ କିସାନ ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ ବୁଢ଼ାପାଳ ଦଳ ବ୍ୟାଟିଂ କରି ମାତ୍ର ୧୩.୪ ଓଭର୍‌ରେ ୭ଟି ୱିକେଟ୍ ହରାଇ ୧୦୮ ରନ୍ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ମିତେଶ ଥାପା ୧୪ ଓ ରାଜେନ୍ଦ୍ର ନାଏକ୍ ୧୧ ରନ୍ କରିଥିଲେ। ଦେବଗଡ଼ ଦଳର ଦେବବ୍ରତ ରଣା ୬ଟି ୱିକେଟ୍ ନେଇଥିଲେ। ମ୍ୟାଚ୍‌କୁ ଅମ୍ପାୟାର ଭାବେ ମିଥଲେସ ପ୍ରସାଦ ଓ ରାଜା ରାଣା ପରିଚାଳନା କରିଥିବା ବେଳେ ରମି ନାୟକ ସ୍କୋରର ଓ ବେଣୁଧର ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।

ସକାଳ
THE SAKALA



# ଅଲ୍ ଓଡ଼ିଶା ମିଲର୍ସଙ୍କ ମହାସମାବେଶ

ବରଗଡ଼,୨୭।୧୦(ସମିସ)



- ଯୋଗ ଦେବେ ୧୦୦୦ରୁ ଊର୍ଦ୍ଧ୍ୱ ମିଲର୍ସ
- ଧାନ ରଖିବାକୁ ମିଲରେ ଜାଗା ନାହିଁ

ବରଗଡ଼ରେ ଅଲ୍ ଓଡ଼ିଶା ରାଇସ ମିଲର୍ସ ଆସୋସିଏସନ (ଅରୋମା)ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇସାରିଛି। ଧାନ ସଂଗ୍ରହ ପୂର୍ବରୁ ଯେଉଁ ନୀତି ନିୟମ କରୁଛନ୍ତି ତାହାକୁ ପାଳନ ନ କରି ସମସ୍ତ ଦାୟିତ୍ୱ ମିଲ ମାଲିକ ମାନଙ୍କ ଉପରେ ଲଦି ଦେଉଛନ୍ତି। ଯେତିକି ଟାର୍ଗେଟ ମିଳୁଛି ସେତିକି କଷ୍ଟମ ମିଲିଂ ଚାଉଳ ସରକାର ନେଉ ନାହାନ୍ତି। ସବୁବେଳେ ଖାଲି ଧାନ କିଣିବାକୁ ସରକାର ବାଧ୍ୟ କରୁଛନ୍ତି। ମିଲ ଗୋଦାମ ଗୁଡ଼ିକରେ ଏବେ ଏତେ ପରିମାଣରେ ଧାନ ମହଜୁଦ ଅଛି ଯେ ଆଗାମୀ ଦିନରେ ଧାନ ରଖିବାକୁ ଟିକେ ଜାଗା ବି ନାହିଁ। ଏମିତି ଅନେକ ସମସ୍ୟା ନେଇ ଖରିଫ୍ ଧାନ ସଂଗ୍ରହ ୨୦୨୫ ପୂର୍ବରୁ ମିଲର୍ସଙ୍କ ଏଭଳି ଦମ୍ଭୋକ୍ତି ସରକାରଙ୍କୁ ଅଡୁଆରେ ପକାଇବା ଆଶଙ୍କା ଦେଖା ଦେଇଛି। ଏନେଇ 'ଅରୋମା'ର ରାଜ୍ୟ ସଭାପତି ମହେଶ ବଂଶଲଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ମିଲର୍ସଙ୍କ ବିଭିନ୍ନ ଦାବି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ମିଲିଂ ଦେୟ ବଢ଼ାଇବା, ମିଲର୍ସଙ୍କ ଗୋଦାମରେ ଦୁଇବର୍ଷ ହେଲା ରହୁଥିବା ଧାନ ବାବଦ ବକେୟା ଭଡା ପ୍ରଦାନ, ୦.୭%କୁ ହ୍ରାସ କରାଯାଇଥିବା ଅରୁଆ ଚାଉଳ ଡ୍ରାଏଜ ଚାର୍ଜକୁ ପୁନର୍ବାର ୧%କୁ ବୃଦ୍ଧି, ଧାନ ଓ ଚାଉଳର ପରିବହନ ଖର୍ଚ୍ଚ ବଢ଼ାଇବା, ଅଟୋମେଟେଡ୍ ଗ୍ରେନ୍ ଆନାଲାଇଜର ମାଧ୍ୟମରେ ଧାନ-ଚାଉଳର ଗୁଣାତ୍ମକ ମାନ ପରଖିବା, କଳା ତାଲିକାଭୁକ୍ତ ନିୟମ ସଂଶୋଧନ କରି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବନ୍ଦ, ଯୋଗାଣ ନିଗମ କଷ୍ଟମ୍ ମିଲିଂ ଚାଉଳ ନ ନେଲେ ଫ୍ରି ସେଲ୍ ପାଇଁ ଅନୁମତି ଦେବା ଆଦି ଦାବି ଉପରେ ଗୁରୁତ୍ୱାରୋପ କରାଯାଇଛି। ସଭାପତି ଶ୍ରୀ ବଂଶଲ କହିଛନ୍ତି, ଧାନ ସଂଗ୍ରହ ଓ ଚାଉଳ ଗ୍ରହଣ ପ୍ରକ୍ରିୟାରେ ସରକାରୀ ଅବହେଳା ବାଧକ ସାଜୁଛି। ପୂର୍ବ ସରକାରଙ୍କ ସମୟରେ ଜୁନ୍ ଶେଷ ସୁଦ୍ଧା ରବି ଧାନ ଉତ୍ପାଦନ ଓ ନଭେମ୍ବର ଭିତରେ ଖରିଫ ଧାନ ସଂଗୃହୀତ ହୋଇଯାଉଥିଲା। ନିର୍ଦ୍ଧାରିତ ସମୟରେ କଷ୍ଟମ୍ ମିଲିଂ କରି ମିଲର୍ସ ମାନେ ଚାଉଳ ଫେରାଉ ଥିଲେ। କିନ୍ତୁ ଗତ କିଛିବର୍ଷ ହେଲା ଏଥିରେ ଅସୁବିଧା ଦେଖାଦେଇଛି। ଏଫ୍‌ସିଆଇ ଚାଉଳ ଉଠାଣରେ ଅହେତୁକ ବିଳମ୍ବ କରୁଥିବାରୁ ତାହା ନଷ୍ଟ ହେଉଛି। ତେଣୁ ସରକାର ଯେତେ ଚାଉଳ ନେଇପାରିବେ, ସେହି ପରିମାଣର ଧାନ କିଣନ୍ତୁ ବୋଲି ଶ୍ରୀ ବଂଶଲ ନିବେଦନ କରିଛନ୍ତି। ବରଗଡ଼ ରାଇସ ମିଲର୍ସ ଜୟପ୍ରକାଶ ଲାଠ ମଧ୍ୟ ସରକାରୀ ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ରାଇସ୍ ମିଲର୍ସ ସଂଘର ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟ ସରକାର କିମ୍ବା ଯୋଗାଣ ମନ୍ତ୍ରୀ ସମାଧାନର ବାଟ ବାହାର କରି ପାରୁନାହାନ୍ତି। ସମସ୍ୟାର ସମାଧାନ ପାଇଁ ରାଜ୍ୟ ସଂଘର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଭେଟି ଆଲୋଚନା କରିଥିଲେ। ସେମାନଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଚାଉଳ ଉଠାଣ ତ୍ୱରାନ୍ୱିତ ହୋଇପାରୁନି। ଗୋଦାମରେ ଜାଗା ନ ଥିବାରୁ ନୂଆ ଧାନ କେଉଁଠି ରଖିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର କିଣୁଥିବା ଧାନ ନିଜ ସୁବିଧା ଓ ବ୍ୟବସ୍ଥା ଅନୁଯାୟୀ ଗୋଦାମରେ ରଖିବାକୁ ଶ୍ରୀ ଲାଠ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅରୋମାର ଅଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ଉପସଭାପତି ନିତେଶ ବଂଶଲ, କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ରାଜ୍ୟର ୩୦ ଜିଲ୍ଲାର ଏକ ହଜାରରୁ ଊର୍ଦ୍ଧ୍ୱ ମିଲର୍ସ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲା ରାଇସ ମିଲର୍ସ ଆସୋସିଏସନର ଶ୍ୟାମସୁନ୍ଦର ଅଗ୍ରୱାଲ, ରମାକାନ୍ତ ଧର, ଚନ୍ଦନ ଅଗ୍ରୱାଲ, ବୋଲଟୁ ଶର୍ମା, ଗିରିଧର ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବରପାଲି କଲେଜରେ ଭିଜିଲାନ୍ସ ସଚେତନତା ସପ୍ତାହ

ବରପାଲି,୨୭।୧୦(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଏନଏସଏସ ଓ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଭିଜିଲାନ୍ସ ସଚେତନତା ସପ୍ତାହ ୨୦୨୫ ଏବଂ ନିଶା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏନଏସଏସ ପ୍ରକଳ୍ପ ଅଧିକାରୀ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ତଥା ରେଡକ୍ରସ କାଉନସିଲର ଆଧ୍ୟାପକ ଅଲେଖ ମହାନନ୍ଦଙ୍କ ସହଭାଗିତାରେ କାର୍ଯ୍ୟକ୍ରମଟି ସଞ୍ଚାଳିତ ହୋଇଥିଲା। ମହାବିଦ୍ୟାଳୟ ପ୍ରଶାସନିକ ପ୍ରଭାରି ପ୍ରାଧ୍ୟାପକ ସୁଶୀଳ ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇ ଲାଞ୍ଚ ଦେବା ଅବା ନେବା ଉଭୟ ଏକ ଦଣ୍ଡନୀୟ ଅପରାଧ ବୋଲି କହିଥିଲେ। ଆଇକ୍ୟୁସି ସଂଯୋଜକ ଅଧ୍ୟାପକ ଧୀରୋଜ ତ୍ରିପାଠୀ ନିଶା ସେବନରେ ସମାଜରେ କୁପ୍ରଭାବ ବିଷୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ପରେ ସମୁହ ମିଳିତ ଭାବେ ଏକ ସଂକଳ୍ପପତ୍ର ପାଠ କରାଯାଇଥିଲା। ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା

ବରଗଡ଼,୨୭।୧୦(ସମିସ): ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସୋମବାର ବରଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁତି ଭୂଷଣ ନାୟକ, ମୁଖ୍ୟ ପ୍ରତିପକ୍ଷ ଓକିଲ ମନସି ସାହୁ, ପାନେଲ ଓକିଲ ବିମଲ ଦାଶ, ବିକାଶ ଆଇନ ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର, ଜୈମିନି ସାହୁ ଏବଂ ବରଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ସଚେତନ କରାଯାଇଥିଲା। ପାନେଲ ଓକିଲ ବିମଲ ଦାଶ ସଭା ପରିଚାଳନା କରିଥିଲେ।

## କେବେ ସୁଧୁରିବ ପଦ୍ମପୁର ନିର୍ବାଚନ ମଣ୍ଡଳୀର ସମସ୍ୟା

ପଦ୍ମପୁର,୨୭।୧୦(ସମିସ): ସମ୍ପ୍ରତି ଅଘୋଷିତ ରାଜଧାନୀ ପାଲଟିଥିବା ନୂଆପଡା ନିର୍ବାଚନ ମଣ୍ଡଳୀର ପଡୋଶୀ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଓ ଜଳସେଚନ ସମସ୍ୟା ଗୁରୁତର। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ଙ୍କର ଅଭାବ ରହିଛି। ଫଳରେ ଗର୍ଭବତୀ ମହିଳା, ବୃଦ୍ଧ ଓ ସାଧାରଣ ରୋଗୀଙ୍କ ଚିକିତ୍ସା କେମିତି ହେଉଥିବ ସହଜରେ ଅନୁମେୟ। ସେପଟେ ଶିକ୍ଷା କ୍ଷେତ୍ରରେ ପଦ୍ମପୁର ମଣ୍ଡଳୀରେ ଶିକ୍ଷକ ଅଭାବ ଓ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି। ଅଧିକାଂଶ ସ୍କୁଲରେ ମାତ୍ର ଜଣେ କିମ୍ବା ୨ ଜଣ ଶିକ୍ଷକ ଥିବାରୁ ସମସ୍ତ ଶ୍ରେଣୀରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ପାନୀୟଜଳ ଓ ଜଳସେଚନ ସମସ୍ୟା ମଧ୍ୟ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି। ପଦ୍ମପୁର ସହରଠୁ ନେଇ ଅଧିକାଂଶ ଗାଁରେ ପାନୀୟ ଜଳର ଘୋର ସଙ୍କଟ ଦେଖା ଦେଉଛି। ଅନେକ ଥର ସହରବାସୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରି ସାରିଲେଣି। ଜଳସେଚନର ସ୍ଥାୟୀ ବ୍ୟବସ୍ଥା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲେ ହେଁ ସମାଧାନ ପାଇଁ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି। ନିର୍ବାଚନ ଆସିଲେ ଜନ ସାଧାରଣଙ୍କ ମୌଳିକ ସମସ୍ୟା କଥା ମନେପଡେ। ଏହି ସମସ୍ୟା ଉପରେ ସରକାର ଓ ବିରୋଧୀ ଉଭୟେ ଯଦି ଜବାବଦେହୀ ନହେବେ, ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନ ନେବେ ତେବେ ଆଗାମୀ ଦିନରେ ଜନତା ନିଜେ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି।

## ସୁନ୍ଦରକାଣ୍ଡ ପାରାୟଣ

ପଦ୍ମପୁର,୨୭।୧୦(ସମିସ): ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପ ଠାରେ ଗାୟତ୍ରୀ ବାହିନୀ ଆନୁକୂଲ୍ୟରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବ୍ୟାସ ପ୍ରତ୍ୟୁଷ ମିଶ୍ର ପାରାୟଣ ଓ ପ୍ରବଚନ ଦେଇଥିଲେ। ଗାୟତ୍ରୀ ବାହିନୀର ସଭାପତି ଜିତେଶ୍ୱରୀ ଦାଶ, ସମ୍ପାଦକ ଜ୍ୟୋତ୍ସ୍ନା କର, କୋଷାଧ୍ୟକ୍ଷ ତୃପ୍ତିମୟୀ ଦାଶ ଓ ଅନ୍ୟାନ୍ୟ ସଭ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବ୍ରାହ୍ମଣ ସମାଜ ତଥା ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହିନୀର ପ୍ରାୟ ୩୦୦ ସଭ୍ୟ/ ସଭ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ




ବରଗଡ଼,୨୭।୧୦(ସମିସ): ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଛାତ୍ରମାନଙ୍କୁ ନିଶାର ଭୟାବହତା ଉପରେ ବୁଝାଇଥିଲେ। ବାଣିଜ୍ୟ ବିଭାଗର ସଂଯୋଜକ ପ୍ରାଧ୍ୟାପକ ମନ୍ଦରଧର ନାୟକ ଦେଶର ବିକାଶ ପଥରେ ନିଶା ବାଧକ ହେବା ଏବଂ କଳା ବିଭାଗର ସଂଯୋଜକ ତଥା ଅଧ୍ୟାପକ ସୁରଜ ପଣ୍ଡା ଯୁବ ସମାଜ ଏହାର କୁପ୍ରଭାବ ଉପରେ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ଜୀବ ବିଜ୍ଞାନର ସଂଯୋଜକ ତଥା ଅଧ୍ୟାପକ ସୁଦାମ ମିଶ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ସାଗରିକା ବିଶି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଲିପ୍‌ସିତା ଯୋଶୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଅଧ୍ୟାପକ ଶୋଭନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ:** ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ସଭାପତିତ୍ୱରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଭାତ ବିଶ୍ୱାଳ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦୀପ ସାହୁ ନିଶା ସେବନର ଅପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରଦୀପ ଦେୱାନ, ଦେବରାଜ ସାହୁ, ଅଧ୍ୟାପିକା ମୀନା ସାହୁ ମଞ୍ଚାସୀନ ଥିଲେ। ଅଧ୍ୟାପିକା ପୁଷ୍ପମଞ୍ଜୁରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।




**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଠାରେ କେନ୍ଦ୍ର ଓ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତଥା ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଭାରତ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଶା ମୁକ୍ତ ଭାରତ ଅଭିଯାନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସଭାରେ ଅଧ୍ୟାପକ ପ୍ରତାପଚନ୍ଦ୍ର ଦାଶ, ନିଗମାନନ୍ଦ ପୃଷ୍ଟି, ଅଧ୍ୟାପିକା ପ୍ରତୀକ୍ଷା ଡନସନା, ଡ.ବୀଣାପାଣି ତାଣ୍ଡି ଓ ଖେଳ ଶିକ୍ଷକ ହେମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନିଶା ସେବନର କାରଣ, ଏହାର କୁପ୍ରଭାବ ଏବଂ ତାର ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲ। ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ନିଶା ବିରୋଧରେ ଉଦବୋଧନ ଦେଇଥିଲେ। ଶେଷରେ ଡ.ବୀଣାପାଣି ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ଓ ସାଇବର୍ ସଚେତନତା

ପଦ୍ମପୁର,୨୭।୧୦(ସମିସ): ସ୍ଥାନୀୟ ମହିଳା ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ତରଫରୁ ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ପାଠ ଓ ସାଇବର ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନା ରାଣୀ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ଦୁର୍ନୀତି କିପରି ସମାଜର ଏକ ସଂକ୍ରାମକ ବ୍ୟାଧି ଓ ତାକୁ ନିରାକରଣ କରିବା ଦାୟିତ୍ୱ ଉପରେ ବୁଝାଇଥିଲେ। ପଦ୍ମପୁର ଥାନା ଅଧିକାରୀ ମମତା ନାୟକ ମୁଖ୍ୟ ଅତିଥି ଭାବେ ଦୁର୍ନୀତି ନିବାରଣର ଶପଥ ପାଠ କରାଇବା ସହ ସାଇବର ଠକେଇ ବାବଦରେ ସମସ୍ତଙ୍କୁ ବୁଝାଇଥିଲେ। ଛାତ୍ରୀମାନଙ୍କୁ ସାଇବର ସଚେତନତା ଉପରେ ଏକ ଛୋଟ ଭିଡିଓ ଦେଖାଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଉଭୟ ଓଡ଼ିଆ ଓ ଇଂରାଜୀରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋନିଆ ମେହେର ଓ ରିକିତା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ କାଦମ୍ବିନୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଗାଇସିଲେଟ,୨୭।୧୦(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ ଏବଂ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ଜନ ଅଭିଯୋଗ ଶୁଣାଣି ପୂର୍ବରୁ ଗାଇସିଲେଟ ବ୍ଲକ୍ ଓଏସ୍‌ଡବ୍ଲ୍ୟୁଏଏନ୍ ହଲ ଠାରେ ଉପସ୍ଥିତ ରହି ସମସ୍ତ ବ୍ଲକ୍ ସ୍ତରୀୟ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୪୧ଟି ଅଭିଯୋଗ ମଧ୍ୟରୁ ୯୮ଟି ବ୍ୟକ୍ତିଗତ ଏବଂ ୪୩ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମାଁ ଦଶମତି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବିଜେପୁର,୨୭।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ବାଉଁଶ ପୋଲା ରାଜୀବ ଗାନ୍ଧୀ ଖେଳପଡିଆ ଠାରେ ଏକଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଆର୍ମିରେ କାର୍ଯ୍ୟରତ ଯବାନ ଅନନ୍ତ ବିଶି ଓ ରେଭିନ୍ୟୁ ଇନ୍‌ସପେକ୍ଟର ପ୍ରକାଶ ପ୍ରଧାନ, ସମ୍ମାନିତ ଅତିଥି ସାମାଜିକ କର୍ମୀ ପିଣ୍ଟୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇଚ୍ଛାପୁର, ମାଝିପାଲି, ଖରମୁଣ୍ଡା, ତେଲିପାଲି, ଗର୍ଭଣା, ଡୁମେରପାଲି, କାଇଁସିର, ଘେସଁ ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ। ଇଚ୍ଛାପୁର ଓ କାଇଁସିର୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କାଇଁସିର ୦-୨ ଗୋଲ୍ ସ୍କୋର କରି ବିଜେତା ହୋଇଥିଲା। ଇଛାପୁର ଦଳର ସର୍ବଶ୍ରେଷ୍ଠ ଖେଳାଳି ଭାବେ ରାମଚନ୍ଦ୍ର ନାଏକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଗୌରାଙ୍ଗ ପାଣ୍ଡେ, ଶିବୁ, ଅଜୟ ପ୍ରଧାନ ଖେଳକୁ ପରିଚାଳନା କରିଥିଲେ। ନେତାଜୀ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ

ବରଗଡ଼,୨୭।୧୦(ସମିସ): ବରଗଡ଼ ବ୍ଲକ୍ ବରଡୋଲ୍ ପଞ୍ଚାୟତ ଅଧୀନ ପିପିଲି ପାଲି ଗାଁରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଠାଗାରର ପ୍ରତିଷ୍ଠାତା ଡ.ରବିନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଓ ସାମାଜିକକର୍ମୀ ଅର୍ଜୁନ ସେଟ୍‌ଙ୍କ ସଂଯୋଜନାରେ କର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ମୀନା ପଣ୍ଡା, ଗୋପବନ୍ଧୁ ପୁରୋହିତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଲୋକ ବାରିକ ସହଯୋଗ କରିଥିବା ବେଳେ ବରଗଡ଼ ଜିଲ୍ଲା ସମାଜସେବୀ ସଂଗଠନର ସଭାପତି ବଳିଷ୍ଟ ଦୁର୍ଗା ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ମାଗଣା ଖାତା ଓ ଡଟ୍‌ପେନ୍ ବଣ୍ଟନ କରାଯାଇଥିଲା।

## ସମଲେଶ୍ୱରୀ ବ୍ୟବସାୟୀ ସଂଘର ନୂତନ ପରିଚାଳନା କମିଟି

ବରଗଡ଼,୨୭।୧୦(ସମିସ): ସ୍ଥାନୀୟ ସିନ୍ଧୁ ଭବନ ଠାରେ ଲେଙ୍ଗୁ ମିଶ୍ର ଛକ ପାଖରେ କୋଓପରେଟିଭ ବ୍ୟାଙ୍କ ସାମନାରେ ଥିବା ମାଁ ସମଲେଶ୍ୱରୀ ବ୍ୟବସାୟୀ ସଂଘର ନୂତନ ସଭାପତି ଭାବେ ସମାଜସେବୀ ସର୍ଦ୍ଦାର ପ୍ରୀତମ ସିଂହଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ରମେଶ ପୋପଟାନୀ, ଦୀପକ ଆହୁଜା, ଯୁଧିଷ୍ଠିର ପ୍ରଧାନ, ହରଜୀତ ସିଂ, ମହମ୍ମଦ ଗୁଲାମନବି ଖାନ, ରବିଶଙ୍କର ପୋପଟାନୀ, ଦୀପକ ଭଣ୍ଡାରୀ, ରାଜୁ ଗୁପ୍ତା ଏବଂ ସୁରେଶ ପୋପତାନୀ ପ୍ରମୁଖ ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ। ଶେଷରେ ଯୁଧିଷ୍ଠିର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ଉଦ୍‌ଯାପିତ



ପଦ୍ମପୁର,୨୭।୧୦(ସମିସ): ବରଗଡ଼ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କ ଦକ୍ଷତା ଓ ନେତୃତ୍ୱ ବିକାଶ ନିମନ୍ତେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଛି। ଏହାର ଅନ୍ତିମ ଦିବସରେ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଶିବିରର ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଓ ମାନସ ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥି ଭାବେ ସ୍ଥାନୀୟ ବିଇଓ ଲୋକନାଥ ଭୋଇ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ସସ୍ମିତା ସାହୁ, ବରୁଣ କୁମ୍ଭକାର, ରଶ୍ମିତା ସୁନା, ରାଜବୋଡ଼ାସମ୍ବର ହାଇସ୍କୁଲର ପ୍ରଧାନଶିକ୍ଷକ ନିରାଳମ୍ବ ପଟେଲ, ପେଡାଗୋଜି କୋର୍ଡିନେଟର ପୁଷ୍ପାଞ୍ଜଳି ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ତିମ ଦିବସରେ ପ୍ରଶିକ୍ଷକ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ୍ ପତି, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, କ୍ୟାରିଅର ଗାଇଡାନ୍ସ, କ୍ୟାରିଅର କାଉନସେଲିଂ, କ୍ୟାରିଅର ପୋର୍ଟାଲର ଆବଶ୍ୟକତା ଏବଂ ଧନ୍ଦା ମୂଳକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ ମେହେର ଉପସ୍ଥାପନ ବୃଦ୍ଧି ଓ ଅଧାରୁ ପାଠ ଛାଡ଼ିବାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପଣକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ଏବଂ ତୋରା ହାଇସ୍କୁଲର ପ୍ରଧାନଶିକ୍ଷକ ସଙ୍ଗୀତା ରାଣୀ ମିଶ୍ର ବ୍ଲୁମ ଟାକସୋନୋମି ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ, ଟିକେଶ୍ୱର ପ୍ରସାଦ ପଟେଲ, ରାଜେଶ ଖମାରୀ ଏବଂ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହା ଉପସ୍ଥିତ ଥିଲେ। ସମସ୍ତ ସାଧନକର୍ମୀ ଓ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ପୁସ୍ତମ୍ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## କୁଇଜ୍ ପ୍ରତିଯୋଗିତାରେ ସଂସ୍କାର ସ୍କୁଲ ଛାତ୍ର ପୁରସ୍କୃତ

ବରଗଡ଼,୨୭।୧୦(ସମିସ): ଭିଏସ୍‌ଏସ୍‌ୟୁଟି ବୁର୍ଲା ଦ୍ୱାରା କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବରଗଡ଼ ଏବଂ ସମ୍ବଲପୁର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ଆଶିଷ ବିଶ୍ୱାଳ ଓ ଏହସାନ୍ ଏହମଦ୍ ସିନିୟର ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର ପ୍ରାରମ୍ଭରେ ଭିଏସ୍‌ଏସ୍‌ୟୁଟିର କୁଳପତି ଡ.ଦୀପକ ସାହୁ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଡ.ମଧୁସ୍ମିତା ପ୍ରଧାନ, ଡ.ସ୍ମିତା ପ୍ରଧାନ ଏବଂ ଡ.ପଦ୍ମନାଭ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭିଏସ୍‌ଏସ୍‌ୟୁଟିର ବରିଷ୍ଠ ଛାତ୍ରଛାତ୍ରୀ ପ୍ରତିଯୋଗିତାର ପରିଚାଳନା କରିଥିଲେ। ଛାତ୍ର ମାନଙ୍କର ସଫଳତାରେ ସଂସ୍କାର ସ୍କୁଲର ଅଧ୍ୟକ୍ଷ ସୁମନ ସାୱଡିଆ, ପ୍ରଧାନଶିକ୍ଷକ କରନ ସାହୁଙ୍କ ସମେତ ପରିଚାଳନା ସମିତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକଗଣ ଅଭିନନ୍ଦନ ଜଣାଇଛନ୍ତି।

## ଖବର ପ୍ରକାଶ ପରେ ମଞ୍ଜୁ ପାଇଲେ ଭିନ୍ନକ୍ଷମ ପ୍ରମାଣପତ୍ର

ପାଇକମାଳ,୨୭।୧୦(ସମିସ)


ସକାଳ
THE SAKALA
୭ ମାସ ବିତିଲା ପଛେ ମିଳିଲାନି ଭିନ୍ନକ୍ଷମ ପ୍ରମାଣପତ୍ର
- ବର୍ଦ୍ଧିତ ୩୫୦୦ ଭତ୍ତା ପାଇବାରେ ମଞ୍ଜୁ ବଞ୍ଚିତ
- ବାଧକ ସାଜିଛି ପ୍ରମାଣପତ୍ରର ଅଭାବ

'ସକାଳ' ପ୍ରଭାବ

ସୋମବାର ଦୈନିକ 'ସକାଳ' ଖବରକାଗଜରେ "୭ ମାସ ବିତିଲା ପଛେ ମିଳିଲାନି ଭିନ୍ନକ୍ଷମ ପ୍ରମାଣପତ୍ର" ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ୭ ଘଣ୍ଟା ମଧ୍ୟରେ ମଞ୍ଜୁ ବାଗକୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ସୂଚନାଯୋଗ୍ୟ, ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ପଞ୍ଚାୟତ ମଖନମୁଣ୍ଡା ଗାଁର ହରିଜନ ପଡାର ଧନଞ୍ଜୟ ବାଗଙ୍କ ଝିଅ ମଞ୍ଜୁ ବାଗ (୨୦) ମାନସିକ କରିଥିଲେ। ଏନେଇ ପ୍ରଶାସନ ତତ୍ପରତା ଦେଖାଇ ୭ ଘଣ୍ଟା ମଧ୍ୟରେ ମଞ୍ଜୁଙ୍କ ପ୍ରମାଣପତ୍ର ଦେଇଥିଲେ ଓ ମଞ୍ଜୁଙ୍କ ପ୍ରମାଣପତ୍ର ସଂଲଗ୍ନ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଏବଂ ବର୍ଦ୍ଧିତ ପେନସନ ମଞ୍ଜୁର ପାଇଁ ପାଇକମାଳ ବିଡିଓ ପ୍ରଫୁଲ ଓଦୁଙ୍କ ନିକଟକୁ ପଠାଇଥିଲେ। ଏନେଇ ବିଡିଓ ଦୃଷ୍ଟି ଦେଇ ଶୀଘ୍ର ମଞ୍ଜୁଙ୍କୁ ବର୍ଦ୍ଧିତ ୩୫୦୦ ଭତ୍ତା ପ୍ରଦାନ କରିବାକୁ ମଞ୍ଜୁଙ୍କ ପିତାମାତା ଆଶା ରଖିଛନ୍ତି।

**ସାତ ମାସ ଧରି ମିଳି ନ ଥିବା ପ୍ରମାଣପତ୍ର ୭ ଘଣ୍ଟାରେ ମିଳିଲା**

ଏନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇଥିବାରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ ଓ ବିଡିଓ ପ୍ରଫୁଲ୍ଲ ଓଦୁ ତଥା ପାଇକମାଳ ବ୍ଲକ୍ ସକାଳ ଖବରକାଗଜ ପ୍ରତିନିଧି ଗିରିଶ ଚନ୍ଦ୍ର ମାଝୀଙ୍କୁ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ବାରିପଦା, ୨୭ ।୧୦(ସମିସ): ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧଜଣଙ୍କ ହେଲେ, ବାଙ୍ଗିରିପୋଷି ବନ ରେଞ୍ଜ ଅନ୍ତର୍ଗତ ଖଇରବଣି ଗାଁର ଜଗେଶ୍ୱର ନାଏକ (୫୭)। ଜଗେଶ୍ୱର ସୋମବାର ସକାଳୁ ଗାଇ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଜଗେଶ୍ୱରଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ଅସୁସ୍ଥ

**ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି**

କୋରାପୁଟ,୨୭।୧୦(ସମିସ): ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଅସୁସ୍ଥ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜୟପୁରରୁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ପଦ୍ମିନୀ ଦିଆନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଚିକିତ୍ସା କରୁଥିବା ଡ଼ାକ୍ତର ସୂଚନା ଦେଇଛନ୍ତି। ବିଷାକ୍ତ ଖାଦ୍ୟ ଖାଇ ଗୁରୁତର ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ପଦ୍ମିନୀଙ୍କ ସହ ରାମବତୀ ଦିଆନ କାଜୁଆଲଟିରେ ଥିବା ବେଳେ ଅନ୍ୟ ଜଣେ ୱାର୍ଡରେ ଆଡ଼ମିଟ ହୋଇ ଚିକିତ୍ସିତ ହେଉଛନ୍ତି। ବିଷାକ୍ତ ଖାଦ୍ୟ ଖାଇ ଜଣେ ଜୟପୁର ମେଡିକାଲରେ ମୃତ ହୋଇଥିବା ମଧ୍ୟ ସୂଚନା ମିଳୁଛି। ପୂର୍ବତନ ମନ୍ତ୍ରୀଙ୍କ ଅସୁସ୍ଥତା ଖବର ପାଇ କୋରାପୁଟ ମ୍ୟୁନିସିପାଲଟି ଚେୟାରମେନ ଲଲାଟ ରଞ୍ଜନ ସେଠୀ, ବିଜେଡ଼ି ନେତ୍ରୀ ପାର୍ବତୀ ମସ୍ତି ପ୍ରମୁଖ ମେଡିକାଲରେ ଉପସ୍ଥିତ ରହି ସ୍ୱାସ୍ଥ୍ୟସେବା ପଚାରି ବୁଝିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାଲକାନଗିରି ଦେଇ...

ଗୋପାଳପୁରଠାରୁ ୭୧୦ କିମି ଦକ୍ଷିଣରେ, ଚେନ୍ନାଇଠାରୁ ପ୍ରାୟ ୪୪୦ କିଲୋମିଟର ପୂର୍ବ-ଦକ୍ଷିଣ-ପୂର୍ବ, କାକିନାଡାଠାରୁ ୪୯୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ, ବିଶାଖାପାଟନାଠାରୁ ୫୩୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ ଦୂରରେ ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୧୨ ଘଣ୍ଟା ମଧ୍ୟରେ ବାତ୍ୟା ମୋନ୍ଥା ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବ। ମଙ୍ଗଳବାର ସକାଳ ସୁଦ୍ଧା ଏହା ଆହୁରି ଶକ୍ତିଶାଳୀ ହୋଇ ଏକ ଭୀଷଣ ବାତ୍ୟାରେ ପରିଣତ ହେବ। ପରେ ପୁଣି ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ୨୮ ତାରିଖ ସନ୍ଧ୍ୟା କିମ୍ବା ରାତି ବେଳକୁ କାକିନାଡା ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ସ୍ଥଳଭାଗ ନିକଟବର୍ତ୍ତୀ ହେବା ପୂର୍ବରୁ ଧୀରେ ଧୀରେ ବାତ୍ୟାର ବାହ୍ୟବଳୟରେ ଥିବା ମେଘଖଣ୍ଡମାନ ସ୍ଥଳଭାଗ ମୁହାଁ ହୋଇଛି। ଏହା ପ୍ରଭାବରେ ଆନ୍ଧ୍ର ଉପକୂଳ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସୋମବାରଠାରୁ ବର୍ଷା ହୋଇଛି। ଅପରାହ୍ଣଠାରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକା ପବନ ବଢ଼ିବା ସହ ବର୍ଷା ଆରମ୍ଭ ହୋଇଯାଇଛି। ମଙ୍ଗଳବାରଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩୦ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି କୁହାଯାଇଛି। ସେହିପରି ଅଳ୍ପ ବର୍ଷା ଆଶଙ୍କାରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଯାଜପୁର, ଭଦ୍ରକ, ଜଗତସିଂପୁର, କେନ୍ଦ୍ରାପଡ଼ା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ମୋନ୍ଥାକୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଅନେକ ଟ୍ରେନ୍ ଚଳାଚଳ ବାତିଲ୍ କରାଯାଇଛି। ଏଥିରେ କେତେକ ଟ୍ରେନର ଦିଗ ପରିବର୍ତ୍ତନ ଏବଂ ଆଉ କେତେକକୁ ବିଭିନ୍ନ ସ୍ଥାନରେ ଅଟକାଇ ରଖାଯାଇଛି। ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୩୨ଟି ଟ୍ରେନ୍ ଚଳାଚଳ ବାତିଲ୍ କରାଯାଇଛି। ଏଥିସହ ଟାଟାନଗର-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ ଏବଂ ଟିଟିଲାଗଡ଼-ଲାଖୋଲି-ରାୟପୁର-ନାଗପୁର-ବଲାହାରଶାହ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି।

ବାତିଲ୍ କରାଯାଇଥିବା ଟ୍ରେନ ତାଲିକାରେ ବ୍ରହ୍ମପୁର-ବିଶାଖାପାଟନମ୍ ଏକ୍ସପ୍ରେସ କଟକ-ଗୁଣୁପୁର-କଟକ ମେମୁ, ଭୁବନେଶ୍ୱର-ବେଙ୍ଗାଲୁରୁ, ଭୁବନେଶ୍ୱର-ସକନ୍ଦରାବାଦ୍ ଏକ୍ସପ୍ରେସ ପ୍ରଶାନ୍ତି ଏକ୍ସପ୍ରେସ୍ ରହିଛି। ରେଳବାଇ ପକ୍ଷରୁ ସମସ୍ତ ଡିଭିଜନାଲ ମୁଖ୍ୟାଳୟରେ ୨୪ ଘଣ୍ଟା ତଦାରଖ ଏବଂ ଜରୁରୀକାଳୀନ ନିୟନ୍ତ୍ରଣକୁ ସକ୍ରିୟ କରାଯାଇଛି। ରିଅଲ୍-ଟାଇମ୍ ଅପଡେଟ୍ ପାଇଁ ଭାରତ ପାଣିପାଗ ବିଭାଗ ସହିତ ନିରନ୍ତର ସମନ୍ୱୟ। ତୁରନ୍ତ ପ୍ରତିକ୍ରିୟା ପାଇଁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ପୁନରୁଦ୍ଧାର ଦଳ ପ୍ରସ୍ତୁତ ରଖାଯାଇଛି। ବିଭିନ୍ନ ସ୍ଥାନରେ ଫସିରହିଥିବା ଯାତ୍ରୀଙ୍କ ପାଇଁ ପ୍ରମୁଖ ଷ୍ଟେସନଗୁଡ଼ିକରେ ଖାଦ୍ୟ, ପାଣି ଏବଂ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଏହାଛଡା ଟିକଟ ଅର୍ଥ ରିଫଣ୍ଡ ପାଇଁ ଅତିରିକ୍ତ କାଉଣ୍ଟର ଖୋଲାଯାଇଛି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସହାୟତା ଡେସ୍କ ମଧ୍ୟ କାର୍ଯ୍ୟ କରୁଛି। ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଇନକ୍ୱାରି ସିଷ୍ଟମ୍ ଆଇଆର୍‌ସିଟିସି ୱେବସାଇଟ୍/ଆପ୍ ମାଧ୍ୟମରେ ସର୍ବଶେଷ ଟ୍ରେନ୍ ଚାଳନ ଅପଡେଟ୍ ଯାଞ୍ଚ କରିବାକୁ କିମ୍ବା ନିକଟତମ ରେଳବାଇ ହେଲ୍ପଲାଇନ୍ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ଏପରିକି ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମଧ୍ୟ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ପରିସ୍ଥିତିର ନିକଟତର ତଦାରଖ ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରାଯାଇଛି। ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ବି. ଶ୍ରୀକୃଷ୍ଣ ରାଜକୁମାର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ପ୍ରସ୍ତୁତି ପଦକ୍ଷେପ ସମୀକ୍ଷା କରିଥିଲେ। ସେ ଯାତ୍ରୀମାନଙ୍କ ପ୍ରତି ଶୂନ୍ୟ ବିପଦ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସମସ୍ତ କ୍ଷେତ୍ର ୟୁନିଟକୁ ସର୍ବାଧିକ ସତର୍କତା ନଜରରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରାକ୍, ସିଗନାଲିଂ ସିଷ୍ଟମ, ଓଏଚଇ ଏବଂ ବିଦ୍ୟୁତୀକରଣ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳଗୁଡ଼ିକୁ ନିୟୋଜିତ କରାଯାଇଛି।

## ଆଜିଠୁ ୧୨ ରାଜ୍ୟରେ...

ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି, ଦେଶରେ ୧୯୫୧ରୁ ୨୦୦୪ ମଧ୍ୟରେ ୮ଥର ଏସ୍‌ଆଇଆର୍ କରାଯାଇଛି। ସ୍ୱାଧୀନତା ପରେ ଏହା ହେବ ୯ମ ଏସ୍‌ଆଇଆର୍। ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ଏସ୍‌ଆଇଆର୍ ସଫଳ ରହିଛି। ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି, ସେମାନଙ୍କ ମଧ୍ୟରୁ କେହି ଆପତ୍ତି ଅଭିଯୋଗ କରିନାହାନ୍ତି। ଏହି ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିଲା। ଅନ୍ୟପକ୍ଷରେ ବିରୋଧୀ ଦଳ ବିହାର ଏସଆଇଆରକୁ ବିରୋଧ କରି ସୁପ୍ରିମ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏହି ପ୍ରକ୍ରିୟାରେ ଟାର୍ଗେଟ କରାଯାଇଛି ଏବଂ ସେମାନଙ୍କ ନାମକୁ ଭୋଟର ତାଲିକାରୁ କାଟି ଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ମାମଲା ଏବେ ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ରହିଛି।

ପଶ୍ଚିମବଙ୍ଗ ସଂପର୍କରେ ମୁଖ୍ୟ ନିର୍ବାଚନ କମିସନର କହିଲେ ଯେ ସେହି ରାଜ୍ୟ ସରକାର ସହିତ କମିସନଙ୍କର କୌଣସି ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ନିର୍ବାଚନ କମିସନ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଉଛନ୍ତି ଏବଂ ରାଜ୍ୟ ସରକାରମାନେ ଏଥିରେ ସହଯୋଗ କରିବାକୁ ବାଧ ବୋଲି ସେ କହିଛନ୍ତି।

## ଆଜିଠାରୁ ୨ ଦିନ...

ବାତ୍ୟା ସମୟରେ ବିଦ୍ୟାଳୟଗୁଡ଼ିକ ଯେମିତି ଅଧିକ କ୍ଷତିଗ୍ରସ୍ତ ନ ହେବ, ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହାସହ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ବାତ୍ୟା ସମୟରେ ଜରୁରୀକାଳୀନ ସେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଦାୟିତ୍ୱ ନିର୍ବାହ କରିବେ।

ପ୍ରଶାସନର ଆବଶ୍ୟକତା ଅନୁଯାୟୀ, ବିଦ୍ୟାଳୟଗୁଡ଼ିକ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ୟବହାର ହେବ। ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଗଚ୍ଛିତ ଚାଉଳକୁ ମଧ୍ୟ ରିଲିଫ୍ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ବାତ୍ୟାକୁ ଦୃଷ୍ଟିରେ ରଖି ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଗୃହକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଶୈକ୍ଷିକ ଉପକରଣ ଓ ଆସବାବପତ୍ରକୁ ସୁରକ୍ଷିତ ସ୍ଥାନରେ ରଖିବେ। ବାତ୍ୟାରେ କୌଣସି କ୍ଷୟକ୍ଷତି ହେଲେ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଅବଗତ କରିବେ। ଡିଇଓମାନେ ବିଦ୍ୟାଳୟ କ୍ଷୟକ୍ଷତି ରିପୋର୍ଟ ଜିଲ୍ଲାପାଳ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅବଗତ କରିବେ। ବାତ୍ୟା ପରିଚାଳନା ପାଇଁ ନିର୍ଦ୍ଦେଶକମାନଙ୍କ ତତ୍ତ୍ୱାବଧାନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକାରୀ ହେବ। ଆବଶ୍ୟକସ୍ଥଳେ ବିଭାଗୀୟ ଅନୁସଚିବ ଗୁଣ୍ଡାଇ ହାଁସଦାଙ୍କୁ ୮୦୧୮ ୭ ୬୫୨୫୬ ନମ୍ବରରେ ଯୋଗାଯୋଗ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଏହି ୮ଟି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରହିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବଶ୍ୟକସ୍ଥଳେ ୩୦ ତାରିଖରେ ମଧ୍ୟ ଅଙ୍ଗନବାଡ଼ି ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇପାରିବେ ବୋଲି କୁହାଯାଇଛି। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି।

## ମରାମତି କାର୍ଯ୍ୟ ବନ୍ଦ...

କାମ ବନ୍ଦ କରାଯାଇଛି। ତିନି ଦିନ ପାଇଁ ଘାଟି ରାସ୍ତା ସିଲ୍ କରିବାକୁ କନ୍ଧମାଳ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଯୋଗୁଁ ଘାଟିରେ ବିପଦ ବଢ଼ିଥିବା ବେଳେ କଳିଙ୍ଗାରେ ରାସ୍ତା ନାକା କରିଛି ଜି. ଉଦୟଗିରି ପୁଲିସ। କାହାରିକୁ ଘାଟିକୁ ଛଡ଼ା ଯାଉନାହିଁ।

ଆଜି ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ସ୍ଥିତି ପରଖିଛନ୍ତି। ଗତ ମାସ ୧୬ ତାରିଖରେ ହୋଇଥିବା ପ୍ରବଳ ବର୍ଷାରେ କଳିଙ୍ଗା ଘାଟିରେ ଭୟଙ୍କର ଭୂ-ସ୍ଖଳନ ହୋଇ ୫୦ ଫୁଟ୍ ରାସ୍ତା ଧୋଇ ନେଇଥିଲା। ଫଳରେ ଆଜି ପର୍ଯ୍ୟନ୍ତ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ଭୂ-ସ୍ଖଳନ ସ୍ଥାନରେ ରାସ୍ତା ମରାମତି କରିବା, ପାଣି ନିଷ୍କାସନ ପାଇଁ ହୋମ୍ ପାଇପ ପକାଇ ତାରି ଉପରେ ଲୁହାଛଡ଼ ପକାଇ କଂକ୍ରିଟ ପକା କାମ ସାରିଥିଲା। ଏହାସହ ପାହାଡ଼ ଉପରେ ଥିବା ବଡ଼ବଡ଼ ପଥରକୁ ହଟାଇବା କାମ ମଧ୍ୟ ସରିଥିଲା। ଏଥିଯୋଗୁଁ ଶୀଘ୍ର ଯାତାୟାତ ସ୍ୱାଭାବିକ ହେବା ଆଶା ଉଜ୍ଜ୍ୱଳ ହୋଇଥିଲା। କିନ୍ତୁ ବାତ୍ୟା ପୁଣିଥରେ ପ୍ରତିବନ୍ଧକ ସାଜିବା ଆଶଙ୍କା ପ୍ରକାଶ ପାଇଛି।

## ୫୦ ହଜାର କୋଟିର...

ନୀଳ ଅର୍ଥନୀତି କ୍ଷେତ୍ରର ଅଗ୍ରଣୀ ଶିଳ୍ପ ପ୍ରତିନିଧିମାନଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିବା ସହ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସୁଯୋଗ ଅନ୍ୱେଷଣ କରିବାକୁ ଆମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ସାମୁଦ୍ରିକ ଶକ୍ତି ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ନୂତନ ସମ୍ଭାବନା ଆଡ଼କୁ ଗତି କରୁଛି। ପାରାଦୀପ, ଧାମରା, ଗୋପାଳପୁର ବନ୍ଦର ସହ ଅସ୍ତରଙ୍ଗ, ଜଟାଧାରୀ, ସୁବର୍ଣ୍ଣରେଖା ଏବଂ ବାହୁଦାରେ ପ୍ରସ୍ତାବିତ ବନ୍ଦରଗୁଡ଼ିକ ସହିତ ଆମେ ଆମର ମୋଟ ବନ୍ଦର ପରିଚାଳନା କ୍ଷମତାକୁ ବାର୍ଷିକ ୫୦୦ ନିୟୁତ ଟନକୁ ବୃଦ୍ଧି କରୁଛୁ। ପୁରୀ କ୍ରୁଜ ଟର୍ମିନାଲ ସହିତ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ୨୪୭୦୦୦ କୋଟି ଟଙ୍କା ଏବଂ ବାହୁଦା ବନ୍ଦରରେ ୨୧୫୦୦ କୋଟି ଟଙ୍କା ବିନିଯୋଗ ଓଡ଼ିଶାର ଉପକୂଳ ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟ ସଂଯୋଗକୁ ଏକ ନୂଆ ଦିଗ ପ୍ରଦାନ କରିବ। ଏହି ପରିବର୍ତ୍ତନଶୀଳ ଯାତ୍ରାରେ ଅଂଶବିଶେଷ ହେବାକୁ ମୁଁ ନିବେଶକମାନଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଥିଲେ। ଉଦଘାଟନୀ ଅଧିବେଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ସହିତ ଏକ ସ୍ୱତନ୍ତ୍ର ଓଡ଼ିଶା ଅଧିବେଶନ ଅନୁଷ୍ଠିତ ହୋଇଥିଲା। 'ଓଡ଼ିଶାର ବନ୍ଦର ଭିତ୍ତିକ ବିକାଶ ୨୦୨୪ ପାଇଁ ଏକ ଦୃଷ୍ଟିକୋଣ ଯୋଜନା' ଶୀର୍ଷକ ଏହି ଅଧିବେଶନରେ ଓଡ଼ିଶାର ବନ୍ଦର ଭିତ୍ତିକ ଶିଳ୍ପ ଭିତ୍ତିଭୂମିରେ ନିବେଶ ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

## ଉପନିର୍ବାଚନ ବେଳେ...

ସମ୍ପର୍କରେ ଅବଗତ କରାଯାଇଛି। ତେବେ ଉପ ନିର୍ବାଚନ ପରି ଏକ ଘଡ଼ିସନ୍ଧି ମୂହୂର୍ତ୍ତରେ ଗୁରୁ ଦାୟିତ୍ୱ ବହନ କରୁଥିବା ଦକ୍ଷିଣ-ପଶ୍ଚିମାଞ୍ଚଳ ଡ଼ିଆଇଜିଙ୍କ ଅଚାନକ ଛୁଟିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଶ୍ରୀ ସିଂଙ୍କ ଛୁଟିରୁ ଫେରିବା ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଅତିରିକ୍ତ ଭାବେ ଦାୟିତ୍ୱ ସମ୍ଭାଳିବେ ବୋଲି ସୂଚନା ମିଳିଛି।

## ସମ୍ପତ୍ତି ତାଲିକା ଦେଲେନି...

ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ଆର୍ଥିକ ବର୍ଷ ପାଇଁ ସମ୍ପତ୍ତି ତାଲିକା ଦାଖଲ କରିବା ପାଇଁ ଆଉ କୌଣସି ସମୟସୀମା ବୃଦ୍ଧି କରାଯିବ ନାହିଁ। ଏପରିକି ଏଥିନିମିତ୍ତ ଆଉ ପୋର୍ଟାଲ ଖୋଲିବ ନାହିଁ ବୋଲି ସାଧାରଣ ବିଭାଗ ସ୍ପଷ୍ଟ କରିଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ବିଭାଗୀୟ ପଦୋନ୍ନତି ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପତ୍ତି ତାଲିକା ଦାଖଲ କରିବା ବାଧ୍ୟତାମୂଳକ। ଏହି ନିୟମ ଆଧାରରେ ଯେଉଁ କର୍ମଚାରୀ ନିଜର ସମ୍ପତ୍ତି ତାଲିକା ନିର୍ଦ୍ଧାରିତ ସମୟରେ ଦାଖଲ କରିନାହାନ୍ତି ସେମାନେ ପଦୋନ୍ନତି ପାଇଁ କୌଣସି ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ନିକଟରେ ଯୋଗ୍ୟ ବିବେଚିତ ହେବେ ନାହିଁ। ଏପରିକି ସମସ୍ତ ବିଭାଗ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହ ସମ୍ପତ୍ତି ତାଲିକା ଦାଖଲ ନକରିଥିବା କୌଣସି କର୍ମଚାରୀଙ୍କ ପଦୋନ୍ନତି ଆବେଦନ ଯେପରି ଡିପିସି ନିକଟରେ ଉପସ୍ଥାପିତ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମ୍ପତ୍ତି ତାଲିକା ଦାଖଲ କରି ନ ଥିବାରୁ ଅନେକ ପୁଲିସ ସବ୍‌ଇନ୍ସପେକ୍ଟର ପଦୋନ୍ନତି ପାଇବାକୁ ବଞ୍ଚିତ ହୋଇଛନ୍ତି।

## ଲୁଟିନେଲେ ୨୫ ଲକ୍ଷ...

କର୍ମଚାରୀ ଦୁର୍ବୃତ୍ତଙ୍କ 'ଭୟରେ ପେଟ ବିନ୍ଧୁଛି ଔଷଧ ଦିଅ' ବୋଲି ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ଫୋନ ଯୋଗେ କହିଥିଲେ। ମାଲିକାଣୀ ଓ ତାଙ୍କ ଝିଅ ଔଷଧ ଦେବାକୁ କବାଟ ଖୋଲିବା ସମୟରେ ଛକି ରହିଥିବା ଦୁର୍ବୃତ୍ତମାନେ ତାଙ୍କୁ ଧକ୍କା ମାରି ଘର ଭିତରକୁ ପଶି ଯାଇଥିଲେ। ଉଭୟଙ୍କ ମୁହଁ, ଗୋଡ଼ ହାତ ବାନ୍ଧିବା ସହ ଅଲମାରୀ ଚାବି ମାଗିଥିଲେ। ଚାବି ନ ଦେଲେ ଝିଅକୁ ଦୁଷ୍କର୍ମ କରି ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ। ଭୟରେ ମାଲିକାଣୀ ଚାବି ଦେବା ପରେ ମହାଜନଙ୍କୁ ଦେବା ପାଇଁ ରହିଥିବା ପ୍ରାୟ ୨୫ଲକ୍ଷ ଟଙ୍କା ସହ ସୁନା ଅଳଙ୍କାରଙ୍କୁ ମିଶାଇ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଲୁଟି ନେଇଥିଲେ। ଲୁଟ୍ ପରେ ଦୁର୍ବୃତ୍ତମାନେ ସିସିଟିଭି କ୍ୟାମେରା ଭାଙ୍ଗି ହାର୍ଡ ଡିସ୍କକୁ ନେଇ ପଳାଇଥିବା ବ୍ୟବସାୟୀ ଜଣକ ଅଭିଯୋଗ କରିଛନ୍ତି। ଏନେଇ ଝିଅ ନିକିତା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପୂର୍ବତନ ପୁଲିସ...

ପୁଅ ସୁଜିତ ଭୋଇ(୩୦)। ସୋମବାର ସକାଳେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା, ଥାନାଧିକାରୀ ବୁଲୁ ମୁଣ୍ଡା ପ୍ରମୁଖ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ। ଶବକୁ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସୁଜିତର ଭାଇ ସୁନୀଲ ଭୋଇଙ୍କ ଅଭିଯୋଗକୁ କେନ୍ଦ୍ର କରି ଥାନାରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ବନ୍ଧପଡ଼ା ଗ୍ରାମର ରାଜା କଟା(୧୯), ଓମ୍ ନନ୍ଦ (୧୯) ଓ ଡଙ୍ଗରପଡା ଗ୍ରାମର ଇରଫାନ ଛତ୍ରିଆ (୧୯)।

ସୂଚନାନୁସାରେ, ରବିବାର ୪ସାଙ୍ଗ ମିଶି ଅନ୍ତର୍ଲା ଗାଁ ପତ୍ରଫଡି ନିକଟରେ ଭୋଜି କରିଥିଲେ। ଏହି ସମୟରେ ତାଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ର କରି ବଚସା ହେବା ପରେ ରାଜାର ମାଆ ରାଜାକୁ ବାରମ୍ବାର ଫୋନ୍ କରି ଘରକୁ ଆସିବା ପାଇଁ କହୁଥିଲେ। ସେହି ସମୟରେ ସୁଜିତ ରାଜାର ମାଆକୁ ଫୋନରେ ଅସଭ୍ୟ ଭାଷାରେ ଗାଳି କରିବାରୁ ରାଜା ଉତ୍ୟକ୍ତ ହୋଇ ସାଇକେଲ ପେଡାଲ ହ୍ୟୁଲରେ ସୁଜିତକୁ ଆକ୍ରମଣ କରିଥିଲା। ପରେ ତିନି ଜଣ ତାକୁ ବିଅର ବୋତଲ ଓ ଠେଙ୍ଗାରେ ମଧ୍ୟ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସୁଜିତର ମୃତ୍ୟୁ ଘଟିଥିଲା। ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲା।


**AFFIDAVIT**

By virtue of an affidavit sworn before The Executive Magistrate, Sohela vide no.02 dated 27/10/2025, I, Jogindra Kumar Sahu, S/o- Krushna Chandra Sahu, R/o- Vill.- Tileimal, Po.- Ghess, Ps.- Melchhamunda, Dist.- Bargarh state that, in my Aadhar bearing no. 941523556155 my name has been mentioned as Jogindra Sahu. That, **Jogindra Kumar Sahu** and **Jogindra Sahu** is one and same person.

Sd/- Jogindra Kumar Sahu

**AFFIDAVIT**

By virtue of an Affidavit Sworn before the Executive Magistrate, Kujang, Dist.: Jagatsinghpur, I, Sushma Sethy, aged about 57 years, W/o: Iswar Chandra Sethy of Vill/P.O.: Gorada, P.S.: Tirtol, Dist.: Jagatsinghpur declare by this Affidavit No.: 3370, Dated: 16.10.2025 that now onwards my name & date of birth shall be known as **Susama Sethy & 20.06.1968** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nandapur vide no.97 dated 27/10/2025, I Brundabati Burudi, D/o- Jagabandhu Burudi, W/o- Nanda Burudi resident of Vill.- Khudub, Po.- Gollur, Ps.- Padwa, Dist.- koraput, Odisha, Pin-764038 state that, I have changed my name from **Buruda Burudi** to **Brundabati Burudi**. Henceforth, I shall be known as **Brundabati Burudi** for all purposes.

Sd/- Brundabati Burudi

**AFFIDAVIT**

By virtue of an affidavit C.F. No. 28, dtd. 27.10.2025 before the Executive Magistrate, Bhubaneswar, I, Saraswati Sahoo, have changed my name from Saraswati Dash to Saraswati Sahoo. Henceforth I shall be known as Saraswati Sahoo for all purposes.

**Sd/- Saraswati Sahoo**

**THE ODISHA AGRO INDUSTRIES CORPORATION LIMITED**
**(A Government of Odisha Undertaking)**
**95, SATYA NAGAR, BHUBANESWAR -751 007.**

CAD-2108

**TENDER CALL NOTICE**

e-Tender quotation in conformity with technical specification, terms & conditions in bid documents are invited from manufacturers for **"Procurement of sprinkler irrigation system (Micro Irrigation System" for the FY 2025-26 to 2026-27**. For details, please visit website https://tendersodisha.gov.in. or https://odishaagro.nic.in/ from **dt 27.10.2025 to dt.21.11.2025 (5.00 pm.)**.

Sd/-
MANAGING DIRECTOR

OIPR-01047/11/0061/2526

**ନୋଟିସ୍**

(ଦେ.କା. ଆଇନ୍‌ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)

**ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ**

**ସିଭିଲ୍ ପ୍ରୋସିଡ଼ିଙ୍ଗ (Execution), କେଶ ନଂ. ୯/୨୦୨୩**

କଳ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଅ-ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)

... ଦରଖାସ୍ତକାରୀଣି

ବନାମ

ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ପ୍ଲଟ୍ ନଂ.-୨୬୪. ମିଳନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋରଧା, ପିନ୍-୭୫୧୦୨୧।
ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.-୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩

...ଅପରପକ୍ଷ

ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି। ଆପଣଙ୍କ ବିରୁଦ୍ଧରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ।

ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ। ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୁତ୍ରେ ବିଚାର କରାଯିବ।

ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତ ରେ ମୋର ମୁକ୍ତେ ଦିଆଗଲା।

ସ୍ୱା/- ବିଚାରପତି

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/07/2025, I Sri Krushna Gurumai, S/o- Sindhy Gurumai, Vill.- Hatimunda, PO.- Subai, Ps.- Similiguda, District- Koraput declare that, I have changed my name from **Kustha Gurumain** to **Krushna Gurumai**. Henceforth, I shall be known as **Krushna Gurumai** for all purposes.

Sd/- Krushna Gurumai

**AFFIDAVIT**

I Sunil Kumar Bhanja, S/o- Paresh Chandra Bhanja of village- Kasaba Kamarda /Po/Ps- Kamarda, Dist- Balasore, Odisha, declared by affidavit before Executive Magistrate, Bhograi No.5108/25 dtd-14/10/2025 that my son Ayush Kumar Bhanja's correct birth date is 04/01/2008 in birth certificate. that it unfortunately mentioned as 04/01/2007 in his educational certificate. Hence my son's actual & correct date of birth is as **04.01.2008** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 14/10/2025. I, Sorisa Nayak W/o Jayram Nayak, At- Baliberana, Po- Chadeyapalli, Ps-Chadeyapalli, Nayagarh, Odisha, Pin- 752089, declare that I have changed my owned name Surina Nayak to Sorisa Nayak. Henceforth, I shall be known as new name Sorisa Nayak for all purposes.

**Sd/- Sorisa Nayak**

**AFFIDAVIT**

By virtue of an affidavit sworn before Executive Magistrate Banapur on dated 23.10.2025, I Raja Kishore Rout resident village- Achyutrajpur, Po/Ps- Banapur, Dist- khordha, Odisha, PIN- 752031 declare that I have changed my name from Raj Kishore Rout to Raja Kishore Rout. Henceforth I shall be known as **RAJA KISHORE ROUT** for all purposes.

**Raja Kishore Rout**

**AFFIDAVIT**

By virtue of an affidavit, sworn before Executive Magistrate, Bhubaneswar dtd. 27.10.2025 I, **Pragnyasini Bej**, Address: At- Nuasasan, Po- Gopei, Ps- Kudanagari, Dist- Kendrapara, Pin- 754223, Odisha, declare that I have changed my name from **Pragyanswani Bej to Pragnyasini Bej.** Henceforth, I shall be known as **Pragnyasini Bej** (new name) for all purpose.

**Pragnyasini Bej**

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated- 27/10/2025. I, **Shree Gopal Samal**, S/o Vijay Kumar Samal, Address: Hakimpada, House No. 032, PO- Hakimpada, Near Old Bambo Office, Near Vijay Food Products, Angul, PIN- 759143, Odisha declare that I have changed my name from **Gopal Samal to Shree Gopal Samal.** Henceforth, I shall be known as **Shree Gopal Samal** (new name) for all purposes.

**Shree Gopal Samal**

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, bearing affidavit no.-1098, dated 27.10.2025 I, Bhajan Nayak, S/o- Late Jitendra Nayak, resident of Dhoba Sahi, Po./Ps./Dist.- Nabarangpur, Odisha, Pin- 764059 declare that, I have changed my son's name from **Akhyansri Nayak** to **Arashi Nayak**. Henceforth, she shall be known as **Arashi Nayak** for all future purposes.

Sd/- Bhajan Nayak

**AFFIDAVIT**

I, Manju Agarwalla, aged about 55 years, W/o- Sunil Kumar Agrawal, resident of Hemgir, Po- Hemgir, Ps- Hemgiri, Dist- Sundergarh, Odisha, PIN- 770013 declare by this affidavit No. 2191, dtd. 27/10/2025, that now onwards I shall be known as **MANJU AGRAWAL** for all future purposes.

**OFFICE OF THE PRINCIPAL-CUM-SECRETARY**
**MAA MARKAMA +3 COLLEGE, BISSAM CUTTACK, DIST: RAYAGADA.**
mmdegreecollege@gmail.com

**CORRIGENDUM**
**WALK-IN-INTERVIEW**

In pursuance to the advertisement published in Page No – 09 dated- 18.10.2025 the revised scheduled time of interview is as follows.

| Sl. No | Name of the Post | No of Post | Previous Date & Time | Age | Revise Date and Time |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Peon (ST Category) | 01 | 02.11.2025 11 A.M. | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | 09.11.2025 11 A.M. | As per Govt. norms | 11.11.2025 11 A.M. |

-sd-
Principal-cum-Secretary
Maa Markama +3 College, Bissamcuttack
https://mmplus3college.in/

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: **www.birdgroup.co.in**

**NOTICE OF 98TH ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 98th Annual General Meeting of Eastern Investments Limited through video conferencing/ other audio visual means.

In this regards Notice is hereby given that the 98th Annual General Meeting (AGM) of Eastern Investments Limited (the 'Company') will be held on Tuesday, 18th November, 2025 at 12:30 p.m. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 98th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. **www.birdgroup.co.in** websites of stock exchanges i.e. **www.cse-india.com** and on the website of NSDL at **www.evoting.nsdl.com**.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 98th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: **rta@cbmsl.com**. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. **www.evoting.nsdl.com** or refer to the instructions as mentioned in the Notice of 98th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 98th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 98th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: **omdc.sec.dept@gmail.com**.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

# ବିଭିନ୍ନ ସ୍ଥାନରେ ସ୍ନେହାଙ୍ଗିନୀଙ୍କ ମାରାଥନ ପ୍ରଚାର




ନୂଆପଡ଼ା, ୨୭ ।୧୦(ସମିସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଡଡ଼ା ସମେତ ରାଜ୍ୟ ସାମଗ୍ରୀକ ବିକାଶ କରିଛନ୍ତି। ସେ ଆମ ରାଜ୍ୟର ବିକାଶ ପୁରୁଷ। ତାଙ୍କ ନେତୃତ୍ୱରେ ଏଠାରେ ସ୍ୱର୍ଗତ ରାଜୁ ଭାଇ ମଧ ବିକାଶର ମଞ୍ଜି ବୁଣି ଯାଇଛନ୍ତି। ଏଦୁହିଁଙ୍କୁ ଲୋକେ ଭଲ ପାଆନ୍ତି। ତାଙ୍କ ନାଁ ରେ ଭୋଟ ରହିଛି। ଲୋକଙ୍କ ଭଲ ପାଇବା ମୋତେ ଟାଣି ରଖିଛି ବୋଲି ବିଜେଡି ବିଧାୟିକା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ରାଜନୈତିକ ସଭାରେ କହିଛନ୍ତି। ସୋମବାର ଜିଲ୍ଲାର ନୂଆପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲି ମାରାଥନ ପ୍ରଚାର କରିଛନ୍ତି।ଏମିତିକି ଚାଲି ଚାଲି ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ଆଜି କୋମନା ବ୍ଲକର ଜିଲ୍ଲା ପରିଷଦ ଜୋନ ୨ଏବଂ ୫ରେ ପ୍ରଚାର କରିଥିଲେ। ପ୍ରଥମେ ଜଡ଼ାମୁଣ୍ଡାରୁ ପ୍ରଚାର ଶୁଭ ଦେଇଥିଲେ। ସେଠାରୁ ଇଚ୍ଛାପୁର, ଠୋଙ୍ଗୋ, କୁମୁଟିମୁଣ୍ଡା, ଖଇରଭାଡି, ଜନ୍ଦ୍ରାମୁଣ୍ଡା, ଖରସେଲ ପଡ଼ା ଦେଇ ରାତି ସାଢେ ୮ଟା ବେଳେ ଛତ୍ରିଆ ପଡ଼ାରେ ପହଁଚି ପ୍ରଚାର କରିଥିଲେ। ଏହି ସମୟରେ ପ୍ରତ୍ୟେକ ପରିବାରର ସଦସ୍ୟମାନଙ୍କୁ ଭେଟି ନବୀନଙ୍କ ବାର୍ତ୍ତା ଦେଇଥିଲେ। ବିକାଶର ଖମ୍ବକୁ ମଜବୁତ ରଖିବାକୁ କହିଥିଲେ। ବିଜେଡିକୁ ଭୋଟ ଦେଇ ଏକ ସୁରକ୍ଷିତ ଗଣ ତନ୍ତ୍ର ବ୍ୟବସ୍ଥା ଛିଡା କରିବାକୁ ଆହ୍ୱାନ ଦେଇଥିଲେ। ତାଙ୍କ ସହ ସମସ୍ତ ଦଳୀୟ ମୁଖ୍ୟ ସାମିଲ ଥିଲେ।

**ନବୀନ ଓ ରାଜୁ ଭାଇଙ୍କୁ ଲୋକେ ଭଲ ପାଆନ୍ତି**






# ଖଇରାନି ପଞ୍ଚାୟତରେ ସାଧାରଣ ସଭା



**ନୂଆପଡ଼ା, ୨୭ ।୧୦(ସମିସ):** ବିଜୁ ଜନତା ଦଳ ପକ୍ଷରୁ ଖଇରାନି ପଞ୍ଚାୟତରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ସଂଖ୍ୟାରେ ମହିଳା, ଚାଷୀ, ଶ୍ରମିକ, କେନ୍ଦୁପତ୍ର ତୋଳାଳି, ଯୁବଛାତ୍ର ଯୋଗଦାନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆପଡ଼ାର ବିକାଶରେ ଅନେକ ଭୂମିକା ଥିବାବେଳେ ବିଶେଷ ଭାବରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଜଳସେଚନ ଦିଗରେ ଅନେକ ଭୂମିକା ରହିଛି।ବିଭିନ୍ନ ଜନକଲ୍ୟାଣ ଯୋଜନା ଯେଉଁ ଥିରେ ନୂଆପଡ଼ାବାସୀ ଲାଭବାନ ହେଉଥିଲେ ଓଡ଼ିଶାରେ ନୂତନ ସରକାର ଗଠନ ହେବା ପରେ ଆଜି ଅନେକ ଯୋଜନା ବନ୍ଦ ହେବା ଓ ସାଧାରଣଜନତା ବଞ୍ଚିତ ହେବା ଯୋଗୁଁ ବର୍ତ୍ତମାନ ନୂଆଁ ପଡ଼ାରେ ବର୍ତ୍ତମାନ ସରକାର ପ୍ରତି ଥିବା ଅସନ୍ତୋଷ ବିଜେଡିକୁ ବିଜୟୀ କରିବ ବୋଲି ବକ୍ତା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ରମେଶ ମାଝି, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଭାନୁ ପ୍ରତାପ ମାଝି, ମାୟାଧର ରଣା, ଭୂପେନ୍ଦ୍ର ନାୟକ ପ୍ରମୁଖ ଯୋଗଦାନ କରି ନୂଆପଡ଼ା ଉପ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୟ କରିବା ଆହ୍ୱାନ କରିଛନ୍ତି।



## ବିଜେଡି କର୍ମୀଙ୍କ ମାରାଥନ ସଭା

# ବିଜେଡି ପ୍ରତି ବଢୁଛି ଭୋଟରଙ୍କ ସମର୍ଥନ

**ନୂଆପଡ଼ା, ୨୭ ।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ସଂଗଠନକୁ ମଜବୁତ କରିବା ଉଦ୍ଦେଶ୍ୟରେ ନୂଆପଡ଼ା ବ୍ଲକର ଚୁଲାଭାଟ, ମୋଟାନୂଆପଡ଼ା ପଞ୍ଚାୟତ ଧ୍ୱଜାଭଟା ଗ୍ରାମ ଓ ଖୁତବେନ ଭେରା ପଞ୍ଚାୟତ ଖୁଟବନଭେରା ପଞ୍ଚାୟତରେ କର୍ମୀ ସମ୍ମିଳନୀମାନ ଆୟୋଜିତ ହୋଇଯାଇଛି।ସମ୍ମିଳନୀରେ ଶତାଧିକ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ହୋଇ ବିଜେଡ଼ି ପ୍ରତି ନିଜର ସମର୍ଥନ ଓ ଆସ୍ଥା ଜଣାଇଛନ୍ତି। ସଭାକୁ ସମ୍ବୋଧନ କରି ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଯୁବ ବିଜେଡ଼ି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ବିଜେଡ଼ି ପର୍ଥିନୀକୁ ବହୁ ଭୋଟରେ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ। ନୂଆପଡ଼ାର ଉନ୍ନତି ଓ ବିକାଶ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରା ଓ ଲୋକଙ୍କ ପାଇଁ କରିଥିବା ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଓ ବର୍ତ୍ତମାନର ବିଜେପି ସରକାରଙ୍କ ଅବହେଳା, ପ୍ରତାରଣାକୁ ନେଇ କର୍ମୀମାନେ ସାଧାରଣ ଜନତା ପାଖକୁ ପହଞ୍ଚିବା ପାଇଁ ଆହ୍ୱାନ କରାଯାଇଥିଲା।



**THE BISRA STONE LIME COMPANY LIMITED**
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: omdc.sec.dept@gmail.com

**NOTICE OF 114 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 114th Annual General Meeting of The Bisra Stone Lime Company Limited through video conferencing/ other audio visual means.

In this regards Notice is hereby given that the 114th Annual General Meeting (AGM) of The Bisra Stone Lime Company Limited (the 'Company') will be held on Tuesday, 18th November, 2025 at 12:00 Noon IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 114th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.cse-india.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 114th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 114th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 114th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 114th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

# ୧୩ ନମ୍ବର ୱାର୍ଡରେ ପ୍ରଶାନ୍ତ ସେଠୀଙ୍କ ପ୍ରଚାର

**ନୂଆପଡ଼ା, ୨୭ ।୧୦(ସମିସ):** ଉପନିର୍ବାଚନ ଯେତିକି ପାଖେଇ ଆସୁଛି ସମସ୍ତଙ୍କ ଉତ୍କଣ୍ଠା ସେତିକି ବଢ଼ିବାରେ ଲାଗିଛି। ବିଧାୟକଙ୍କୁ ବିଭିନ୍ନ ଅଞ୍ଚଳର ଦାୟିତ୍ୱ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବଣ୍ଟନ କରିଛନ୍ତି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ନୂଆପଡ଼ା ଏନ୍ଏସି ଦାୟିତ୍ୱ ମିଳିଥିବା ବେଳେ ତାଙ୍କ ପ୍ରତିନିଧି ପ୍ରଶାନ୍ତ ସେଠୀ ପୁରାଦମରେ ସେହ୍ନାଙ୍ଗିନୀ ଛୁରିଆଙ୍କୁ ବିଜୟ ପାଇଁ ଅଣ୍ଟା ଭିଡିଛନ୍ତି। ପ୍ରଶାନ୍ତ ମା'ଭଉଣୀ ଓ କାଉନସିଲରଙ୍କୁ ସାଙ୍ଗରେ ଧରି ୧୩ ନମ୍ବର ୱାର୍ଡର ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ପୁସିଂକାର୍ଡ ଦେଇ ବିଜେଡି ସରକାରର ସଫଳତା ଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ବାବଦରେ ପ୍ରତି ପରିବାରକୁ ବୁଝାଉଛନ୍ତି।ବିଜୁ ଜନତା ଦଳ ଲୋକ ଙ୍କ ଦଳ ତେଣୁ ସମସ୍ତେ ଦଳ ଉପରେ ବିଶ୍ୱାସ ରଖି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରୁଛନ୍ତି।




## ଶବର ସମାଜ ପକ୍ଷରୁ ଚନାବେଡ଼ାରେ ବିଶାଳ ସଭା

# ବିଜେପି ସରକାର ଏସ୍‌ଟି-ଏସ୍‌ସି ସମାଜ ପ୍ରତି ଅତ୍ୟାଚାର କରୁଛି

**ନୂଆପଡ଼ା, ୨୭ ।୧୦(ସମିସ):** ନୂଆପଡ଼ା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଶବର ସମାଜ ପକ୍ଷରୁ ସୋମବାର ଚନାବେଡାରେ ବିଶାଳ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶବର ସମ୍ପ୍ରଦାୟ ବିଜୁ ଜନତା ଦଳ ପକ୍ଷରେ ସଂଘବଦ୍ଧ ଭୋଟ ଦେବାର ସଙ୍କଳ୍ପ କରିଥିଲେ। ସଭାକୁ ସମ୍ବୋଧିତ କରି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି କହିଲେ ଯେ, ୨୫ ବର୍ଷ ଧରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୋଣ ଓ ନେତୃତ୍ୱରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ଆଦିବାସୀ ସଂସ୍କୃତି ସୁରକ୍ଷା, କୌଶଳ ବିକାଶ ଓ ସାମାଜିକ ସଶକ୍ତିକରଣ ମାମଲାରେ ଐତିହାସିକ ଉନ୍ନୟନ ହୋଇଛି। କିନ୍ତୁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଏସଟି ଏସସି ମାନଙ୍କ ପାଇଁ ଥିବା ବହୁ ଯୋଜନା, ଛାତ୍ରବୃତ୍ତି ଓ ଆର୍ଥିକ ସହାୟତା ବନ୍ଦ କରି ଦେଇଛି, ଯାହାର ପ୍ରଭାବରେ ଆଦିବାସୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଆଦିବାସୀ ସମାଜର ଭବିଷ୍ୟତ ଓ ଅଧିକାରକୁ ସୁରକ୍ଷିତ କରିଥିବା ନେତୃତ୍ୱ ହେଉଛନ୍ତି ନବୀନ ପଟ୍ଟନାୟକ।ସଭାରେ ପ୍ରମୁଖ ଆଦିବାସୀ ନେତା ଦିରେଶ ଶବର ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ସାଲେପୁର ବିଧାୟକ ପ୍ରସାନ୍ତ ବେହେରା, ଆଦିବାସୀ ନେତା ତେଜରାଜ ଶବର, ଗୋଣ୍ଡ ସମାଜ ନେତା ଛକନ ମାଝି ଓ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ। ସାଲେହା, ଚାନାବେଡା ଇତ୍ୟାଦି ଅଞ୍ଚଳର ଶତାଧିକ ଜନଜାତିଆ ଭାଇଭଉଣୀ ସଭାରେ ଯୋଗଦେଇ ବିଜେଡିର ପକ୍ଷରେ ବିଜୟ ନିଶ୍ଚିତ କରିବାର ସଂକଳ୍ପ ନେଇଛନ୍ତି।



## ପ୍ରଭାତୀଙ୍କୁ କଡ଼ା ଜବାବ ଦେଲେ ବର୍ଷା ସିଂ ବରିହା

# ଭଣଜା, ଭାଣିଜୀଙ୍କୁ ଅସମ୍ମାନ କରୁଥିବା ମାମୁଁ-ମାଇଁ କାହାକୁ ନ ମିଳନ୍ତୁ

ନୂଆପଡ଼ା, ୨୭ ।୧୦(ସମିସ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଡ଼ିଶାର ଇତିହାସ, ସଂସ୍କୃତି ଓ ପରମ୍ପରା ଜାଣିନାହାନ୍ତି।ମାରାଗୁଡ଼ା ଯେଉଁଠିକି ନୂଆପଡ଼ା ଜିଲ୍ଲା ଗଢି ଉଠିଛି ତାରି ଇତିହାସରେ ଭଣଜା, ଭାଣିଜୀଙ୍କୁ ଈଶ୍ୱର ସମାନ ବିବେଚନା କରାଯାଏ। ତାଙ୍କ ପାଦ ଧୋଇ ତାକୁ ପାଦୁକା ଭାବେ ପିଆଯାଏ। କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ମା' କିମ୍ବା ଭଣଜା, ଭାଣିଜୀଙ୍କୁ କେହି ପର ବୋଲି ବିବେଚନା କରିନଥାନ୍ତି।ଭଣଜା, ଭାଣିଜୀଙ୍କୁ ପର ବୋଲି କହିବା କେଉଁଠିକାର ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଛନ୍ତି ପଦମପୁର ବିଜେଡି ବିଧାୟିକା ବର୍ଷା ସିଂ ବରିହା। ନୂଆପଡ଼ା ହେଉଛି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ମାମୁଁ ଘର।ଏଠି ତାଙ୍କୁ ବହୁତ ସ୍ନେହ, ଆଦର ଓ ସମ୍ମାନ ମିଳୁଛି। ନୂଆପଡ଼ାବାସୀ ନିଶ୍ଚିତ ଭାବେ ତାଙ୍କୁ ବହୁଳ ଭୋଟରେ ବିଜୟୀ କରାଇବେ ବୋଲି ସେ ଦୃଢ଼ତାର ସହ କହିଛନ୍ତି।ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ 'ବାପ ଘର ପର, ମାମୁଁ ଘର ସାତ ପର' ମନ୍ତବ୍ୟକୁ କଡ଼ା ଜବାବ ଦେଇ ବରିହା କହିଛନ୍ତି ଯେ, ଯଦି ପ୍ରକୃତରେ କୌଣସି ସ୍ଥାନର ଉନ୍ନତି କରିବାକୁ ଚାହୁଁଛ ତା ହେଲେ ସେହି ସ୍ଥାନର ଇତିହାସକୁ ଭଲ ଭାବେ ଜାଣି ରଖିବା ଆବଶ୍ୟକ। କିନ୍ତୁ ଉପମୁଖ୍ୟମନ୍ତ୍ରୀଙ୍କ କଥାରୁ ଜଣାପଡୁଛି ଏଠାକାର ପରମ୍ପରା, ଇତିହାସ, ସଂସ୍କୃତି ସମ୍ପର୍କରେ ତାଙ୍କର ସାମାନ୍ୟତମ ଜ୍ଞାନ ନାହିଁ। ଘରେ ଘରେ ଭଣଜା, ଭାଣିଜୀଙ୍କୁ ସବୁଠାରୁ ଅଧିକ ସ୍ନେହ ଶ୍ରଦ୍ଧା ମିଳିଥାଏ। ପିଲା ବେଳେ ଛୁଟି ହେଲେ ସବୁ ପିଲା ପ୍ରଥମେ ନିଜ ମାମୁଁ ଘରକୁ ହିଁ ଆସିଥାନ୍ତି। କାରଣ ମାମୁଁ ଘରର ସ୍ଥାନ ଆଉ କେହି ନେଇପାରିବ ନାହିଁ। ଆମେ ପଛେ ଭୋକିଲା ରହିଯାଉ, କିନ୍ତୁ ଭଣଜା, ଭାଣିଜୀଙ୍କୁ ପ୍ରଥମେ ଖାଇବା ପାଇଁ ଦେଇଥାଉ। ଏହା ଆମ ସଂସ୍କୃତି, ଆମ ଚଳଣି। ମା' ଓ ଭଣଜା, ଭାଣିଜୀଙ୍କୁ ଏପରି ଅସମ୍ମାନ କରିପାରୁଥିବା ମାମୁଁ, ମାଇଁ ଈଶ୍ୱର କାହାକୁ ନ ଦିଅନ୍ତୁ।ଏହା ଶ୍ରୀମତୀ ପରିଡଡାଙ୍କର ପରମ୍ପରା, ସଂସ୍କୃତି ହୋଇପାରେ, କିନ୍ତୁ ଏଠାକାର ଲୋକେ ଏପରି ମନ୍ତବ୍ୟକୁ କେବେ ଗ୍ରହଣ କରିବେ ନାହିଁ। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ମନ୍ତବ୍ୟ। ବରିହା ଆହୁରି କହିଥିଲେ ଯେ, ଓଡିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ସରକାରଙ୍କୁ ମୁଁ ପଚାରିବାକୁ ଚାହୁଁଛି, ମା'ମାନଙ୍କୁ ନେଇ ସୁଭଦ୍ରା ସମାବେଶ କରୁଛନ୍ତି। କିନ୍ତୁ ସୁଭଦ୍ରାରୁ ବଞ୍ଚିତ କେତେ ଜଣ ମା'ମାନଙ୍କ ଦୁଃଖ ଶୁଣିଛନ୍ତି? ଟଙ୍କା ମିଳି ନଥିବାରୁ ଶ୍ରୀମତୀ ପରିଡ଼ାଙ୍କ ପାଖକୁ ଗୁହାରି ଜଣାଇବା ପାଇଁ ଯାଉଥିବା ମା'ମାନଙ୍କୁ ଅସମ୍ମାନ କରାଯାଉଛି। ଯେଉଁ ସୁଭଦ୍ରା ନାମରେ ଭୋଟ ମାଗିଲେ, ଏବେ ସେହିମାନଙ୍କୁ ନିଜ ପାଖରେ ପୁରାଉ ନାହାନ୍ତି।ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦେବେ ବୋଲି କହିଲେ, କ୍ଷମତାକୁ ଆସିବା ପରେ ୫ ବର୍ଷରେ ଦେବା କଥା କହୁଛନ୍ତି। ସୁଭଦ୍ରା ଟଙ୍କା ଦେବା ପାଇଁ ମା'ମାନଙ୍କୁ ପୋଷ୍ଟ ଅଫିସ୍ ଆଗରେ ଧାଡ଼ିରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଛିଡ଼ା କଲେ, ଏହା କ'ଣ ଓଡ଼ିଆ ଅସ୍ମିତା ବୋଲି ଶ୍ରୀମତୀ ବରିହା ପଚାରିଛନ୍ତି।ଡବଲ ଇଞ୍ଜିନ ସରକାରରେ କେବଳ ମା'ମାନଙ୍କୁ ନୁହେଁ, ଚାଷୀମାନେ ଆଜି ରାଜରାସ୍ତାରେ ବସିଛନ୍ତି। ଆଗାମୀ ଉପନିର୍ବାଚନରେ ନୂଆପଡ଼ାବାସୀ ଏହାର ଉଚିତ ଜବାବ ଦେବେ।



**ସୁଭଦ୍ରା ମା'ମାନଙ୍କ ଦୁଃଖ ନ ଶୁଣିବା କେଉଁଠିକାର ଅସ୍ମିତା?**

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଞ୍ଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଦ୍ଧି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆର୍ଥିକ ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କ ଉପରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ଆଶାନୁରୂପ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜଭୁତ ହେବ। ଠିକାଦାରିଶିଳାରେ ଲାଭ ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଚରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୧- ବଙ୍ଗଳାରେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୮୬୭- ଭଗିନୀ ନିବେଦିତାଙ୍କ ଜନ୍ମ।
- ୧୮୯୧- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୭୩୦୦ ଲୋକଙ୍କ ମୃତ୍ୟୁ।
- ୧୯୪୦- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଟାଲୀ ଗ୍ରୀସ୍ ଉପରେ ଆକ୍ରମଣ କଲା।
- ୨୦୦୯- ପାକିସ୍ତାନର ପେଶୱାର ସହରରେ ହୋଇଥିବା ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୧୭ ଲୋକଙ୍କ ମୃତ ଓ ୨୦୦ରୁ ଅଧିକ ଆହତ।

## ବାରମ୍ବାର ଖାଦ୍ୟ ଗରମ
# ବଢ଼ାଏ କର୍କଟ ଆଶଙ୍କା



ଗରମ ଗରମ ଖାଦ୍ୟ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ଏହି କାରଣରୁ ଅନେକ ଖାଦ୍ୟ ଥଣ୍ଡା ହୋଇଗଲା ପରେ ବି ଗରମ କରି ଖାଆନ୍ତି। ହେଲେ ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ବିଶେଷଜ୍ଞମାନେ ମତ ରଖୁଛନ୍ତି। ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ଦ୍ୱାରା ପୋଷକତତ୍ତ୍ୱ ନଷ୍ଟ ହୋଇଥିବା ସହ ଏହା ବିଷାକ୍ତ ହୋଇଯାଇଥାଏ। ଏହି ଅଭ୍ୟାସ କେବଳ ପାଚନତନ୍ତ୍ର ଉପରେ ପ୍ରଭାବ ପକାଏ ତାହା ନୁହେଁ, ବରଂ ଶରୀରରେ ବିଷାକ୍ତ ପଦାର୍ଥ ଜମା କରି ଗମ୍ଭୀର ରୋଗର କାରଣ ସାଜେ। ଆୟୁର୍ବେଦ ଅନୁସାରେ, ବାରମ୍ବାର ଗରମ କରାଯାଉଥିବା ଖାଦ୍ୟ ଖାଇଲେ ଶରୀରକୁ ଶକ୍ତି ମିଳେନାହିଁ। ଏଭଳି ଖାଦ୍ୟ ଭଲ ଭାବେ ହଜମ ମଧ୍ୟ ହୋଇ ନ ଥାଏ। ଶରୀରକୁ ଧୀରେ ଧୀରେ ଦୁର୍ବଳ କରିବା ସହ ଏହା ରୋଗ ମଧ୍ୟ ବଢ଼ାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ରନ୍ଧା ଖାଦ୍ୟକୁ ଆଉଥରେ ଗରମ କରିବା ସମୟରେ ଏହାର ତାପମାତ୍ରା ପାଖାପାଖି ୭୦ ଡିଗ୍ରୀ ସେଲିସିୟସ୍ ଥିବା ଦରକାର, ଯଦ୍ୱାରା ଏଥିରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ। ତେବେ ଖାଦ୍ୟକୁ ମାତ୍ର ଥରେ ଗରମ କରିବା ଆବଶ୍ୟକ। ବାରମ୍ବାର ଖାଦ୍ୟ ଗରମ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ନଷ୍ଟ ହେବା ସହ କିଛି ଖାଦ୍ୟ ପଦାର୍ଥରେ କର୍କଟକାରକ ରସାୟନ ସୃଷ୍ଟି ହୋଇଥାଏ। ଅଣ୍ଡା ଓ ଚିକେନ୍‌କୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ପ୍ରୋଟିନ୍ ସନ୍ତୁଳନ ବିଗିଡ଼ିଯାଏ, ଫଳରେ ଏହା ହଜମ ହେବା କଷ୍ଟକର ହୋଇ ପଡ଼େ। ସେହିଭଳି ରନ୍ଧା ଯାଇଥିବା ଭାତ ଓ ପାସ୍ତାରେ ଜୀବାଣୁ ସୃଷ୍ଟି ହୋଇଥାନ୍ତି। ଏହାକୁ ଦ୍ୱିତୀୟ ଥର ଗରମ କରିଲେ ବି ଏଥିରେ ଥିବା ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଏଥିଯୋଗୁଁ ଫୁଡ୍ ପଏଜନିଂ ହେବା ଆଶଙ୍କା ବୃଦ୍ଧି ପାଏ। ଆଳୁ, ବ୍ରେଡ୍, ଛଣାଛଣି ଖାଦ୍ୟଗୁଡ଼ିକୁ ଗରମ କରିବା ଦ୍ୱାରା ଏକ୍ରିଲାମାଇଡ୍ ନାମକ ରସାୟନ ସୃଷ୍ଟି ହୋଇଥାଏ, ଯାହା କାର୍ସିନୋଜେନିକ ରସାୟନ ଅଟେ। ଏଭଳି ଖାଦ୍ୟ ଦୀର୍ଘଦିନ ଧରି ସେବନ କରିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଯାଏ। ସବୁବେଳେ ତାଜା ଓ ସୀମିତ ମାତ୍ରାରେ ଖାଦ୍ୟ ପ୍ରସ୍ତୁତ ପାଇଁ ଉଭୟ ଆୟୁର୍ବେଦ ଓ ବିଜ୍ଞାନରେ ପରାମର୍ଶ ଦିଆଯାଇଛି।

## ୧୨ ଡିସେମ୍ବରରେ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'



କମେଡି କିଙ୍ଗ କପିଲ ଶର୍ମାଙ୍କ ଫିଲ୍ମ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'ର ରିଲିଜ୍ ଡେଟ୍ ଘୋଷଣା ହୋଇଛି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ କପିଲଙ୍କ ପତ୍ନୀ ଭୂମିକାରେ ଦେଖାଯାଇଥିବା ଚାରିଜଣ ହିରୋଇନ୍‌ଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି। ୨୦୧୫ରେ ଆସିଥିବା କପିଲଙ୍କ ଫିଲ୍ମ 'କିସ୍ କିସ୍ କୋ ପ୍ୟାର କରୁଁ' ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏବେ ୧୦ ବର୍ଷ ପରେ ଏହାର ସିକ୍ୱେଲ ଆସିବ। କିଛି ଦିନ ପୂର୍ବରୁ ଫିଲ୍ମ ନିର୍ମାତା ଏହାର ପୋଷ୍ଟର୍ ଜାରି କରିଥିଲେ। ଆଉ ଏବେ କପିଲ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ମୋସନ୍ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ପୋଷ୍ଟରରେ ଚାରିଜଣ କନିଆଁ ତାଙ୍କୁ ପାଲିଙ୍କିରେ ଉଠାଇଥିବାର ଦେଖାଯାଇଛନ୍ତି। ଏହା ଡିସେମ୍ବର ୧୨ରେ ପରଦାକୁ ଆସିବ। ଫିଲ୍ମରେ କପିଲଙ୍କ ସହ 'ଫୁକ୍ରେ' ଫେମ୍ ମନଜୋତ ସିଂହ, ଆଏଶା ଖାନ, ହୀରା ବରିନା, ପାରୁଲ ଗୁଲାଟି, ତ୍ରିଧା ଚୌଧୁରୀ ନଜର ଆସିବେ। ଏଥିରେ କପିଲ ବିଭିନ୍ନ ଧର୍ମର ଚାରିଜଣ ମହିଳାଙ୍କୁ ବିବାହ କରିଥିବାର ଦେଖାଯିବେ।

## ପ୍ରତି ୫ ଗ୍ରାମ ପ୍ଲାଷ୍ଟିକ ଖାଉଛନ୍ତି ପ୍ରତି ସପ୍ତାହେ ମଣିଷ

ବର୍ତ୍ତମାନ ପରିବେଶ ଲାଗି ପ୍ଲାଷ୍ଟିକ୍ ଏକ ବଡ଼ ସମସ୍ୟା ପାଲଟିଛି। ୱାଲ୍ଡ ୱାଇଡ୍ ଫର୍ ନେଚର୍‌ର ରିପୋର୍ଟ ଅନୁସାରେ, ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ୫ ଗ୍ରାମ୍ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ଖାଇଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ଏକ କ୍ରେଡିଟ୍ କାର୍ଡ ଆକୃତିର ପ୍ଲାଷ୍ଟିକ୍ ଖାଇଥାଏ। ଅନ୍ୟପଟେ ପ୍ଲାଷ୍ଟିକ୍ କଣିକା କେତେବେଳେ ପାଣିବୋତଲରେ ତ ଆଉ କେତେବେଳେ ଏହା ପ୍ରଦୂଷିତ ବାୟୁରେ ମିଳିଥାଏ। ସେହିପରି ଏକ ରିପୋର୍ଟ ଅନୁସାରେ, ପ୍ରତି ମାସରେ ଆମ ଶରୀରରେ ୨୦ ଗ୍ରାମ୍ ପ୍ଲାଷ୍ଟିକ୍ ଏବଂ ବର୍ଷକରେ ୨୫୦ ଗ୍ରାମ୍ ପ୍ଲାଷ୍ଟିକ୍ ଜମା ହୁଏ। ଫଳରେ ସମୟ ସହିତ ଏବଂ ଟେକ୍ନୋଲୋଜିର ବିକାଶ ଘଟିବାରୁ ଏହାର ପରିମାଣ ବି ଦିନକୁ ଦିନ ବୃଦ୍ଧି ପାଉଛି। ଏହା ଯୋଗୁଁ କେବଳ ସ୍ୱାସ୍ଥ୍ୟ ଖରାପ ହୁଏ ତାହା ନୁହେଁ, ବରଂ କର୍କଟ ଭଳି ମାରାତ୍ମକ ରୋଗ ହେବା ଆଶଙ୍କା ବୃଦ୍ଧି ପାଏ। ଯଦି ପ୍ଲାଷ୍ଟିକ୍ ପରିବେଶ ବା ମାଟିରେ ବିଘଟନ ହେଉ ନାହିଁ, ତେବେ ଶରୀରରେ ଏହା କିଭଳି ବିଘଟନ ହେବ ସେକଥା ଚିନ୍ତା କରିବା ଦରକାର। ତେଣୁ ମାରାତ୍ମକ ରସାୟନ ଏବଂ ପାର୍ଟିକଲରେ ତିଆରି ପ୍ଲାଷ୍ଟିକ୍ କେଉଁ ଭଳି ଭାବେ କ୍ଷତି ପହଞ୍ଚାଇପାରେ ଏଥିରୁ ଅନୁମାନ କରି ହେଉଛି। ଏହାବାଦ୍ ପ୍ଲାଷ୍ଟିକ୍‌ରେ ସୀସା ଏବଂ ଆର୍ସେନିକର ବ୍ୟବହାର ହୁଏ। ଯାହାକି ଅତ୍ୟନ୍ତ ବିଷାକ୍ତ। ରକ୍ତହୀନତା, ଲିମ୍ଫୋମା, ମସ୍ତିଷ୍କ କର୍କଟ, ସ୍ତନ କର୍କଟ ଭଳି ଅନ୍ୟାନ୍ୟ ବଡ଼ ବଡ଼ ରୋଗ ପ୍ଲାଷ୍ଟିକ୍ ଯୋଗୁଁ ହୋଇପାରେ। ଅନ୍ୟପଟେ ଏହି ରୋଗ ମଣିଷ ଶରୀରକୁ ପୂରା ଖରାପ କରିପାରେ। ଏପରିକି ଏହା ଯୋଗୁଁ ଜୀବନ ଯିବା ଆଶଙ୍କା ଅଛି।



# ସୁବର୍ଣ୍ଣ



## ଆଳୁଲଗା ଯନ୍ତ୍ର

ଆମ ରାଜ୍ୟରେ ହାତଗଣତି ଚାଷୀ ଆଳୁ ଚାଷ କରନ୍ତି। ଅଧିକ ଉର୍ବରଯୁକ୍ତ ମାଟିରେ ଆଳୁ ଚାଷ ଭଲ ହୋଇଥାଏ। ଆଳୁ ଚାଷ ମୁଖ୍ୟତଃ ରବିଋତୁରେ ହୋଇଥାଏ। ଚାଷୀମାନେ ପାରମ୍ପରିକ ପ୍ରଣାଳୀରେ ମାଟି ପ୍ରସ୍ତୁତଠୁ ନେଇ ବିହନ ଲଗାଇଥାନ୍ତି। ଏକର ଜମିରେ ଆଳୁ ଲଗାଇବାକୁ ୪ରୁ ୫ ଜଣ ଲୋକ ନିୟୋଜିତ ହୋଇଥାନ୍ତି। ଏଥିପାଇଁ ଘଣ୍ଟା ଘଣ୍ଟା ସମୟ ଲାଗେ। ଖର୍ଚ୍ଚ ବଢ଼େ। ହେଲେ ଏବେ ବଜାରରେ ଏକ ଅତ୍ୟାଧୁନିକ ମେସିନ୍ ଉପଲବ୍ଧ ରହିଛି। ଯେଉଁଥିରେ ଆଳୁ ବିହନ ଲଗାଇବା ସହଜ ହେବ। ପଟାଟୋ ପ୍ଲାଣ୍ଟର ନାମକ ଏହି ମେସିନ୍‌ଟି କିଛି ଘଣ୍ଟାରେ ଆଳୁ ବିହନ ଲଗାଇଥାଏ। ଯନ୍ତ୍ରଟି ଏକର ଜମିରେ ମାତ୍ର ୨୦ରୁ ୩୦ ମିନିଟ୍‌ରେ ବିହନ ବୁଣିପାରେ। ଏହି ଯନ୍ତ୍ର ବିହନ ଲଗାଇବା ସହ ସଠିକ୍ ଦୂରତ୍ୱରେ ବିହନ ପୋତିଥାଏ। ଖତ ଏବଂ ମାଟି ପ୍ରୟୋଗ କରିବାରେ ସକ୍ଷମ ହୁଏ। ଏହି ଯନ୍ତ୍ରଟି ଟ୍ରାକ୍ଟର ସାହାଯ୍ୟରେ ଚାଲିଥାଏ। ଆଳୁ ଲଗାଯନ୍ତ୍ରରେ ଆଳୁ ବିହନକୁ ଟାଙ୍କିରେ ରଖିବାକୁ ହୁଏ। ତଳପାର୍ଶ୍ୱରୁ ଗୋଟିଏ ଗୋଟିଏ ଗଜାକୁ ସଠିକ୍ ଦୂରତ୍ୱରେ ପକାଇବାକୁ ଯନ୍ତ୍ରଟି ଗାତ ଖୋଳିଥାଏ। ଏଥିପାଇଁ ଯନ୍ତ୍ରରେ ବ୍ଲେଡ ରହିଛି। ତେବେ ଯନ୍ତ୍ରଟି ଖତ ପ୍ରୟୋଗ କରୁପାରୁ ଥିବାରୁ ଫସଲ ସମାନ ଭାବେ ବଢ଼ିଥାଏ।



## ଅର୍ଥନୈତିକ ବିକାଶ ପଥେ
# ଆଖଣ୍ଡଳମଣି ଏଫ୍‌ପିଓ

**କୃଷକଙ୍କ ଆୟ ବୃଦ୍ଧି, ବଜାର ପ୍ରବେଶକୁ ସୁଦୃଢ଼, ସାମୂହିକ କାର୍ଯ୍ୟ ମାଧ୍ୟମରେ ସଶକ୍ତ କରିବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ପଥ ଦେବାର ଅନନ୍ୟ ଭୂମିକା ତୁଲାଉଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଆଖଣ୍ଡଳମଣି କୃଷକ ଉତ୍ପାଦକ ସଂଗଠନ। ୫୦୦ ଜଣ ସଦସ୍ୟଙ୍କୁ ନେଇ ୨୦୨୧ ମସିହାରେ ଏହି କୃଷକ ସଂଗଠନ ପଞ୍ଜୀକୃତ ହୋଇଥିଲା। ସଂଗଠନଟି ବାଣିଜ୍ୟିକ ଅଭିବୃଦ୍ଧି ସମେତ ସାମାଜିକ ସଶକ୍ତିକରଣ ପାଇଁ ଏକ ମାଧ୍ୟମ। ଏହା ସ୍ଥାନୀୟ ଚାଷୀମାନଙ୍କୁ ନିଜ ଉତ୍ପାଦ ବିକ୍ରୟ କରିବା, ସ୍ଥାୟୀ ଆୟ, ଆର୍ଥିକ ସ୍ଥିରତା ଏବଂ ଜୀବନର ଉନ୍ନତ ଗୁଣବତ୍ତା ପ୍ରଦାନ କରିଥାଏ।**



ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ନୂତନ ଜ୍ଞାନକୌଶଳ ପ୍ରୟୋଗ ବ୍ୟବସାୟରେ ଲାଭ କରିବା ଏହି ସଂଗଠନର ମୂଳ ଲକ୍ଷ୍ୟ। ଏହି ସଂଗଠନଟି ଡାଲି, ପନିପରିବା, କୁକୁଡ଼ା ପାଳନ ଭଳି ପ୍ରମୁଖ କାର୍ଯ୍ୟକଳାପରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦକ୍ଷତା ବିକାଶ ସହିତ ସଦସ୍ୟଙ୍କ ଜୀବନକୁ ପରିବର୍ତ୍ତିତ କରିବାରେ ସହାୟକ ହୋଇପାରିଛି। କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ, ଏନ୍‌ଏଫ୍‌ଏସ୍‌ଏମ୍, ସେଲକୋ ଫାଉଣ୍ଡେସନ୍ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଏହି ସଂଗଠନକୁ ଆର୍ଥିକ ସାହାଯ୍ୟ ମିଳିଛି। ସଂଗଠନଟି ଏକତ୍ରୀକରଣ, ବିପଣନ, ବିହନ, ସାର, କୀଟନାଶକ, ଜୈବିକ ସାର ପ୍ରଭୃତିର ବଣ୍ଟନ, ସ୍ଥାନୀୟ ଡାଲିର ମୂଲ୍ୟବୃଦ୍ଧି, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାରେ ଆଗଭର ହୋଇପଡ଼ିଛି। ତା ସହିତ ସଂଗଠନଟି ଚାଷୀଙ୍କୁ ବଜାର ସହିତ ସିଧାସଳଖ ଯୋଡିହେବାକୁ ସୁଯୋଗ ଦିଏ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ ସହାୟତାରେ ଉପଯୁକ୍ତ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି। ଫଳରେ ଚାଷୀମାନେ ଲାଭାନ୍ୱିତ ହୋଇପାରୁଛନ୍ତି। ଚାଷୀଙ୍କୁ ବିଭିନ୍ନ ସେବା ଯୋଗାଇଦେବା ସମୟରେ ଏହି ସଂଗଠନ ଚାଷରେ ରୋଗ ପୋକ, ଉଚିତ ମୂଲ୍ୟର ଅଭାବ ଆଦି ଅନେକ ସମସ୍ୟା ଦେଇ ଗତି କରିଛି। ଏହାର ସମାଧାନ ସ୍ୱରୂପ ମଧ୍ୟସ୍ଥିବିହୀନ ବଜାର ସଂଯୋଗ, ସାମୂହିକ ବିପଣନ ଓ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ, ଆଧୁନିକ ଜ୍ଞାନ ଓ କୌଶଳ ଜନିତ କର୍ମଶାଳା, ଶିକ୍ଷାମୂଳକ ପରିଭ୍ରମଣ, କୁକୁଡା ପାଳନ ପାଇଁ ପଶୁ ଚିକିତ୍ସା ସହାୟତା ଓ ଟିକାକରଣ ପ୍ରଦାନ, ଫସଲ ବିବିଧିକରଣ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିସାରିଛି। ଯୋଜନା ଏବଂ ଋଣ ସୁବିଧା ପାଇବା ପାଇଁ ବିଭିନ୍ନ ସରକାରୀ ଏଜେନ୍ସୀ ଓ ରାଜ୍ୟ ସରକାରଙ୍କ ସହିତ ସମ୍ପର୍କ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଦିଗରେ ପଦକ୍ଷେପ, ପ୍ରକ୍ରିୟାକରଣ ୟୁନିଟ୍, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନୂତନ ବଜାର ସଂଯୋଗୀକରଣ ବ୍ୟବସ୍ଥା ଆଦି କରିବାର ଲକ୍ଷ୍ୟ ରଖିଛି ଏହି କୃଷକ ଉତ୍ପାଦକ ସଂଗଠନ।


## ରୋଷେଇ ବର୍ଜ୍ୟରୁ ତରଳ ଔଷଧ

**ଗଛକୁ ପ୍ରାକୃତିକ ଖତ ଦେବାକୁ ଚାହୁଁଥିଲେ ରୋଷେଇଘରୁ ତରଳ ଜୈବିକ ଘୋଳ ପ୍ରସ୍ତୁତ କରିପାରିବେ। ଏହି ଜୈବିକ ଘୋଳରେ ସୂକ୍ଷ୍ମ ତତ୍ତ୍ୱ, ଖଣିଜ, ଭିଟାମିନ୍ ଥାଏ। ଏହା ଫସଲକୁ ପୋଷକତତ୍ତ୍ୱ ପ୍ରଦାନ କରିବା ସହ ମାଟିର ଗୁଣବତ୍ତାକୁ ବଜାୟ ରଖି ଗଛ ବୃଦ୍ଧିରେ ସହାୟ ହୁଏ।**



ପରିବା ଧୁଆ ପାଣିରେ ନାନା ପୋଷକତତ୍ତ୍ୱ ରହିଛି। ସେହି ପାଣିକୁ ଏକପାତ୍ରରେ ରଖି ସେଥିରେ ପରିବା ଓ ଫଳ ଚୋପା ପକାଇ ଅଳ୍ପ ମାଟି ଓ ଗୋବର ପକାଇଲେ ପାଣିରେ ଜୈବିକ ତତ୍ତ୍ୱ ସଡ଼ିଯାଏ। ପୋଷକତତ୍ତ୍ୱ ତରଳି ଯାଏ। ଏହି ପାଣିକୁ ଢାଙ୍କୁଣୀ ଦେଇ ୩ ରୁ ୫ ଦିନ ଘୋଡାଇ ଛାଇ ସ୍ଥାନରେ ରଖି ଦୈନିକ ଗୋଳାଯାଏ। ୪ରୁ ୫ ଦିନ ପରେ ଉକ୍ତ ଘୋଳକୁ ଛାଣି ଏକ ଲିଟର ତରଳ ଖତରେ ୫ ଲିଟର ପାଣି ମିଶାଇ ଫସଲରେ ସିଞ୍ଚନ ଦ୍ୱାରା ଗଛକୁ ପୋଷାକତତ୍ତ୍ୱ ମିଳିଥାଏ। ମାଟିର ଗୁଣବତ୍ତା ବୃଦ୍ଧି କରେ। ତେବେ ତରଳ ଖତକୁ ୭ ଦିନ ମଧ୍ୟରେ ଉପଯୋଗ କରିଦେବା ଭଲ।

## ହାତରୁ ଜାଣନ୍ତୁ ମାଟିର ଆର୍ଦ୍ରତା



ଜମିରେ ବିହନ ବୁଣିବା ପୂର୍ବରୁ ଚାଷୀଭାଇ ମାଟିର ଉର୍ବରଶକ୍ତି ଓ ଆର୍ଦ୍ରତା ପରୀକ୍ଷା କରିଥାନ୍ତି। ଅବଶ୍ୟ ଏଥିପାଇଁ ମାଟିକୁ ଲ୍ୟାବ୍‌କୁ ନେବାକୁ ପଡ଼ିଥାଏ। ହେଲେ ଏବେ ଜଣେ ବ୍ୟକ୍ତି ନିଜ ହାତରେ ବି ମାଟିର ଆର୍ଦ୍ରତା ବିଷୟରେ ଜାଣିପାରିବେ। କୃଷି ବିଶେଷଜ୍ଞଙ୍କ ମତରେ ମାଟିରେ ସନ୍ତୁଳିତ ଆର୍ଦ୍ରତା ଥିଲେ ସୋରିଷ, ଚଣା, ମସୁର, ମଟର ଏବଂ ଗହମ ଆଦି ଚାଷ ପାଇଁ ବୁଣାବୁଣି କରିବାକୁ ଭଲ ସମୟ। ତେଣୁ ମାଟିର ଆର୍ଦ୍ରତା ପରୀକ୍ଷା କରିବାକୁ ପ୍ରଥମେ ମାଟିକୁ ହାତରେ ମୁଠା କରିବାକୁ ହୁଏ। ଯଦି ମାଟି ହାତ ପାପୁଲିରେ ଲାଗି ଯାଉଥାଏ, ମାଟିରୁ ପାଣି ନ ଗଡ଼େ ତେବେ ଏହା ଆର୍ଦ୍ରତା ଠିକ୍ ଥିବାକୁ ସୂଚାଏ। ସେହିପରି ଚାଷ ଜମିରେ ଚାଲିଲେ ଯଦି ପାଦ ଚିହ୍ନ ପଡୁଛି ହେଲେ ମାଟି ଆପଣଙ୍କ ଜୋତାରେ ଲାଖିଯାଉନାହିଁ, ତେବେ ବୁଣାବୁଣି କାର୍ଯ୍ୟ କରିପାରିବେ। ସଠିକ୍ ସମୟରେ ଫସଲ ବୁଣିଲେ ଉତ୍ପାଦନ ଭଲ ହୁଏ। ଯଦି ଚାହିଁବେ ବଜାରରେ ମାଟିର ଆର୍ଦ୍ରତା ମାପିବା ପାଇଁ ମିଟର ମିଳୁଛି ତାହାକୁ ମଧ୍ୟ ବ୍ୟବହାର କରିପାରିବେ।

## କୃଷି ପାଣିପାଗ
### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡା ୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଧାନ ବେଙ୍ଗଳା ସମ୍ଭବ ନ ହେଲେ କଟା ଧାନକୁ ପଲିଥିନ୍ ଦ୍ୱାରା ଘୋଡାଇ ସୁରକ୍ଷିତ ରଖନ୍ତୁ। ଜମିରୁ ବଳକା ପାଣି ନିଷ୍କାସନ କରିବାକୁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ।
- ଅମଳ ଉପଯୋଗୀ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଶୀତଦିନିଆ ପରିବା ଓ ଡାଲିଜାତୀୟ ଫସଲକୁ ବୁଣିବା ଓ ଲଗାଇବା କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ। କୀଟନାଶକ ଓ ସାର ପ୍ରୟୋଗ ମଧ୍ୟ ସାମୟିକ ବନ୍ଦ ରଖନ୍ତୁ।
- ଭାରି ବର୍ଷା ଯୋଗୁ ନଇଁ ପଡ଼ିଥିବା ବା ଦୁର୍ବଳ ହୋଇଥିବା କଦଳୀ ଓ ଅମୃତଭଣ୍ଡା ଆଦି ଗଛକୁ ବାଡ଼ି/ବାଉଁଶ ବାନ୍ଧି ଢେରା ଦିଅନ୍ତୁ।
- ପ୍ରାଣୀମାନଙ୍କୁ କୃମିନାଶକ ଔଷଧ ଖୁଆଇବା ଏବଂ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ପାଇଁ ଟିକାକରଣ କରାନ୍ତୁ।
- ଅଧିକ ବର୍ଷା ଯୋଗୁ ପୋଖରୀରୁ ମାଛ ବାହାରି ନ ଯିବା ପାଇଁ ପୋଖରୀ ହୁଡ଼ାରେ ଜାଲ ଲଗାନ୍ତୁ। ବର୍ଷା ସମୟରେ ପ୍ରାଣୀଙ୍କୁ ଘର ଭିତରେ ରଖନ୍ତୁ। ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ।

# ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ବଭୂମା ଦ. ଆଫ୍ରିକା ଅଧିନାୟକ

ଜୋହାନ୍ସବର୍ଗ,୨୭।୧୦(ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ପାକିସ୍ତାନ ସହ ୧-୧ରେ ସିରିଜ୍ ଡ୍ର ରଖିଥିବା ଦକ୍ଷିଣ ଆଫ୍ରିକା ଦଳରେ ଜଣେ ଖେଳାଳି ପରିବର୍ତ୍ତନ କରାଯାଇଛି। ତେମ୍ବା ବଭୂମା ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ଏହା ଛଡ଼ା ଅନ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହି ସିରିଜ୍ ଲାଗି ଦଳରେ ୩ଜଣ ପ୍ରମୁଖ ସ୍ପିନରଙ୍କୁ ସାମିଲ କରାଯାଇଛି। ବାମହାତୀ କେଶବ ମହାରାଜ, ସାଇମନ ହାର୍ମର ଓ ସେନୁରନ ମୁଥୁସ୍ୱାମୀଙ୍କୁ ଦଳରେ ସାମିଲ କରିଛି। ଫାଷ୍ଟ ବୋଲର କାଗିସୋ ରାବାଡା, କର୍ବିନ ବୋଶ୍, ମାର୍କୋ ଜାନ୍‌ସେନ ରହିଛନ୍ତି।ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ କୋଲକାତାରେ ନଭେମ୍ବର ୧୪ରୁ ଆରମ୍ଭ ହେବ। ଏହା ପରେ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳାଯିବ। ଏହା ପରେ ଭାରତ ସହ ନଭେମ୍ବର ୩୦ରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ଡିସେମ୍ବର ୯ରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଘୋଷିତ ଦଳ: ତେମ୍ବା ବଭୂମା (ଅଧିନାୟକ), ଆଇଡେନ୍ ମାର୍କରମ, ରିୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଏଲ ଭେରିନ୍, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟୋନି ଡି ଜୋର୍ଜି, କର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନ୍‌ସେନ, କାଗିସୋ ରାବାଡା, କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର।

**ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି**

## ରୌପ୍ୟ ବିଜୟୀ ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୨୭ ।୧୦ (ସମିସ): ଓମାନର ରାଜଧାନୀ ମସ୍କଟରେ ଉଦ୍‌ଯାପିତ ହୋଇଯାଇଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଭାରତ ରନର୍ସଅପ୍ ହୋଇଛି। ଫାଇନାଲରେ କାଜାଖସ୍ତାନ ୨୭-୦ ସ୍କୋରରେ ଭାରତକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ ଏଥିସହ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜର



ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛି। ଯାହାକି ଏସିଆ ରଗ୍‌ବୀରେ ଶୀର୍ଷସ୍ତରୀୟ ଟୁର୍ଣ୍ଣାମେଣ୍ଟ। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ରୌପ୍ୟ ବିଜୟୀ ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଖେଳାଳି ଖେଳୁଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

**ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ**

## ନିତା ଫୁଟବଲ ଏକାଡେମୀ ବିଜୟୀ

ଭୁବନେଶ୍ୱର,୨୭।୧୦(ସମିସ): ଭୁବନେଶ୍ୱରର ନିତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର ଫୁଟବଲ ଏକାଡେମୀକୁ ପରାସ୍ତ କରି ଏଠାରେ ଚାଲିଥିବା ତୃତୀୟ ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଦଳର ସୋନାଲି ସୋରେନ୍ ଓ ଇପ୍ସିତା ରାଉତ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ତର୍ଜାତୀୟ ଖେଳାଳି ମନୀଷା ପାନ୍ନା ଅତିଥିଭାବେ ଯୋଗ ଦେଇ ସୋନାଲିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ମହମ୍ମଦ୍ ସାହିଦ ଜବାର, ଅଶୋକ ମହାନ୍ତି ଓ ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

# ସେମି ପୂର୍ବରୁ ଭାରତକୁ ଝଟ୍‌କା; ପ୍ରତୀକା ବାଦ୍

ନଭି ମୁମ୍ବଇ, ୨୭ ।୧୦ (ଏଜେନ୍ସି)




ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ (୧୩ ପଏଣ୍ଟ), ଇଂଲଣ୍ଡ (୧୧), ଦକ୍ଷିଣ ଆଫ୍ରିକା (୧୦) ଓ ଭାରତ (୭) ଯଥାକ୍ରମେ ପଏଣ୍ଟ ଟେବଲର ପ୍ରଥମ ୪ଟି ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଏବଂ ଗୁରୁବାର ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ତେବେ ଦ୍ୱିତୀୟ ସେମିଫାଇନାଲ ପୂର୍ବରୁ ଆୟୋଜକ ଭାରତୀୟ ଦଳକୁ ଜୋର୍‌ଦାର ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇନଫର୍ମ ଓପନର୍ ପ୍ରତୀକା ରାୱଲ ବିଶ୍ୱକପ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ବାଂଲାଦେଶ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ପ୍ରତୀକାଙ୍କ ଗୋଇଠି ମୋଡ଼ି ହୋଇଯାଇଥିଲା। ଫଳରେ ସେ ଗୁରୁତର ଆଘାତ ପାଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏପରିକି ଭାରତୀୟ ଇନିଂସରେ ସେ ଆଉ ବ୍ୟାଟିଂ କରିବାକୁ ଆସି ନ ଥିଲେ।

ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ପ୍ରତୀକା ନ ଖେଳିବା ଭାରତୀୟ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ପ୍ରତୀକା ଚଳିତ ବିଶ୍ୱକପ୍‌ରେ ଦମ୍‌ଦାର ଫର୍ମରେ ରହିଥିଲେ। ୭ଟି ଇନିଂସରେ ସେ ୫୧.୩୩ ହାରରେ ୩୦୮ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨୨ ରନର ଦମ୍‌ଦାର ଶତକୀୟ ପାଳି ସାମିଲ ରହିଛି। ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାରେ ପ୍ରତୀକା ସାଥୀ ଖେଳାଳି ସ୍ମୃତି ମନ୍ଧାନା (୩୬୫)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନାଙ୍କ ସହ ପ୍ରତୀକା ବିଶ୍ୱକପ୍‌ରେ ଭାରତକୁ ଏକାଧିକ ମ୍ୟାଚରେ ଉଲ୍ଲେଖନୀୟ ପ୍ରାରମ୍ଭ ଦେଇଛନ୍ତି। ତେଣୁ ଅଷ୍ଟ୍ରେଲିଆ ଭଳି ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲରେ ସେ ନ ଖେଳିବା ଭାରତ ପାଇଁ ନିଶ୍ଚିତ ମହଙ୍ଗା ସାବ୍ୟସ୍ତ ହେବ। ତାଙ୍କ ସ୍ଥାନର ଶେଫାଳି ବର୍ମାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

## ଆଇସିୟୁରୁ ବାହାରିଲେ ଶ୍ରେୟସ୍



ସିଡନୀ,୨୭।୧୦(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଆହତ ହେବା ପରେ ଏବେ ଅଷ୍ଟ୍ରେଲିଆରେ ଚିକିତ୍ସିତ ହେଉଛନ୍ତି। ଦୁଇଦିନ ଧରି ଆଇସିୟୁରେ ରହିବା ପରେ ଆଜି ତାଙ୍କୁ ବାହାର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହୋଇଛି ଖୁବ୍ ଶୀଘ୍ର ଭଲ ହୋଇଯିବେ ବୋଲି ଆଶା କରାଯାଉଛି। ଏହା ମଧ୍ୟରେ ଶ୍ରେୟସଙ୍କ ପରିବାର ସଦସ୍ୟଙ୍କୁ ଖୁବ୍ ଶୀଘ୍ର ସିଡନୀ ପଠାଇବାର ବ୍ୟବସ୍ଥା ହୋଇଛି। କ୍ୟାଚ୍ ଧରିବାକୁ ଯାଇ ଆଘାତ ପାଇବା ପରେ ତାଙ୍କ ପ୍ଲୀହାରେ କ୍ଷତ ହୋଇଥିବାରୁ ସେ ହସ୍ପିଟାଲରୁ କେବେ ଛାଡ଼ ପାଇବେ କିମ୍ବା ସୁସ୍ଥ ହେବାକୁ କେତେଦିନ ଲାଗିବ ତାହା କହିବା କଷ୍ଟକର। ବିସିସିଆଇ ମେଡିକାଲ ଟିମ୍ ତାଙ୍କ ପାଖରେ ରହି ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି।

ସୂଚନାଯୋଗ୍ୟ ଅଷ୍ଟ୍ରେଲିଆ ସହ ସିଡ୍‌ନୀରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରତିପକ୍ଷ ୱିକେଟ ରକ୍ଷକ ଆଲେକ୍ସ କ୍ୟାରୀଙ୍କ ଏକ କ୍ୟାଚ୍ ଧରିବା ବେଳେ ଅଡୁଆ ସ୍ଥିତିରେ ଶ୍ରେୟସ ପଡ଼ିଯାଇଥିଲେ। କ୍ୟାଚ୍ ଧରିବା ପରେ ପଡ଼ିଆରେ ଯନ୍ତ୍ରଣା ଅନୁଭବ କରିବାକୁ ତାଙ୍କୁ ବାହାରକୁ ନିଆଯାଇଥିଲା। ପ୍ରାଥମିକ ଅବସ୍ଥାରେ ତାଙ୍କ ପଞ୍ଜରା ହାଡ଼ରେ ଆଘାତ ଲାଗିଛି ବୋଲି ଆଶଙ୍କା କରାଯାଉଥିଲା। ବିସିସିଆଇ ମେଡିକାଲ ଟିମ୍ କୌଣସି ରିସ୍କ ନ ନେଇ ତାଙ୍କୁ ଶ୍ରୀଘ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍କାନ୍‌ରୁ ଦେହ ଭିତ (ପ୍ଲୀହା)ରେ ରକ୍ତସ୍ରାବ ହେଉଥିବା ଜଣାଯାଇଥିଲା। ଏହା ଜଣାପଡ଼ିବା ପରେ ତାଙ୍କୁ ତୁରନ୍ତ ଆଇସିୟୁରେ ରଖାଯାଇଥିଲା। ତୃତୀୟ ଦିନିକିଆରେ ରୋହିତ ଶର୍ମା- ବିରାଟ କୋହଲିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଭାରତ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା। ଏହା ପରେ ଭାରତୀୟ ଦଳ ବୁଧବାର ଟି-୨୦ ମ୍ୟାଚ୍ ଖେଳିବାକୁ କାନବେରା ଯାଇଛନ୍ତି। କିନ୍ତୁ ଆୟର ମେଡିକାଲରେ ଅଛନ୍ତି। ସେ କେବଳ ଦିନିକିଆ ଫର୍ମାଟ ଲାଗି ମନୋନୀତ ହେଉଥିବାରୁ ଦକ୍ଷିଣ ଆଫ୍ରିକା ସିରିଜ୍ ତାଙ୍କ ଲାଗି ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟ ହେବ। ରାଞ୍ଚିରେ ନଭେମ୍ବର ୩୦ରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। କିନ୍ତୁ ଏହି ସିରିଜ୍‌ରେ ତାଙ୍କର ଖେଳିବା ଆଶା କମ୍ ବୋଲି କୁହାଯାଉଛି।

**ଦିନକ ପରେ ଟି-୨୦ ସିରିଜ୍**

## ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଚିନ୍ତିତ ନୁହନ୍ତି ଗମ୍ଭୀର



କାନବେରା,୨୭।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପ୍ରସ୍ତୁତି ଆରମ୍ଭ କରିଦେଇଛି। କାନବେରାରେ ବୁଧବାରଠାରୁ ଏହି ସିରିଜ୍ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତ ହେଉଥିଲା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମରେ ନାହାନ୍ତି। ସେ ଖେଳିଥିବା ଗତ ୭ଟି ମ୍ୟାଚ୍‌ରେ ମାତ୍ର ୭୨ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏଭଳି ସ୍ଥିତିରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ସହ ସେମାନଙ୍କ ଘରୋଇ ମାଟିରେ ଖେଳିବା ବିଶ୍ୱ ଚାମ୍ପିଅନ ଭାରତ ଲାଗି ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡା ହୋଇଛି। କିନ୍ତୁ ଏହି ଚ୍ୟାଲେଞ୍ଜ କିମ୍ବା ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଆଦୌ ଚିନ୍ତିତ ନୁହଁନ୍ତି ଭାରତୀୟ ହେଡ୍ କୋଚ୍ ଗୌତମ ଗମ୍ଭୀର। ତାଙ୍କ ମତରେ ଭାରତ ଏବେ ଆକ୍ରମଣାତ୍ମକ ବ୍ରାଣ୍ଡ (ଅଲଟ୍ରା ଆଗ୍ରେସିଭ୍)ର କ୍ରିକେଟ ଖେଳୁଛି। ଏହା ଆମ ଯୋଜନାରେ ରହିଛି। ଏଥିରେ ଜଣେ ବ୍ୟାଟର ଫେଲ ହେଲେ କିଛି ଫରକ ପଡ଼ିବ ନାହିଁ। ଯୁବ ଖେଳାଳି ଅଭିଷେକ ଶର୍ମା ଓ ତିଳକ ବର୍ମା ଭଲ ଫର୍ମରେ ଅଛନ୍ତି। ଦଳର ରଣନୀତି ଅନୁଯାୟୀ ସମସ୍ତେ ଖେଳୁଛନ୍ତି। ସୂର୍ଯ୍ୟଙ୍କ ନେତୃତ୍ୱରେ ଭାରତ ଏସିଆ କପ୍ ଚାମ୍ପିଅନ ହୋଇଛି। ଏଣୁ ଦଳର ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିବାକୁ ବଦ୍ଧ ପରିକର ଅଛନ୍ତି। ଏଭଳି ସ୍ଥିତିରେ ସୂର୍ଯ୍ୟକୁମାରଙ୍କ ଫର୍ମ ହରାଇବା ଆମକୁ ଅଡୁଆ ସ୍ଥିତିରେ ପକାଇବ ନାହିଁ ବୋଲି ଗମ୍ଭୀର ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏପରି ଖେଳିବାବେଳେ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ଜଣେ ଖେଳାଳି ଫେଲ୍ ମାରିଲେ, ତାହା କିଛି ପ୍ରଭାବ ପକାଇବ ନାହିଁ। ସୂର୍ଯ୍ୟ ଯଦି ୩୦ ବଲ୍‌ରେ ୪୦ ରନ୍ କରି ଆଉଟ ହୁଅନ୍ତି ଏବଂ ଭାରତ ପରାଜିତ ହୋଇଯାଏ, ତେବେ ତାହା ଦଳର ରଣନୀତି ବିଫଳ ହେଲା ବୋଲି କୁହାଯିବ। ଖେଳାଳିମାନେ ଯେପରି ସାହସିକ କ୍ରିକେଟ ଖେଳୁଛନ୍ତି ତାହା ବେଶ ଉତ୍ସାହଜନକ। ସୂର୍ଯ୍ୟ ରିଦିମକୁ ଫେରିବା ଲାଗି ଗୋଟିଏ ବଡ଼ ଇନିଂସର ଆବଶ୍ୟକତା ରହିଛି। ମୁଁ ଆଶା କରୁଛି ଅଷ୍ଟ୍ରେଲିଆରେ ସେ ଏପରି ଏକ ବଡ଼ ଇନିଂସ ଖେଳିବେ ବୋଲି ଗମ୍ଭୀର କହିଛନ୍ତି।



## ଆହତ ଲାଗି ୨୦୨୫ରେ ଆଉ ଖେଳିବେନି ସିନ୍ଧୁ

ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଆଘାତଜନିତ ସମସ୍ୟା ଲାଗି ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଚଳିତ ସିଜନର ବଳକା ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ୟୁରୋପିଆନ୍ ଲେଗ୍ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଥିବାବେଳେ ସିନ୍ଧୁଙ୍କୁ ପାଦରେ ଆଘାତ ଲାଗିଥିଲା। ଡାକ୍ତରଙ୍କ ପରାମର୍ଶ ପରେ ୩୦ ବର୍ଷୀୟା ଏହି ତାରକା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଚଳିତ ସିଜନରେ ଆଉ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସିନ୍ଧୁଙ୍କ ପାଇଁ ଚଳିତ ବର୍ଷ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ଅଧିକାଂଶ ଟୁର୍ଣ୍ଣାମେଣ୍ଟରେ ସେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଥିଲେ। ଗତବର୍ଷ ଡିସେମ୍ବରରେ ସିନ୍ଧୁ ସୟଦ ମୋଦି ଇଣ୍ଟରନ୍ୟାସନାଲ ସୁପର୍ ୩୦୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ। ଯାହାକି ତାଙ୍କର ଶେଷ ଅନ୍ତର୍ଜାତୀୟ ଟ୍ରଫି ଥିଲା।

**ରାଜ୍ୟ ପାରା ସନ୍ତରଣ ଉଦ୍‌ଯାପିତ**

## ମୋନାଲି, କବିତାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୭।୧୦(ସମିସ): ଓଡ଼ିଶା ରାଜ୍ୟ ପାରା ସନ୍ତରଣ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଆକ୍ୱାଟିକ୍ ସେଣ୍ଟର ପରିସରରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ଟୋବର ୨୫ ଓ ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୪୦ ଜଣ ପାରାସନ୍ତରଣକାରୀ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରୁ ହାଇଦ୍ରାବାଦ୍‌ରେ ନଭେମ୍ବର ୧୫ରୁ ୧୮ ତାରିଖଯାଏ ହେବାକୁ ଥିବା ଜାତୀୟ ପାରାସନ୍ତରଣ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ। ପୁରୁଷ ବିଭାଗରେ ବଲାଙ୍ଗିରର ମୋହନ ମାଝୀ ଓ ନୂଆପଡ଼ାର ଆକାଶ ବନଛୋର ୩ଟି ଲେଖାଏଁ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ କେନ୍ଦ୍ରାପଡ଼ାର ମୋନାଲି ସ୍ୱାଇଁ ଓ ଗଞ୍ଜାମର କବିତା ଦଳାଇ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସୋନାଲି ଚାନ୍ଦ ମୁଖ୍ୟ ଅତିଥି ଓ ଆୟୋଜକ ଓଡ଼ିଶା ପାରା ଆଥଲେଟିକ ଆସୋସିଏସନ ସଭାପତି କମଳାକାନ୍ତ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ସବ୍‌ଜୁନିୟର ବାଳକ ଫୁଟବଲ**

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

କଟକ,୨୭।୧୦(ସମିସ): ପଞ୍ଜାବ ଅମ୍ରିତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ର ପ୍ରଥମ ମ୍ୟାଚରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ମିଜୋରାମ ୧୩-୦ ଗୋଲରେ ଓଡ଼ିଶାକୁ ହରାଇଛି। ପ୍ରଥମାର୍ଦ୍ଧରେ ୬ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ସ୍କୋର କରି ମିଜୋରାମ ସହଜ ବିଜୟ ହାସଲ କରିଥିଲା। ବିଜୟୀ ଦଳର ଏଲ ଜାସନ ୪ଟି, ଅଧିନାୟକ ଏଲ ବର୍ଣ୍ଣାଡ ୩ଟି ଗୋଲ ଦେଇଥିଲେ। ସତ୍ୟଜିତ ସିଂହଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଦଳ ଆସନ୍ତା ୨୯ରେ ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଚାମ୍ପିଅନ ଟାଇଟନ୍ସକୁ ଦେଢ଼ଲକ୍ଷ ଟଙ୍କା ପୁରସ୍କାର




ଭୁବନେଶ୍ୱର,୨୭।୧୦(ସମିସ): ରାଜଧାନୀ ଉପକଣ୍ଠସ୍ଥ ଘାଟିକିଆ ହାଇସ୍କୁଲ ପଡ଼ିଆରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ୍ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଇଟନ୍ସ ଚାମ୍ପିଅନ ଓ ସିଡିଏ ଲାୟନ୍ସ ରନର୍ସ ଅପ୍ ହୋଇଛନ୍ତି। ଚାମ୍ପିଅନ ଦଳକୁ ଦେଢ଼ (୧.୫) ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୮୦,୦୦୦ ଟଙ୍କା ଓ ଟ୍ରଫି ସହ ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟଅତିଥି, ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ରନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

**ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି**

# ଭଲ ସ୍ଥିତିରେ ଉତ୍ତରପ୍ରଦେଶ

କଟକ,୨୭।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ଉତ୍ତରପ୍ରଦେଶ ଦଳ ଭଲ ସ୍ଥିତିରେ ରହିଛି। ପ୍ରଥମ ପାଳିରେ ୧୩୭ ରନର ଅଗ୍ରଣୀ ହାସଲ କରି ସାରିଥିବା ଉତ୍ତରପ୍ରଦେଶ ହାତରେ ଆହୁରି ୪ଟି ୱିକେଟ ବାକି ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସ। ଏଣୁ ପରାଜୟଆଶାକୁ ଏଡାଇ ମ୍ୟାଚ୍ ଡ୍ର ରଖି ୧ ପଏଣ୍ଟ ହାତେଇବାକୁ ଓଡ଼ିଶା ଉଦ୍ୟମ କରିବ ବୋଲି ଅନୁମାନ କରାଯାଉଛି।

**କରନ, ଆରାଧ୍ୟଙ୍କ ଶତକ**

ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ରବିବାର ସୁଦ୍ଧା ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଥିଲା। ଅଧିନାୟକ କରନ ଶର୍ମା ୮୩ରନ ଏବଂ ଆରାଧ୍ୟ ଯାଦବ ୮୦ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଏଠାରେ ଶତକୀୟ ପାଳି ଖେଳି ଦଳ ପାଇଁ ୩ ପଏଣ୍ଟ ନିଶ୍ଚିତ କରିଥିଲେ। କରନ ୧୨୧ରନ କରିଥିବା ବେଳେ ସ୍ପିନର ବାଦଲ ବିଶ୍ୱାଳଙ୍କ ଶିକାର ହୋଇଥିଲେ। ଆରାଧ୍ୟା ୧୦୧ରନରେ ରିଟାୟର୍ଡ ହର୍ଟ ହୋଇ କ୍ରିଜ ଛାଡ଼ିଥିଲେ। ପ୍ରଶାନ୍ତ ବୀର ୬ରନ କରିଥିବା ବେଳେ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ୩ୟ ଦିବସର ଅନ୍ତିମ ବଲରେ ପ୍ରିୟମ ଗର୍ଗଙ୍କୁ ୩୧ରନରେ ସୁମିତ ଶର୍ମା ଆଉଟ କରି ଦଳ ପାଇଁ ୬ଷ୍ଠ ସଫଳତା ଦେଇଥିଲେ। ବିପରାଜ ନିଗମ ୧୪ରନରେ ଅପରାଜିତ ରହିଛନ୍ତି। ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଛନ୍ତି। ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି। ତେବେ ଓଡ଼ିଶାର ପ୍ରମୁଖ ବୋଲରମାନେ ୱିକେଟ ହାସଲ ନକରି ପାରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ରାଜେଶ ମହାନ୍ତି ୧୮ ଓଭର, ସୁନୀଲ ରାଉଳ ୧୪ଓଭର, ଗୋବିନ୍ଦ ପୋଦ୍ଦାର ୧୩ ଓଭର ବୋଲିଂ କରିବା ସତ୍ତ୍ୱେ କୌଣସି ସଫଳତା ପାଇ ନାହାନ୍ତି।

## ରଣଜୀ ଟ୍ରଫି: ୧୪୧ ବଲରେ ପୃଥ୍ୱୀଙ୍କ ଦ୍ୱିଶତକ




ଚଣ୍ଡିଗଡ଼, ୨୭ ।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ମହାରାଷ୍ଟ୍ର ଓପନର୍ ପୃଥ୍ୱୀ ଶ' ବିସ୍ଫୋରକ ଦ୍ୱିଶତକୀୟ ପାଳି ଖେଳି ଚର୍ଚ୍ଚାକୁ ଆସିଛନ୍ତି। ଘରୋଇ ଚଣ୍ଡିଗଡ଼ ବିପକ୍ଷରେ ଚାଲିଥିବା ଏହି ମ୍ୟାଚର ଦ୍ୱିତୀୟ ପାଳିରେ ପୃଥ୍ୱୀ ୧୫୬ ବଲରେ ଅପରାଜିତ ୨୨୨ ରନ କରିଥିଲେ। ଯେଉଁଥିରେ ୨୯ ଚୌକା ଓ ୫ ଛକା ସାମିଲ ରହିଥିଲା। ପୃଥ୍ୱୀ ୧୪୧ ବଲରେ ନିଜର ଦ୍ୱିଶତକ ପୂରଣ କରିଥିଲେ। ଫଳରେ ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ସେ ତୃତୀୟ ଦ୍ରୁତତମ ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଦ୍ୱିଶତକ ହାଇଦରାବାଦ୍ ଓପନର୍ ତନ୍ମୟ ଅଗ୍ରୱାଲଙ୍କ ନାମରେ ରହିଛି। ଗତବର୍ଷ ତନ୍ମୟ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୧୯ ବଲରେ ଦ୍ୱିଶତକ ପୂରଣ କରିଥିଲେ। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରବି ଶାସ୍ତ୍ରୀ ରହିଛନ୍ତି। ୧୯୮୫ରେ ବରୋଦା ବିପକ୍ଷ ମ୍ୟାଚରେ ମୁମ୍ବଇ ତାରକା ଶାସ୍ତ୍ରୀ ୧୨୩ ବଲରେ ଦ୍ୱିଶତକ ମାରିଥିଲେ।

## ଭୁବନେଶ୍ୱର-ବି'କୁ ଜିତାଇଲେ ମୃତ୍ୟୁଞ୍ଜୟ

କଟକ,୨୭।୧୦(ସମିସ): ୧୬ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଆଜି ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୮ ୱିକେଟରେ ସମ୍ବଲପୁର-ବିକୁ ପରାସ୍ତ କରିଛି। ଦଳର ପ୍ରମୁଖ ଅଲରାଉଣ୍ଡର ମୃତ୍ୟୁଞ୍ଜୟ ରାୟ ଲେଗବ୍ରେକ୍ ସ୍ପିନ ଯାଦୁରେ ସମ୍ବଲପୁରର ୪ଟି ୱିକେଟ ଦଖଲ କରିଥିଲେ। ୨୨ରନ ବିନିମୟରେ ମୃତ୍ୟୁଞ୍ଜୟଙ୍କୁ ଏହି ସଫଳତା ମିଳିଥିଲା। ସମ୍ବଲପୁର-ବିର ଇନିଂସ୍ ମାତ୍ର ୬୬ରନରେ ସୀମିତ ରହିବା ପରେ ଦୁଇ ୱିକେଟ ହରାଇ ଭୁବନେଶ୍ୱର-ବି ବିଜୟୀ ହୋଇଥିଲା। ମୃତ୍ୟୁଞ୍ଜୟ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



**ସିକେ ନାଇଡୁ ଟ୍ରଫି**

## ବଡ଼ ଅଗ୍ରଣୀ ଲକ୍ଷ୍ୟରେ ଓଡ଼ିଶା



କଟକ,୨୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଅଗ୍ରଣୀର ନିକଟତର ହୋଇଛି। ଆସାମର ପାଳିକୁ ୨୧୬ ରନରେ ସୀମିତ ରଖିବା ପରେ ଘରୋଇ ଓଡ଼ିଶା ଦଳ ୩ ୱିକେଟ ବିନିମୟରେ ୧୬୯ରନ ସଂଗ୍ରହ କରିଛି। ଓପନର ଓମ ଟି ମୁଣ୍ଡେ ୮୪ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଅସମାପ୍ତ ପ୍ରଥମ ପାଳି ୨୦୦/୯ରୁ ଆଜି ଆସାମ ବ୍ୟାଟିଂ ଆରମ୍ଭ କରିଥିଲା। ୯୪ରନରେ ଅପରାଜିତ ଥିବା ରାଜବୀର ସିଂହ ୧୦୫ରନ କରି ଆୟୁଷ ବାରିକଙ୍କ ୩ୟ ଶିକାର ପାଲଟିଥିଲେ। ଆସାମର ଇନିଂସ୍ ୨୧୬ରନରେ ପରିସମାପ୍ତି ଘଟିଥିଲା। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଓମ୍ ଏବଂ ପାନକଲ ଶଶାଙ୍କ ଓପନିଂ ଯୋଡ଼ିରେ ୧୦୩ରନର ଭାଗିଦାରୀ ସୃଷ୍ଟି କରିଥିଲେ। ଶଶାଙ୍କ ୪୮ରନ, ଓମ୍ ୮୪ରନରେ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧ରନରେ ଆଉଟ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS